
ହୃଦୟ-41

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


* ଅଷ୍ଟମ ପୁଷ୍ପ * ଚତୁର୍ଥ ପାଖୁଡ଼ା * ଏକ ଚତ୍ୱାରିଂଶତମ ସଂଖ୍ୟା *

ସଂପାଦକ : କେଶବ ଦାସ

ପ୍ରକାଶକ : କେଶବ ଚନ୍ଦ୍ର ସାମଲ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୭୧୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜିଃ କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

* ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି *

❀ କେଶବାବ୍ଦ : ପଞ୍ଚପଞ୍ଚାଶତ୍ ❀ ମର୍ତ୍ତ୍ୟାବତରଣ ମାସ ❀ କୁମାର ପୂର୍ଣ୍ଣିମା ❀

# ପ୍ରବେଶ ପରିଚିତି

ଅଷ୍ଟମ ପୁଷ୍ପ
ଚତୁର୍ଥ ପାଖୁଡ଼ା
ଏକ ଚତ୍ୱାରିଂଶତମ ସଂଖ୍ୟା

ପୁନଃ ମୁଦ୍ରଣ : ଦେବାଭିଷେକ ପୂର୍ଣ୍ଣିମା, ୨୦୧୪ ମସିହା

**❖ ବୈଦିକ ପ୍ରାର୍ଥନା ❖**

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ


| ବିଷୟ | ପୃଷ୍ଠା |
| --- | --- |
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| [illegible]ସ୍ତବକ | ୧ |
| ଗୁର୍ବାଗଂଜନ ମୋହ | ୨ |
| **ମୁଖଶାଳା** [illegible] | ୩ |
| ସଂପାଦକୀୟ | ୪ |
| ‘[illegible]ନ : ଏ ପାଖୁଡ଼ାରେ | ୬ |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୮ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ ଓ ମୀମାଂସାଖଣ୍ଡ | ୯ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୫ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୬ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୨୦ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୩ |
| ଜିଜ୍ଞାସା : ଜିଜ୍ଞାସୁ : | ୨୬ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୯ |
| କେଶବ କୈବଲ୍ୟ କଣିକା | ୩୦ |
| କ[illegible] ତୋତେ | ୩୨ |
| ଚରମର ସଙ୍କେତ : ଉତ୍ସବ ପରିଚିତି | ୩୪ |
| ଆଶ୍ରମ ସନ୍ଦେଶ | ୪୫ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, ‘ଚରମ’ ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ



> ପିବନ୍ତି ଭକ୍ତାଃ ଗୁରୁନାମ ନିତ୍ୟମ୍
> ପ୍ରିୟ ପିବନ୍ତି ପତିପ୍ରେମ ରସମ୍ ।
> ଜିହ୍ବେ ପିବସ୍ୱ ମଧୁରଂ ମନୋଜ୍ଞମ୍
> କେଶବ ନାମାମୃତରାଶି ନିତ୍ୟମ୍ ॥

## ମଙ୍ଗଳାଚରଣ

### ଶ୍ରୀପଦ ସ୍ତୁତି ସ୍ତବକ

ଶ୍ରୀପଦ ପଙ୍କଜ ପୀଠେ ପ୍ରଣତି ।
ଶ୍ରୀପଦ ଅଟଇ ଅଗତି-ଗତି ॥୧॥
ଶ୍ରୀପଦ ବତାଏ ଚଳଣି ଦିଶା ।
ଶ୍ରୀପଦ କାଟଇ ସର୍ବ ଦୁର୍ଦ୍ଦଶା ॥୨॥
ଶ୍ରୀପଦ ବିତରେ ଚରମନାଦ ।
ଶ୍ରୀପଦ ଅଟଇ ପରମପାଦ ॥୩॥
ଶ୍ରୀପଦ କମଳ ହରଇ ବ୍ୟଥା ।
ଶ୍ରୀପଦ ଶୁଣଇ ଅନ୍ତର କଥା ॥୪॥
ଶ୍ରୀପଦ ଭବସାଗର ତରଣି ।
ଶ୍ରୀପଦ ଦେଖୁଛି ସର୍ବ କରଣି ॥୫॥
ଶ୍ରୀପଦ ପଦ୍ମ ପୀଠରେ ମିନତି ।
ଶ୍ରୀପଦ ଦିଅଇ ଗତି ମୁକତି ॥୬॥
ଶ୍ରୀପଦ ପଙ୍କଜ ହରଇ ମୋହ ।
ଶ୍ରୀପଦ ପୋଛଇ ଅନ୍ତରୁ କୋହ ॥୭॥
ଶ୍ରୀପଦ ପଙ୍କଜ ଜଣାଏ ପ୍ରୀତି ।
ଶ୍ରୀପଦ ଶିଖାଏ ପୀରତି ରୀତି ॥୮॥
ଶ୍ରୀପଦ ଭକତ ଭାବରେ ବନ୍ଧା ।
ଶ୍ରୀପଦରେ ଜୀବ ଜୀବନ ଛନ୍ଦା ॥୯॥
ଶ୍ରୀପଦ କମଳ ଭକ୍ତ-ଜୀବନ ।
ଶ୍ରୀପଦ ଭକତ ନୁହଁନ୍ତି ଭିନ୍ନ ॥୧୦॥
ଶ୍ରୀପଦ ଅଟଇ ଚରମ ପାଦ ।
ଶ୍ରୀପଦରୁ ଝରେ ଚରମ ସ୍ୱାଦ ॥୧୧॥
ଶ୍ରୀପଦ କମଳ ମୁକତି ଧାମ ।
ଶ୍ରୀପଦ ହରଇ ଇନ୍ଦ୍ରିରୁ କାମ ॥୧୨॥
ଶ୍ରୀପଦ ପଙ୍କଜ ନିର୍ଭୟ ସ୍ଥଳ ।
ଶ୍ରୀପଦ ଦିଅଇ ଧରମ ବଳ ॥୧୩॥
ଶ୍ରୀପଦ ଯୁଗଳ ନିଃସ୍ୱାର୍ଥପର ।
ଶ୍ରୀପଦ ନଜାଣେ ଆପଣାପର ॥୧୪॥
ଶ୍ରୀପଦ ଭକତ-ଭାବରେ ଖେଳେ ।
ଶ୍ରୀପଦ ଅନ୍ତରୁ ଅଭାବ ଟାଳେ ॥୧୫॥
ଶ୍ରୀପଦ ପଙ୍କଜ ଭାବ ପିଆସୀ ।
ଶ୍ରୀପଦ ହୃଦୟେ ବିରାଜେ ଆସି ॥୧୬॥
ଶ୍ରୀପଦ ବୁଝଇ ବିମଳ ପ୍ରେମ ।
ଶ୍ରୀପଦ ଅଟଇ ପରମ ଧାମ ॥୧୭॥
ଶ୍ରୀପଦ ନିଷ୍କାମ ପ୍ରେମର ସ୍ଥଳ ।
ଶ୍ରୀପଦ ବିତରେ ସାଧନ ଫଳ ॥୧୮॥
ଶ୍ରୀପଦୁ ଝରଇ ପ୍ରେମ ମଦିରା ।
ଶ୍ରୀପଦ ପୂରାଏ ଶୂନ୍ୟ ପସରା ॥୧୯॥
ଶ୍ରୀପଦ କମଳ ନି-ଶା-ରେ ଭରା ।
ଶ୍ରୀପଦ ନିତ୍ୟ ଶାନ୍ତିର ପସରା ॥୨୦॥
ଶ୍ରୀପଦକୁ ଧର ହୋଇବ ପାର ।
ଶ୍ରୀପଦ ହରିବ ବେଦନା ଭାର ॥୨୧॥
ଶ୍ରୀପଦ ତ୍ରିତାପ କରେ ଖଣ୍ଡନ ।
ଶ୍ରୀପଦକୁ ହୃଦେ କର ମଣ୍ଡନ ॥୨୨॥



# ସିଂହଦ୍ୱାର

‘ତତ୍ତ୍ୱମାଳିକା ଭଜନ’ରୁ ସଂଗୃହୀତ ଓ ଉଦ୍ଧୃତ

## : ଗୁର୍ବାଗଂଜନ ମୋହ :

**ବାୟା ମନ, କେଶବ ଭଜ,**
ଗୁରୁବାଗଂଜନ ମୋହକୁ ହେଜ-
ବାୟାମନ, କେଶବ ଭଜ ।। ଘୋଷା ।।
ଧାରାରେ କରମ ନ କରି ଭରମ
କଲେ କିବା କୃପା ମିଳେ,
କରି କରାଉଛି ବୋଲି ତୁ’ ମୁରୁଛି
ନିଜ ଭାବେ ଥିଲେ ଖିଳେ,
ମିଳେନା କରୁଣା ହୋଇଥାଏ ଭଣା
ଜଗତେ ଆପଣା କରଣି ତେଜ ।।୧।।
ମନମୁଖୀ ସାଜି ବଡ଼ିମାକୁ ହେଜି
ଧାରା ଛୁଡ଼ି ଫଳ ଆଶା,
ଗୁରୁଙ୍କୁ ଗଞ୍ଜଣା ହୋଇଥାଏ ସିନା
କି ଲାଭ ଫୁଟିଲେ ଭାଷା;
ସବୁ ଜାଣି ଶୁଣି ନ କରି କରଣି
ହେଉଅଛୁ ମିଛେ ଫଳକୁ ସଜ ।।୨।।
ଗୁରୁବା ଗଂଜନ ମୋହର ବଂଧନ
ବନ୍ଧ ଯେହୁ ସେହୁ ଯାଏ,
କରମ ବିହୀନ ହୋଇ ହୁଏ ହୀନ
ଗୁରୁଙ୍କ କୃପା ନ ପାଏ;
ରକ୍ଷା ନ କରନ୍ତି ଦୂରେଇ ରହନ୍ତି
ଘୁଣ ଖାଏ ତା’ର ମରମ ମଂଜ ।।୩।।

# ଭଜନ

ଏ କି ଅବିଚାର କର ହେ ଠାକୁର ଜଗତକରତା ହୋଇ
ଶରଣାଗତରେ ତାଡ଼ନା କରିବା କେଉଁଠାରୁ ଶୁଣିନାହିଁ ।

ସବୁ ଆଶା ଛାଡ଼ି ତୁମକୁ ଧରିଛି
ତୁମରି ଶ୍ରୀପଦେ ଦୁଃଖ ଜଣାଉଛି
ବେଳୁବେଳ ପ୍ରଭୁ ନିରାଶ ହେଲିଣି, ପରାସ ମୋ ସବୁନାହିଁ ।।

ନିଷ୍ଠୁର ନ ହୁଅ ଜଗତକରତା
ତୁମେ ପରା ଅଟ ଭାଗ୍ୟର ନିୟନ୍ତା
ଦାତା ହୋଇ ଯେବେ କୃପଣ ହୋଇବ ସାହା ମୋର କେହି ନାହିଁ ।।

ଭଣ୍ଡାରୁ କରୁଣା ଗଲାଣିକି ସରି
ଦେଇଥିଲ ଯାହା ନେଲଣିତ ହରି
ଶ୍ରୀରଙ୍ଗାଚ଼ରଣେ ଶରଣ ମାଗୁଛି ରଖ ଶେଷଥର ପାଇଁ ।।

# ମୁଖଶାଳା

## ସଂପାଦକୀୟ

### ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!

ସନ୍ଥ କବି ଭୀମଭୋଇ ଗାଇଛନ୍ତି :

‘ଅନେକ କର୍ମରେ ଥାଉ ପଛେ ସେହୁ
ଗୁରୁପାଦେ ରଖୁ ଚିତ୍ତ
ସଦଗୁରୁ ପାଦେ ସେବା ରଖିଥିଲେ
ମୋକ୍ଷ ହେବ ପରାପତ ।’

ଜୀବ ବିଷୟ ସଂସାରରେ ସକଳ ଜାଗତିକ କର୍ମରେ ଅହରହ ଲିପ୍ତଥାଇ ମଧ ଶ୍ରୀଗୁରୁଙ୍କ ଶ୍ରୀପାଦପଦ୍ମ ପୀଠରେ ମନୋନିବେଶ କରି ପଦସେବାରେ ମନପ୍ରାଣ ଢ଼ାଳି ଦେଲେ ଗୁରୁକୃପା ଅବଶ୍ୟ ଲାଭ କରି ମୋକ୍ଷପ୍ରାପ୍ତ ହେବ ହିଁ ହେବ । ବୈଦିକ ଯୁଗ ପୂର୍ବରୁ ଏପର୍ଯ୍ୟନ୍ତ ବିଶ୍ୱରେ ବିଶେଷତଃ ଭାରତବର୍ଷରେ ଗୁରୁବାଦ ଓ ଗୁରୁ ପରମ୍ପରା ପାରମ୍ପରିକ ରୀତିନୀତିରେ ସମୟସ୍ରୋତର ପ୍ରତିଟି ତରଙ୍ଗରେ ଗଙ୍ଗାଳିକା ଭଳି ଗଡ଼ି ଆସୁଛି । ଗୁରୁଶିଷ୍ୟ ସଂପର୍କ ଅତୀବ ପବିତ୍ର, ସୁନ୍ଦର, ମନୋରମ ଓ ଶୁଭ୍ର । ଗୁରୁଭକ୍ତିର ପଟାନ୍ତର ନାହିଁ । ଶିଷ୍ୟ ପାଇଁ ଗୁରୁକୃପା ହିଁ ଅମୋଘ ରକ୍ଷାକବଚ । ‘ଶ୍ରୀ ଚୈତନ୍ୟ ଚରିତାମୃତ’ରେ ଗୁରୁକୃପାର ମହିମା ଓ ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ ଅଛି:

‘କୃଷ୍ଣ ରୁଷ୍ଟ ହଲେ ଗୁରୁ ରାଖିତେ ଯେ ପାରେ ।
ଗୁରୁ ରୁଷ୍ଟ ହଲେ କୃଷ୍ଣ ରାଖିତେ ନା ପାରେ ॥’

ଈଶ୍ୱର ଅସନ୍ତୁଷ୍ଟ ହୋଇ କ୍ରୋଧ କଲେ, ଗୁରୁ ଆପଣାର କୃପାଞ୍ଚଳ ବଳରେ ଶିଷ୍ୟଙ୍କୁ ଈଶ୍ୱରୀୟ କ୍ରୋଧାଗ୍ନି କବଳରୁ ରକ୍ଷା କରିବାକୁ ସମର୍ଥ ହୁଅନ୍ତି/ଅଟନ୍ତି । ମାତ୍ର ଗୁରୁ କୌଣସି କାରଣରୁ ଶିଷ୍ୟ ପ୍ରତି ଅସନ୍ତୋଷ ପ୍ରକାଶ କରି ରୁଷ୍ଟ ହେଲେ, ଶିଷ୍ୟର ଆଉ କେହି ରକ୍ଷାକର୍ତ୍ତା ନଥାନ୍ତି; ଏପରିକି ସ୍ୱୟଂ ଭଗବାନ ମଧ ଗୁରୁଙ୍କ କ୍ରୋଧାଗ୍ନିର କରାଳ ବିଭୀଷିକାରୁ ରକ୍ଷା କରିବାରେ ନିଜର ଅସାମର୍ଥ୍ୟ ପ୍ରକାଶ କରିଥାଆନ୍ତି । କାରଣ ସ୍ୱୟଂ ନାରାୟଣ ହିଁ ଗୁରୁଙ୍କ ଶରୀରରେ ବିରାଜି ଥାଆନ୍ତି । ଶ୍ରୀମଦ୍ ଭାଗବତରେ ଏହି ପ୍ରସଙ୍ଗରେ ଜଗନ୍ନାଥ ଦାସ ଗାଇ ଅଛନ୍ତି :

‘ଗୁରୁ ଚରଣେ ନମସ୍କାର । ଯତ୍ନେ କରିବ ସପ୍ତବାର ॥
ସାକ୍ଷାତେ ଗୁରୁ ଯେ ଈଶ୍ୱର । ଗୁରୁଙ୍କୁ ନମଣିବ ନର ॥
ଗୁରୁଟି ସର୍ବ ଦେବମୟେ । ମୁହିଁ ବସଇ ଗୁରୁ ଦେହେ ॥’

ଭଗବାନ କୃଷ୍ଣ ସ୍ୱମୁଖରେ ଶ୍ରୀଗୁରୁଙ୍କର ମହିମା ଓ ମହତ୍ତ୍ୱ ପ୍ରସଙ୍ଗରେ ଏହା ପ୍ରକାଶ କରି ସ୍ୱୟଂ ଗୁରୁଙ୍କ ପୂତପବିତ୍ର ପୁଣ୍ୟ ଦେହରେ ବିରାଜମାନ କରିଥିବା ସ୍ୱୀକାର କରିଛନ୍ତି ॥

ଗୁରୁ ବ୍ରହ୍ମବିଦ୍ୟା ଶିଷ୍ୟଙ୍କୁ ଦାନ କରନ୍ତି । ଏହି ବିଦ୍ୟା ଅବିଦ୍ୟା (ମାୟା) ଦୂର କରେ । ସୂର୍ଯ୍ୟ ଉଦୟ ସହିତ ଅନ୍ଧକାର ସ୍ୱତଃ ଅପସାରିତ ହୋଇଯିବା ଭଳି ଶ୍ରୀଗୁରୁଙ୍କ କୃପା କରୁଣା ଓ କଲ୍ୟାଣରୁ ଶିଷ୍ୟ ବ୍ରହ୍ମଜ୍ଞାନ ପ୍ରାପ୍ତ ହେଲେ, ସକଳ ଅଜ୍ଞାନତା ଦୂର ହୁଏ । ବ୍ରହ୍ମବିଦ୍ୟା ବ୍ୟତୀତ ଅନ୍ୟ ସମସ୍ତ ହିଁ ଅବିଦ୍ୟା, ବ୍ରହ୍ମଜ୍ଞାନ ବ୍ୟତୀତ ବାକି ସବୁହିଁ ଅଜ୍ଞାନତା । ଶିଷ୍ୟ ଭକ୍ତି, ସେବା ଓ ଦାନ ଦ୍ୱାରା ଶ୍ରୀଗୁରୁଙ୍କୁ ସନ୍ତୁଷ୍ଟ କରି ଏହି ଦୁର୍ଲ୍ଲଭ ଜ୍ଞାନ ଓ ବିଦ୍ୟା ଲାଭ କରିବାକୁ ଯୋଗ୍ୟତାପ୍ରାପ୍ତ ହୁଏ । ଅପର ପକ୍ଷରେ:

‘ଗୁରୁ ନିନ୍ଦା କଲେ ପ୍ରାପ୍ତ ନ ହୁଅଇ ବିଦ୍ୟା ।
ବାତୁଳ ହୋଇ ବୁଲନ୍ତି ନୋହି ଯୋଗସିଦ୍ଧା ।’’ (ସାରଳା ଦାସ)

ଗୁରୁକୃପାରୁ ଲବ୍ଧବିଦ୍ୟା ହିଁ ବିଦ୍ୟା ଓ ଏହି ବିଦ୍ୟା ବିଶେଷ ଭାବରେ ମୁକ୍ତି ଦେଇ ଜୀବ (ଶିଷ୍ୟ)କୁ ସକଳ ବନ୍ଧନରୁ ମୁକ୍ତ କରିପାରେ । 'ସା ବିଦ୍ୟା ଯା ବିମୁକ୍ତୟେ ।' ଯାହାର ପ୍ରାପ୍ତି ଜୀବକୁ ସକଳ ବନ୍ଧନରୁ ବିଶେଷ ଭାବରେ ମୁକ୍ତ କରେ, ତାହାହିଁ ବିଦ୍ୟା, ଆଉ ସବୁ ଅବିଦ୍ୟା ଓ ଅଜ୍ଞାନତା ॥

କାନ୍ତକବି ଲକ୍ଷ୍ମୀକାନ୍ତ ଗୁରୁଙ୍କ ମହିମାଗାନ କରି ଗାଇ ଉଠନ୍ତି:

'ଅନ୍ଧାରରେ ବୁଡ଼ି ରହିଥିଲି ମୁଁ ଅଜ୍ଞାନ
ଦୟାକରି ଗୁରୁ ମୋତେ କଲେ ଜ୍ଞାନ ଦାନ ।
ଗୁରୁ ଯେ ଅଟନ୍ତି ସର୍ବ ଦେବତାଙ୍କ ସାର
ଗୁରୁଙ୍କ ମହିମା ତେଣୁ ଅଟଇ ଅପାର ।
ଗୁରୁଙ୍କର ଆଜ୍ଞା ସଦା ଶିରେ ଥିବ ଘେନି
ସ୍ମରଣ କରିବ ତାଙ୍କ ଶ୍ରୀଚରଣ ବେନି ।
ଗୁରୁଦେବ କୃପାମୟ
ଗାଅ ସର୍ବେ ମିଳି 'ଜୟ ଗୁରୁଙ୍କର ଜୟ' ॥

ଭାଗବତରେ ଉଲ୍ଲେଖ ଅଛି ଅବଧୂତଙ୍କ ପରି ଭକ୍ତ ଶିରୋମଣି ଚବିଶ (୨୪) ଗୁରୁ କରିଥିଲେ । ସେ ଗୁରୁଦ୍ରୋହ ଅପରାଧ ଦୋଷରେ ଦୁଷ୍ଟ ହୋଇ ନ ଥିଲେ । ଆମେ ଆବଶ୍ୟକମତେ ଏକାଧିକ ଗୁରୁ ବରଣ କରିବାରେ ବାଧା ନାହିଁ । ଜୀବନର ପ୍ରତିଟି ପଦକ୍ଷେପରେ ଆମେ କେଉଁଠୁ ନା କେଉଁଠୁ, କାହାଠାରୁ ନା କାହାଠାରୁ କିଛି ନା କିଛି ଶିକ୍ଷା କରୁଁ, ଜ୍ଞାନ ଅର୍ଜନ କରୁଁ । ସେମାନେ ସମସ୍ତେ ଆମର ଗୁରୁ ଶ୍ରେଣୀୟ, ଯଦିଓ ଆମର ଜଣେ କୁଳଗୁରୁ, ଜଣେ ଦୀକ୍ଷାଗୁରୁ ଅବଶ୍ୟ ଥାଆନ୍ତି । ତେଣୁ ସଦ୍‌ଶିକ୍ଷା ଦେଇ କୁହାଯାଇଛି :

'ଭଲ କଥାଟିଏ ଯାହାଠାରୁ ଗୋ ଶିଖିବ
ଅବା ଯାହାଠାରୁ କିଛି ଜ୍ଞାନ ଅରଜିବ,
ତାଙ୍କୁ ଗୁରୁ ବୋଲି କହି
ଭକତି କରିବ ସଦା ତାଙ୍କୁ ପ୍ରିୟ ସହି ।' (ଲକ୍ଷ୍ମୀକାନ୍ତ)

ଉପର୍ଯ୍ୟୁକ୍ତ ଆଲୋଚନା ଅବସରରେ ଶ୍ରୀଗୁରୁସ୍ୱାମୀଙ୍କର ପୂତପବିତ୍ର ପଦ୍ମପାଦ ସ୍ମରଣ କରି ତାଙ୍କ ପ୍ରତି ହୃଦୟର ଗଭୀର କୃତଜ୍ଞତା ଓ ଭକ୍ତି ନିବେଦନ ପୂର୍ବକ ତାଙ୍କର ଶରଣାଗତ ହୋଇ ତାଙ୍କରି କୃପା କରୁଣା କଲ୍ୟାଣ ପ୍ରାପ୍ତିର ବାସନା ପୂର୍ତ୍ତି ନିମନ୍ତେ ବିନମ୍ର ପ୍ରାର୍ଥନା କରି ଆସନ୍ତୁ ସଭିଏଁ ମିଳି ଐକ୍ୟତାନରେ ଏକସ୍ୱରରେ ଗାଇ ଉଠିବା :

'ଆହେ ଦୟାମୟ ଯଦୁନନ୍ଦନ !
ତୁମେ ଆମ ଲଲାଟର ଚନ୍ଦନ ॥
ଆମେ ଅବୋଧ ଅଜ୍ଞାନ ସନ୍ତାନ ।
ତୁମପାଦେ ଢାଳି ମନ-ସୁମନ ॥
ଲୟ ରଖିଅଛୁ ତୁମ ଚରଣେ ।
ରହିବାକୁ ସଦା ତୁମ ଶରଣେ ॥'' ଇତ୍ୟାଦି ॥

ଅଳମତି ବିସ୍ତରେଣ !
ଓମିତି ନମସ୍କାରାନ୍ତେ-
ଶ୍ରୀକେଶବ ସମର୍ପଣମସ୍ତୁ !!

ବିନୀତ
କେଶବଦାସ,
ସଂପାଦକ, 'ଚରମ' ॥

# 'ଚରମ' ର ଚିନ୍ତନ : ଏ ପାଖୁଡ଼ାରେ

## ଈଶ୍ୱର : ବ୍ୟକ୍ତ ଓ ଅବ୍ୟକ୍ତ

ତୁମେ ଯାହାକୁ ବ୍ୟକ୍ତିତ୍ୱଭାବାପନ୍ନ ଈଶ୍ୱର (ଠାକୁର) କହୁଛ, ମୋ ମତରେ ସେ ହେଉଛନ୍ତି ନୈର୍ବ୍ୟକ୍ତିକ ସତ୍ତା । ଏକ ସମୟରେ ସେ ବ୍ୟକ୍ତ ଓ ଅବ୍ୟକ୍ତ, ସାକାର ଓ ନିରାକାର । ଆମ୍ଭେମାନେ ପ୍ରତ୍ୟେକେ ମଧ୍ୟ ବ୍ୟକ୍ତିତ୍ୱସମ୍ପନ୍ନ ନୈର୍ବ୍ୟକ୍ତିକ ସତ୍ତା । ଏହି କଥାକୁ ନିରପେକ୍ଷ ଭାବରେ ବ୍ୟବହାର କଲେ, ଆମ୍ଭେମାନେ ପ୍ରତ୍ୟେକେ ଅବ୍ୟକ୍ତ ଏବଂ ଆପେକ୍ଷିକ ଭାବରେ ବ୍ୟବହାର କଲେ, ଆମ୍ଭେମାନେ ପ୍ରତ୍ୟେକେ ବ୍ୟକ୍ତ । ତୁମ୍ଭେମାନେ ପ୍ରତ୍ୟେକେ ହିଁ ବିଶ୍ୱସତ୍ତା, ସମସ୍ତେ ହିଁ ସର୍ବବ୍ୟାପୀ । ଏହା ଶୁଣିବା ମାତ୍ରେ ହୁଏତ ତୁମ୍ଭମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ମଥା ଘୂରେଇବ । କିନ୍ତୁ ମୁଁ ଠାକୁରଙ୍କ ପାଦପଦ୍ମପୀଠରେ ବସି ପ୍ରଭୁଙ୍କ ନିର୍ଦ୍ଦେଶମତେ ଲେଖାଲେଖି କରୁଛି—ଏକଥା ଯେପରି ସତ୍ୟ, ସେ କଥା ମଧ୍ୟ ସେପରି ସତ୍ୟ । ଆତ୍ମା କିପରି ସର୍ବବ୍ୟାପୀ ହୋଇ ପାରିବନି ? ଆତ୍ମାର ଦୈର୍ଘ୍ୟ ନାହିଁ, ପ୍ରସ୍ଥ ନାହିଁ, ମୋଟେଇ ବା ଉଚ୍ଚତା ମଧ୍ୟ ନାହିଁ । ଜଡ଼ବସ୍ତୁଠାରେ ଯେଉଁସବୁ ଧର୍ମ ଦେଖାଯାଏ, ସେସବୁ ଆତ୍ମାର ନାହିଁ । ଆମ୍ଭେମାନେ ସମସ୍ତେ ଯଦି ଆତ୍ମା ହେଉଁ, ତାହାହେଲେ ସ୍ଥାନ (Space) ଦ୍ୱାରା ପରିଛିନ୍ନ ହୋଇ ପାରିବୁ ନାହିଁ, ଦେଶ ଦେଶ ମଧ୍ୟରେ ସୀମା ରହିଛି, ଗୋଟିଏ ଦେଶ ଅନ୍ୟ ଗୋଟିଏ ଦେଶଠାରୁ ଏହି ସୀମାରେଖା ଦ୍ୱାରା ବିଚ୍ଛିନ୍ନ । ସେହିପରି ଗୋଟିଏ ଜଡ଼ବସ୍ତୁ ବା ବ୍ୟକ୍ତି ଅନ୍ୟ ଏକ ଜଡ଼ବସ୍ତୁ ବା ବ୍ୟକ୍ତି ଠାରୁ ଶରୀର ଦ୍ୱାରା ବିଚ୍ଛିନ୍ନ । ଆମ୍ଭେମାନେ ଯଦି କେବଳ ମାତ୍ର ଶରୀରରେ ଆବଦ୍ଧ ଥାଆନ୍ତୁ, ତାହାହେଲେ ଆମ୍ଭେମାନେ ଜଡ଼ ବସ୍ତୁହିଁ ହୋଇ ଯାଆନ୍ତୁ । ଶରୀର, ଆତ୍ମା, ମନ-ସବୁକିଛି ଜଡ଼ ହୋଇ ଥାଆନ୍ତା । 'ଶରୀରରେ ବାସ କରିବା', 'ଆତ୍ମାକୁ ଶରୀରରେ ଆବଦ୍ଧ କରି ରଖିବା' ପ୍ରଭୃତି କଥାଗୁଡ଼ିକର କୌଣସି ଅର୍ଥ ହିଁ ରହନ୍ତା ନାହିଁ ।''

ଆତ୍ମାର ସଂକ୍ଷିପ୍ତ ସଂଜ୍ଞା କ'ଣ ହୋଇପାରେ ? ପ୍ରତ୍ୟେକଟି ଆତ୍ମା ହେଉଛି ଗୋଟିଏ ଗୋଟିଏ ବୃତ୍ତ, ମାତ୍ର ଗୋଟିଏ ବିନ୍ଦୁ ହିଁ ସକଳବୃତ୍ତର କେନ୍ଦ୍ର, କିନ୍ତୁ ଏ ସମସ୍ତ ବୃତ୍ତର ପରିଧି କେଉଁଠି ହେଲେ ନାହିଁ । କେନ୍ଦ୍ର ରହିଛି ଶରୀରରେ । ସେଠାରେ ସବୁ କର୍ମଶକ୍ତି ପ୍ରକାଶିତ । ତୁମ୍ଭେମାନେ ସର୍ବବ୍ୟାପୀ । ତେବେ ସତ୍ତାଚେତନା ଗୋଟିଏ ବିନ୍ଦୁରେ ଘନୀଭୂତ । ସେହି ବିନ୍ଦୁଟି କିଛି କିଛି ଜଡ଼କଣା ସଂଗ୍ରହ କରି ସେଗୁଡ଼ିକୁ ଆତ୍ମପ୍ରକାଶର ଯନ୍ତ୍ରରେ ପରିଣତ କରିଅଛି । ତାହାରି ମାଧ୍ୟମରେ ସତ୍ତା ନିଜକୁ ପ୍ରକାଶ କରେ, ତାହାକୁ ଶରୀର କୁହାଯାଏ ।

ମାତ୍ର ତୁମେ ସର୍ବତ୍ର ବିଦ୍ୟମାନ । ଯେତେବେଳେ ଗୋଟିଏ ଶରୀର ରୂପୀ ଯନ୍ତ୍ର ଆଉ କାର୍ଯ୍ୟ କରିବା ପାଇଁ ସମର୍ଥ ବା କ୍ଷମ ହୁଏ ନାହିଁ, ସେତେବେଳେ ଶରୀରର କେନ୍ଦ୍ରରୁ 'ତୁମେ' ଦୂରେଇ ଯାଅ । ପୁଣି ନୂତନ ସ୍ଥୂଳ ବା ସୂକ୍ଷ୍ମ ଜଡ଼କଣା ସଂଗ୍ରହ କରି ସେଗୁଡ଼ିକର ମାଧ୍ୟମରେ ପୁନର୍ବାର ନିଜକୁ ପ୍ରକାଶ କରି କାର୍ଯ୍ୟ କରିବାରେ ଲାଗିଯାଅ । ଏହା ହେଲା ମଣିଷ । ତାହାହେଲେ ଈଶ୍ୱର ବା ଠାକୁର କ'ଣ ? ଠାକୁରେ ହେଉଛନ୍ତି ଗୋଟିଏ ବୃତ୍ତ, ଯାହାର ପରିଧି କେଉଁଠି ହେଲେ ନାହିଁ ଏବଂ ଯାହାଙ୍କର କେନ୍ଦ୍ର ସର୍ବତ୍ର ବିଦ୍ୟମାନ, ସର୍ବବ୍ୟାପୀ । ଏହି ବୃତ୍ତର ପ୍ରତିଟି ବିନ୍ଦୁ ଚୈତନ ଓ ସକ୍ରିୟ । ସୀମାବଦ୍ଧ ଆତ୍ମା ଆମ୍ଭମାନଙ୍କ ସହିତ ସମାନ୍ତରାଳ ଭାବରେ ସମାନ କାର୍ଯ୍ୟ କରି ଚାଲିଛି । ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ମାତ୍ର ଗୋଟିଏ ଚୈତନ ବିନ୍ଦୁ । ସେହି ବିନ୍ଦୁ ଥରେ ଆଗକୁ ଆଗେଇ ଚାଲୁଛି ତ ପୁଣି ଥରେ ପଛକୁ ପଛେଇ ଯାଉଛି ।

ବିଶ୍ୱବ୍ରହ୍ମାଣ୍ଡ ତୁଳନାରେ ଶରୀର ଯେପରି ଅତି କ୍ଷୁଦ୍ର, ଈଶ୍ୱର (ଠାକୁର)ଙ୍କ ତୁଳନାରେ ବିଶ୍ୱବ୍ରହ୍ମାଣ୍ଡ ସେହିପରି ନଗଣ୍ୟ । ଆମ୍ଭେମାନେ ଯେତେବେଳେ କହୁଁ, ଠାକୁରେ କଥାବାର୍ତ୍ତା କରୁଛନ୍ତି, ସେତେବେଳେ ତା'ର ଅର୍ଥ ହେଉଛି

- ସେ ବିଶ୍ୱବ୍ରହ୍ମାଣ୍ଡ ମାଧ୍ୟମରେ ହିଁ କହୁଛନ୍ତି । ଆମ୍ଭେ ଯେତେବେଳେ କହୁଁ, ଠାକୁରେ ଦେଶକାଳପାତ୍ର ସୀମାର ଅତୀତ, ତା'ର ଅର୍ଥ-ଠାକୁରେ ବ୍ୟକ୍ତିତ୍ୱଶୂନ୍ୟ (ଅବ୍ୟକ୍ତ) ସତ୍ତା ମାତ୍ର । ଏହି ଉଭୟ ଅବସ୍ଥା ହିଁ ସେହି ଗୋଟିଏ ସତ୍ତା । ସେ ଏକାଧାରରେ ବ୍ୟକ୍ତ, ପୁଣି ଅବ୍ୟକ୍ତ । ସାକାର, ପୁଣି ନିରାକାର ।

ଗୋଟିଏ ଛୋଟ ଉଦାହରଣ ଦେଉଛି—ଆମ୍ଭେମାନେ ଏଠାରେ ଛିଡ଼ାହୋଇ ସୂର୍ଯ୍ୟଙ୍କୁ ଦେଖୁଛୁ । ମନେକର, ତୁମେ ସୂର୍ଯ୍ୟଙ୍କ ଆଡ଼କୁ ଆଗେଇ ଚାଲିଛ । କେତେ ହଜାର କିଲୋମିଟର ପାଖକୁ ଯାଇ ଦେଖିବ ଆଉ ଗୋଟିଏ ସୂର୍ଯ୍ୟ-ଅନେକ ବଡ଼ ଆକାରରେ । ସର୍ବଶେଷରେ ଯାଇ ଦେଖିବ, ପ୍ରକୃତ ସୂର୍ଯ୍ୟ ଲକ୍ଷ ଲକ୍ଷ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ । ବର୍ତ୍ତମାନ ତୁମର ସୂର୍ଯ୍ୟଙ୍କ ଆଡ଼କୁ ଯାତ୍ରାଟିକୁ କେତୋଟି ସ୍ତରରେ ଭାଗ କରାଯାଉ । ପ୍ରତ୍ୟେକ ସ୍ତରରୁ ସୂର୍ଯ୍ୟଙ୍କର ଛବି (ଫଟୋ) ଉଠାଗଲା । ପ୍ରକୃତ ସୂର୍ଯ୍ୟଙ୍କର ମଧ୍ୟ ଛବି (ଫଟୋ) ଉଠାଗଲା । ବର୍ତ୍ତମାନ ସବୁ ଛବି (ଫଟୋ)ଗୁଡ଼ିକର ତୁଳନା କର । ପ୍ରତ୍ୟେକ ଛବି ଅଲଗା ଅଲଗା ମନେ ହେବ । ପ୍ରଥମ ସ୍ତରରେ ଦେଖାଗଲା ଗୋଟିଏ ଛୋଟ ଲାଲ ଗୋଲାକାର ପଦାର୍ଥ ଏବଂ ସର୍ବଶେଷରେ ଦେଖାଗଲା ଲକ୍ଷ ଲକ୍ଷ କିଲୋମିଟର ବ୍ୟାପୀ ବିରାଟ ପ୍ରକୃତ ସୂର୍ଯ୍ୟ । କିନ୍ତୁ ଦେଖ, ସବୁଗୁଡ଼ିକ ଛବି (ଫଟୋ)ରେ ହିଁ ସେହି ଏକ ଓ ଅଭିନ୍ନ ସୂର୍ଯ୍ୟ ରହିଛନ୍ତି ।

ଈଶ୍ୱର (ଠାକୁର)ଙ୍କ ପ୍ରସଙ୍ଗରେ ମଧ୍ୟ ସେହି ଏକ କଥା । ଅସୀମ ଅନନ୍ତ ଅବ୍ୟକ୍ତ ନିରାକାର ସତ୍ତାଙ୍କୁ ଆମ୍ଭେମାନେ ଦେଖୁଛୁ ବିଭିନ୍ନ ସ୍ଥାନରୁ, ମନର ବିଭିନ୍ନ ସ୍ତରରୁ । ନିମ୍ନତମ ମନୁଷ୍ୟ ତାଙ୍କୁ ଦେଖୁଛି ପୂର୍ବପୁରୁଷ ରୂପରେ, ଦୃଷ୍ଟି ଯେତେବେଳେ ବିସ୍ତୃତ ହେଲା, ସେତେବେଳେ ତାଙ୍କୁ ଦେଖୁଛ ଗୋଟିଏ ଗ୍ରହର ନିୟନ୍ତା ରୂପରେ; ଦୃଷ୍ଟି ଆହୁରି ବ୍ୟାପକ ହେଲା, ମନୁଷ୍ୟ ବୁଝିପାରେ ସେ ବିଶ୍ୱର ନିୟାମକ । ସର୍ବୋଚ୍ଚ ମାନବ ଅନୁଭବ କରେ, ସେ ହିଁ ଆମର ସ୍ୱରୂପ । ପ୍ରତ୍ୟକ୍ଷାନୁଭବୀ କହେ, ଠାକୁରେ ପୂର୍ଣ୍ଣବ୍ରହ୍ମ, ପୂର୍ଣ୍ଣ ପରଂବ୍ରହ୍ମ, ଚରମ ପୁରୁଷ, ଅବ୍ୟକ୍ତ ନିରାକାର ବ୍ରହ୍ମ । ଏସବୁ ସତ୍ତ୍ୱେ ଠାକୁରେ ସର୍ବଦା ହିଁ ଏକ, ତାଙ୍କୁ ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଭାବରେ ବୋଧ କରନ୍ତି, କାରଣ ପ୍ରତ୍ୟେକଙ୍କର ଦୃଷ୍ଟିର ପ୍ରଭେଦ ଓ ତାରତମ୍ୟ ଏପରି ବୋଧ ଦେଇଥାଏ ।।

ଠାକୁରଙ୍କୁ ପ୍ରତିଦିନ ଅସଂଖ୍ୟ ଅଗଣନ ଶିଷ୍ୟ, ଭକ୍ତ, ଦାସ, ଅନୁଗତ, ସେବକ ତଥା ସାଧାରଣ ଭଗବଦ୍ ବିଶ୍ୱାସୀ ଲୋକେ ଦର୍ଶନ କରୁଛନ୍ତି । ତାଙ୍କ ସହିତ କଥୋପକଥନ କରୁଛନ୍ତି । ଏମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଠାକୁରଙ୍କୁ ଭିନ୍ନ ଭିନ୍ନ ଦୃଷ୍ଟି କୋଣରୁ ଦର୍ଶନ କରନ୍ତି । ବିଭିନ୍ନ ସ୍ତରରେ ରହି ବିଚାର କରନ୍ତି, ମନ୍ତବ୍ୟ ଓ ମତାମତ ମାଧ୍ୟମରେ ଆଲୋଚନା କରନ୍ତି । ସେମାନଙ୍କର ପ୍ରତ୍ୟେକଙ୍କର ମତ ଓ ମନ୍ତବ୍ୟରେ ପାର୍ଥକ୍ୟ ତଥା ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଏସବୁ ହୁଏ କାହିଁକି ? ଏପରି ହେବାର କାରଣ ମାତ୍ର ଗୋଟିଏ-

'ଯେ ପକ୍ଷୀ ଉଡ଼େ ଯେତେ ଦୂର ।
ସେ ଜାଣେ ତାହାର ବେଭାର ।।'

ବ୍ୟକ୍ତି ବିଶେଷଙ୍କର ଅନ୍ତରାନୁଭୂତି ଓ ଉପଲବ୍ଧିର ସ୍ତର ସମାନ ନୁହେଁ, ଭିନ୍ନ ଭିନ୍ନ । ପ୍ରତ୍ୟେକଙ୍କର ବିଶ୍ୱାସ ଗୋଟିଏ ସମାନ ଭୂମିରେ ପ୍ରତିଷ୍ଠିତ ନୁହେଁ । ତହିଁରେ ଉଚ୍ଚନୀଚ୍ଚ ଭୂମି ରହିଛି । ମନ ଓ ହୃଦୟ ଏକାପରି ସ୍ୱଚ୍ଛ, ନିର୍ମଳ, ପବିତ୍ର ଓ ନିଷ୍କପଟ ନୁହେଁ । ତେଣୁ ପ୍ରତ୍ୟେକଙ୍କର ଉପଲବ୍ଧି ଓ ଅନୁଭୂତି ମଧ୍ୟ ସମାନ ହୋଇପାରେ ନାହିଁ । ତଥାପି ଏ ସକଳ ବିଭିନ୍ନତା ମଧ୍ୟରେ ଗୋଟିଏ ସତ୍ୟ ପ୍ରତିଷ୍ଠିତ ଓ ନିହିତ । ତାହା ହେଉଛି-ଠାକୁରେ ହିଁ ଠାକୁରେ ।।

❋❋❋

ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !**

## ଅଚ୍ୟୁତଙ୍କ ଲେଖନୀରୁ

### ପରମ ଜ୍ଞାନ ଗୀତାରୁ ଉଦ୍ଧୃତ :

ଶ୍ୱେତ ପୀତ ଲୋହିତ ଯେ ନୀଳ ବର୍ଣ୍ଣଚାରି ।
ହାରିଦ୍ର୍ୟ ବର୍ଣ୍ଣକୁ ଘେନି ପଞ୍ଚଆତ୍ମା ସୋରି ।।
ପଞ୍ଚଆତ୍ମା ଧର୍ମରୂପେ ତହିଂ ପରକାଶ ।
ତହିଂ ପରେ ଜୀବଟି ଯେକାକ୍ଷର ପୁରୁଷ ।।

କର୍ଣ୍ଣଗୁରୁ ଉପରେ ଯେ ଜ୍ଞାନଗୁରୁ ସାର । ଗୁରୁନାମ ଧରିଣ ଯେ ଭବୁ ହୋଅ ପାର ।।
ଗୁରୁତ୍ରାହି ଗୁରୁତ୍ରାହି ଗୁରୁତ୍ରାହି କହି । ଗୁରୁ ବିନୁ ପିଣ୍ଡ ଆଉ ଭବୁ ପାର ନୋହି ।।
ହଂସାହଂସ ମହାମନ୍ତ୍ର ଜୀବର ଭଜନ । କ୍ଷଣେ ହେଁ ବିଶ୍ରାମ ନାହିଁ ଭଜେ ରାତ୍ରଦିନ ।।
ରାତ୍ର ଦିବସରେ ଷୋଳ ଘଡ଼ି ଯେ ଭଜନ । ଏକୋଇଶ ଶତ ଶତ ଶତ ସେ ଭଜନ ।।
ଯେତେ ସଂଖ୍ୟା ଭଜନ୍ତି ଭଜନ୍ତି ବେନି ହୋଇ । ଦେହ ଭଜିବାକୁ ମନ ଆଉ ନଟ ନାହିଁ ।।
ନିଷ୍କଳେ ଆସନେ ବସି ଚଞ୍ଚଳେ କାଟିବ । ଜାନୁ ଯୁଗଳରେ ବେନି ପାଣିକି ଥାପିବ ।।

ସଳଖି ରଖି ଷୋଳ ଡମ୍ବରୁ ମେରୁ ଦଣ୍ଡ ।
ଶିଶୁମୁନା ସନ୍ଧିରେ ଯେ ନିପଟଳ ପିଣ୍ଡ ।।
ଆଉ ଛଡ଼ସ୍ଥାନେ ମରୁତ ବାରେଣି ଖଂଜିବ ।
ଆପଣାର ନାସିକା ଅଗ୍ରକୁ ଚାହିଁଥିବ ।।

ଧ୍ୟାନରେ ଭେଦିବ ନାଦ ତେବେ ସିନା ଥିର । ନାମରୂପ ଜ୍ୟୋତିରୂପ ଦେଖିବ ତହିଁର ।।
ଗୁରୁତ୍ରାହି ଗୁରୁତ୍ରାହି ଗୁରୁତ୍ରାହି ତ୍ରାହି । ଗୁରୁବିନୁ ମନ ଆଉ ପରିତ୍ରାଣ ନାହିଁ ।।
କହଇ ଅଚ୍ୟୁତ ଦାସ ଏହି ଜ୍ଞାନେ ରସ । ରସକୁ ପିଇଲେ ମନ ହୋଇବ ସନ୍ତୋଷ ।।
ଶୁଣ ହେ ସୁବୁଦ୍ଧି ମନ କର ଅନୁକୂଳ । ଗୋବିନ୍ଦ ନାମକୁ ତୁହି କରିଥିବୁ ମୂଳ ।।
ଚାରି ଦ୍ୱାରେ ଅଜପା ଭଜନ ଲାଗିଅଛି । ଚନ୍ଦ୍ର ସୂର୍ଯ୍ୟ ଗମାଗମ କେହି ନ ଜାଣୁଛି ।।

ମନକୁ ନେଇଣ ଥାପ ତ୍ରିତାଚକ୍ର ପରେ ।
ତେବେ ତୋ ରହିବ ମନ ପାଦପଦ୍ମଠାରେ ।।
ଯାଉଛି ଆସୁଛି କାହିଁ ବାରଣ ନୋହୁଛି ।
ଅଣାକାର ପୁରୁଷ ସେ କେହି ନ ଚିହ୍ନୁଛି ।।

***



# ପୁରାଣ ପୃଷ୍ଠାରୁ

## ତାତ୍ପର୍ଯ୍ୟାଂଶ

## ଅଲକ୍ଷ୍ମୀବିବାହ ପ୍ରସଙ୍ଗ

### ବୃହଦ୍ ମହାଲକ୍ଷ୍ମୀ ପୁରାଣରୁ ଉଦ୍ଧୃତ

ମହାଦେବୀ ପାର୍ବତୀ ଈଶ୍ୱରଙ୍କୁ ଲକ୍ଷ୍ମୀଙ୍କର ଭଉଣୀ ଅଲକ୍ଷ୍ମୀଙ୍କର ବିବାହ ପ୍ରସଙ୍ଗରେ କହିବା ପାଇଁ ଅନୁରୋଧ କରନ୍ତେ, ଶଙ୍କର କହିଲେ - ପ୍ରିୟେ, ସେ ଚରିତ କହୁଛି ମନଦେଇ ଶୁଣ । ଶୁଣିଲେ, ତୁମର ଚିତ୍ତ ତୃପ୍ତ ହେବ । ଲକ୍ଷ୍ମୀଙ୍କର ଜଣେ ଭଉଣୀ ଥିଲେ, ନାମ ତାଙ୍କର ଅଲକ୍ଷ୍ମୀ । ସେ ଯୌବନ ପ୍ରାପ୍ତ ହୋଇ ପୂର୍ଣ୍ଣଯୌବନ ଭାରରେ ଗୁରୁତମ ହେଲେ । ସେହି ଅଲକ୍ଷ୍ମୀଙ୍କର ବିବାହ ନହୋଇବାରୁ କମଳିନୀ ଦୁଃଖିନୀ ହୋଇ ଦିନେ ହରିଙ୍କୁ କହିଲେ - ପ୍ରଭୁ, ମୋ ଦଇନି ଶୁଣ । ମୋର ବଡ଼ ଭଉଣୀ ଅଲକ୍ଷ୍ମୀ ଆଜିଯାକେ ବିବାହ କରି ପାରୁନାହିଁ । ତା' ପାଇଁ ଗୋଟିଏ ବର ଦିଅ । ହେ ଦୟାମୟ, ମୋର ଏ ପ୍ରାର୍ଥନା ପୂର୍ଣ୍ଣକର ।

ମହାଲକ୍ଷ୍ମୀଙ୍କର ପ୍ରାର୍ଥନା ଶୁଣି ନୃସିଂହ, ଉଦ୍ଦାଳକଙ୍କ ପାଖକୁ ଯାଇ ତାଙ୍କୁ ଅଲକ୍ଷ୍ମୀଙ୍କୁ ବିଭା ହେବା ପାଇଁ କହିଲେ । ଉଦ୍ଦାଳକ ନୃସିଂହ ଦେବଙ୍କ କଥା ଟାଳି ନପାରି ଅଲକ୍ଷ୍ମୀଙ୍କୁ ଗ୍ରହଣ କରିବା ପାଇଁ ସମ୍ମତ ହେଲେ । ଶିବ ପାର୍ବତୀଙ୍କୁ କହିଲେ - ଗୋ ସତୀ ମହାଦେଈ, ଉଦ୍ଦାଳକ ଋଷିଙ୍କର ଏହି ଅପୂର୍ବ ବିବାହ କଥା ଶୁଣ, କହୁଛି । ନୃସିଂହ ଦେବଙ୍କ ପ୍ରସ୍ତାବରେ ସମ୍ମତ ହୋଇ ଉଦ୍ଦାଳକ ଯୋଗାସନରେ ବସି ସକଳ ମହର୍ଷିଙ୍କୁ ସ୍ମରଣ କଲେ । ଋଷିମାନଙ୍କର ଆସନ କମ୍ପିଲା । ସେମାନେ ଯୋଗାରୂଢ଼ ହୋଇ ଜାଣିବାକୁ ପାଇଲେ ଯେ, ବିବାହ ନିମନ୍ତେ ଉଦ୍ଦାଳକ ସେମାନଙ୍କୁ ସମସ୍ତଙ୍କୁ ସ୍ମରଣ କରୁଛନ୍ତି । ସେମାନେ ସମସ୍ତେ ଯାଇ ଉଦ୍ଦାଳକଙ୍କ ଆଶ୍ରମରେ ପହଞ୍ଚି ଯଥାଯୋଗ୍ୟ ଆସନରେ ବସି ବିଚାର ଆଲୋଚନା କରିବା ପରେ ଦେବର୍ଷି ନାରଦଙ୍କୁ ବରୁଣ ରାଜାଙ୍କ ନିକଟକୁ ବିବାହ ପ୍ରସ୍ତାବ ନେଇଯିବା ପାଇଁ ଅନୁରୋଧ କଲେ । ନାରଦ ସିନ୍ଧୁତୀରକୁ ଯାଇ ରତ୍ନାକରଙ୍କୁ ସବୁକଥା ବୁଝାଇ କହିଲେ - ନୃସିଂହଦେବ ତୁମ କନ୍ୟା ଅଲକ୍ଷ୍ମୀ ପାଇଁ ଉଦ୍ଦାଳକ ଋଷିଙ୍କୁ ବରଣ କରିଛନ୍ତି । ତେଣୁ ତୁମେ କାଳ ବିଳମ୍ବ ନ କରି କନ୍ୟାକୁ ସିନ୍ଧୁତୀରକୁ ଆଣି ବିବାହକାର୍ଯ୍ୟ ସମ୍ପନ୍ନ କର । ବରୁଣଦେବ ରାଣୀ ନୀରବତୀଙ୍କୁ ସବୁକଥା କହି ଆନନ୍ଦିତ ହେଲେ । ତହୁଁ ନୀରବତୀ କନ୍ୟା ଅଲକ୍ଷ୍ମୀଙ୍କୁ ବେଶ କରି ବିବାହ ନିମନ୍ତେ ଆବଶ୍ୟକ

ସରଞ୍ଜାମମାନ ଧରି ସମସ୍ତେ ଯାଇ ସିନ୍ଧୁତୀରରେ ଉପସ୍ଥିତ ହେଲେ । ରତ୍ନାକରଙ୍କ ଆଦେଶରେ ବିଶ୍ୱକର୍ମା କନ୍ୟାଦାନ ନିମନ୍ତେ ଛାୟାମଣ୍ଡପ ନିର୍ମାଣ କରି ରତ୍ନମାଳାମାନ ଲମ୍ବାଇ ସୁସଜ୍ଜିତ କଲା । ଋଷିମାନଙ୍କ ଗହଣରେ ଉଦ୍ଦାଳକ ଆସି ସେଠାରେ ଯଥା ସମୟରେ ପହଞ୍ଚିଲେ । ସ୍ୱର୍ଗରୁ ଦେବକନ୍ୟାମାନେ ଆସି ଶଙ୍ଖ ବଜାଇ ହୁଳହୁଳି ଦେଲେ । ଶଙ୍ଖ ମହୁରୀ ବଂଶୀ ଆଦିର ମଙ୍ଗଳ ନାଦ ସହିତ କାମିନୀମାନେ ଗୀତଗାଇ ସିନ୍ଧୁତୀରକୁ ମୁଖରିତ କଲେ ।

ତା'ପରେ ବରୁଣ ଦେବ ବାଟବରଣ କରି ବର ହସ୍ତ ଧରି ନେଇ ବେଦୀରେ ବସାଇଲେ । ବ୍ରହ୍ମର୍ଷି ବଶିଷ୍ଠ ବିବାହ ମନ୍ତ୍ର ଉଚ୍ଚାରଣ କଲେ । ବରୁଣ ପୂଜା ସାରି ସଂକଳ୍ପ କଲେ, ଗନ୍ଧାଦିବାସକରି ବୈଶାଳୀ ପୋତିଲେ, ବିବାହର ସମସ୍ତ ବିଧି ବିଧାନ ସହିତ ମଧୁପର୍କ, ଲବଣ ତୃଇଁରୀ ଆଦି ସହିତ ବସୋଧାରା ଦେବା ପର୍ଯ୍ୟନ୍ତ ସକଳ କର୍ମ ନିଷ୍ପନ୍ନ କଲେ । ସକଳ ବିଧାନ ପରେ ଅମୃତମଣୋହି ଭୋଜିରେ ସମବେତ ସମସ୍ତେ ସନ୍ତୋଷ ପ୍ରକାଶ କଲେ । ରାତ୍ରିରେ ମଧୁଶଯ୍ୟା ବିଧିମାନ ମଧ ସମ୍ପନ୍ନ ହେଲା । ଚଉଠି ଆଦି ସପ୍ତମଙ୍ଗଳାକାର୍ଯ୍ୟ ମଧ ଯଥାବିଧି ଶେଷ ହେଲା । ଏହାପରେ ଉଦ୍ଦାଳକ ବରୁଣଙ୍କ ପାଖକୁ ଯାଇ ମେଲାଣି ମାଗିଲେ । ବରୁଣ ଉଦ୍ଦାଳକଙ୍କୁ କନ୍ୟାର ଦଣ୍ଡଦୋଷ କ୍ଷମା କରିବା ପାଇଁ ଅନୁରୋଧ କଲେ । ଉଦ୍ଦାଳକ କହିଲେ - ହେ ବରୁଣ ଦେବ, ମଧୁଶଯ୍ୟା ରାତ୍ରିରୁ ତୁମ କନ୍ୟାର ଗୁଣ ମୁଁ ଜାଣି ସାରିଛି । ନୃସିଂହ ଦେବଙ୍କ ଆଜ୍ଞାରେ ମୁଁ ବିବାହ କଲି, ତା'ନୋହିଥିଲେ ତୁମ କନ୍ୟାକୁ ଦୁଇଆଖିରେ ମୋର ଚାହିଁବାର କଥା ନୁହେଁ । ଯାହା ଅଦୃଷ୍ଟରେ ଯାହା ଅଛି, ସେ ତାହା ଅବଶ୍ୟ ଭୋଗ କରିବ । ତଥାପି ପତ୍ନୀଠାରେ ପତିର ସୁଆଗ ସ୍ନେହ ଥାଏ, ମୋର ମଧ ରହିବ । ତୁମକୁ ଆଉ ଅଧିକ କ'ଣ କହିବି, ତୁମେ କ'ଣ ତୁମ କନ୍ୟାର ଗୁଣସବୁ ଜାଣିନାହଁ ?

ଏହାପରେ ଉଦ୍ଦାଳକ ଅଲକ୍ଷ୍ମୀଙ୍କ ସହିତ ନିଜ ଆଶ୍ରମକୁ ବାହୁଡ଼ିଲେ । ଶିବ କହିଲେ - ଗୋ ପାର୍ବତୀ, ଏହାପରେ ଉଦ୍ଦାଳକପତ୍ନୀ ଅଲକ୍ଷ୍ମୀଙ୍କର ରୀତିନୀତି ଶୁଣ । ଉଦ୍ଦାଳକ ନିଜପତ୍ନୀଙ୍କ ସହିତ ଆଶ୍ରମ ଗୃହରେ ବାସ କରନ୍ତି । ଅଲକ୍ଷ୍ମୀଙ୍କୁ ଏହା ବିଷ ପରି ଲାଗେ । ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟାତ୍ୟାଗ କରି ଋଷି ଆହ୍ନିକ ପାଇଁ ଯାଆନ୍ତି, ଘୃତ ହୋମ କରି ଅଗ୍ନିଙ୍କର ପୂଜା କରନ୍ତି । ଏହା ଦେଖି ଅଲକ୍ଷ୍ମୀଙ୍କର ହୃଦୟ ବିଦାରି ଯିବା ପରି ଲାଗେ, ସର୍ବାଙ୍ଗ ଶରୀର କମ୍ପମାନ ହୁଏ । ଋଷି ଉଦ୍ଦାଳକ ବଡ଼ ନିଷ୍ଠାପର । ବିଧି ମତରେ ପ୍ରତିଦିନ ସେ ତ୍ରିସନ୍ଧ୍ୟା ଆହ୍ନିକ ପୂଜା କରନ୍ତି, ଷୋଡ଼ଶ ଉପଚାରରେ ପୂଜାପାଠ କରନ୍ତି, ଦାନ ଦିଅନ୍ତି, ଆହୁତି ଦିଅନ୍ତି । ତପସ୍ୱୀଙ୍କର ଏପରି ପୂଜାଯଜ୍ଞ ଦେଖି ଅଲକ୍ଷ୍ମୀ ଦୁଃଖିତା ହୁଅନ୍ତି । ଯଜ୍ଞ ସ୍ଥଳର ଗନ୍ଧ ସେ ସହ୍ୟ କରିପାରନ୍ତି ନାହିଁ । ଋଷି ଆଶ୍ରମର ବେଦଧ୍ୱନି ଶୁଣିଲେ ଅଲକ୍ଷ୍ମୀ ନିରନ୍ତର ବସି ବଡ଼ପାଟି କରି କାନ୍ଦନ୍ତି । ଯଜ୍ଞକୁଣ୍ଡ ଅଗ୍ନିରେ ଘୃତାହୁତିର ବାସନାରେ ଅଲକ୍ଷ୍ମୀଙ୍କର ପେଟ ମୋଡି ଚକଟି ହୁଏ । ସେ ଆଶ୍ରମ ଗୃହରେ ଶାନ୍ତିରେ ରହିପାରନ୍ତି ନାହିଁ । ଆଶ୍ରମ-ସଂସାରରେ କୌଣସି କାର୍ଯ୍ୟ ନ କରି ସେ ମନଇଚ୍ଛା ବାହାରେ ବୁଲୁଥାଆନ୍ତି । ତାଙ୍କର ଏପରି ସ୍ୱଭାବ ଯେ, ବାୟାଣୀଙ୍କ ପରି ଘରର ହାନିଲାଭ ବାହାର ଲୋକଙ୍କ ପାଖରେ ଯାହାଇଚ୍ଛା ତାହା ଗପିବାରେ ଲାଗିଥାଆନ୍ତି । ଅତ୍ୟନ୍ତ ନୀଚଲୋକଙ୍କ ସହିତ ସେ ବାଚାଳୀଙ୍କ ପରି କଥା ହେଉଥାଆନ୍ତି, ଅଥଚ ଭଲଲୋକ ଦେଖିଲେ ତାଙ୍କ ସହିତ ମିଳାମିଶା ନ କରି ମଥା ପୋତିଦିଅନ୍ତି । ଅଲାକୁକୀ ପରି ସେ ସର୍ବଦା କର୍‌କର୍ ହୋଇ ହସନ୍ତି । ଡାମରାକାଉ ପରି ନିରନ୍ତର ଜଳଜଳ ଚାହିଁ

ରହିଥାଆନ୍ତି । ମାଂସମାଂସହାଡ଼ ଝଲଝଲ ହୋଇ ତାଙ୍କ ଦେହ ବୁଢ଼ୀ ପରି ଦେଖାଯାଉଥାଏ, ସତେ ଯେପରି ପାଗହାଣ୍ଡିଚିଏ । ତାଙ୍କ ଦେହ ହାତ ଫାଟି ମାଙ୍କଡ଼ା ପଥର ପରି ଆଁ କରି ରହିଥାଏ, ସତେ ଯେପରି ତାଙ୍କ ଦେହ ଆଉଁସି ଦେଲେ ହାତ ଛିଣ୍ଡିଯିବ । ତାଙ୍କର ଦେହ ଲୌହ ପ୍ରତିମା ପରି କଠିନ, ମୁହଁଟି ପେଚାର ମୁହଁପରି ସର୍ବଦା ବିକୃତ । କେଶର ରଙ୍ଗ ପିଙ୍ଗଳବର୍ଣ୍ଣ, ଲମ୍ବା ଲମ୍ବା କାନ, ଆଖି ଦୁଇଟି ସବୁବେଳେ ଲାଲ, ଦୋପଖା ଚୁଲି ପରି ନାକପୁଡ଼ା, ପୋଡ଼ାକାଠ ପରି କୃଷ୍ଣବର୍ଣ୍ଣର ଓଠ ଦିଓଟି, ଦାନ୍ତଗୁଡ଼ିକ ହଳଦିଆ ରଙ୍ଗ, ଲଙ୍ଗଳ ଫଳକ ପରି ଜିହ୍ୱାର ଆକୃତି, କଣ୍ଠସ୍ୱର ଗଧର ରଡ଼ି ପରି, ଲୋକେ ଭୟରେ ତାଙ୍କ ପାଖ ମାଡ଼ନ୍ତି ନାହିଁ । ସେ ଅଳଙ୍କାର ପିନ୍ଧିଲେ ଅସୁନ୍ଦର ଦିଶନ୍ତି । ତାଙ୍କର ପାଦ ଦୁଇଟି ଲମ୍ବା ଲମ୍ବା ଓ ହାତ ଦୁଇଟି ଛୋଟ ଛୋଟ । ଓଟ ଚାଲିପରି ତାଙ୍କର ଚାଲିବା । ପ୍ରତିଦିନ ଅତ୍ୟନ୍ତ ଶ୍ରଦ୍ଧାରେ ସେ ମଶାଣିରେ ବୁଲନ୍ତି ଓ ମଶାଣିକାଠ ସଂଗ୍ରହ କରି ଆଶ୍ରମରେ ଚୁଲିରେ ଜାଳି ରୋଷେଇ କରିବାକୁ ପସନ୍ଦ କରନ୍ତି । ଘରେ ମନ ନ ଲଗାଇ ସେ ଅହରହ ବାହାରେ ଅଯଥାରେ ବୁଲାଚଲା କରିବାକୁ ସୁଖ ପାଆନ୍ତି । ଋଷି ଉଦ୍ଦାଳକ ତାଙ୍କୁ ଭଲ ଉପଦେଶ ଦେଲେ, ସେ ଘରୁ ବାହାରି ଯାଇ ଦାଣ୍ଡରେ ବସି ବଡ଼ପାଟି କରି ଆଖିରୁ ଲୁହ ଝରାଇ ଘଡ଼ିଏ ପର୍ଯ୍ୟନ୍ତ କାନ୍ଦନ୍ତି । ସେ ଘରର ହାନିଲାଭ କିଛି ବୁଝନ୍ତି ନାହିଁ । ଋଷିଙ୍କ ସହିତ କଥା କହିବାକୁ ଆରମ୍ଭ କରିବା ମାତ୍ରେ କର୍କଶ ସ୍ୱରରେ କଥାବାର୍ତ୍ତା କରନ୍ତି । ପତ୍ନୀ ଅଲକ୍ଷ୍ମୀଙ୍କର ଆଚରଣ ଦେଖି ଋଷି ତାଙ୍କୁ ବଦଳାଇବା ପାଇଁ ପାଖରେ ବସାଇ କେତେକଥା କହି ବୁଝାନ୍ତି ।

ଅଲକ୍ଷ୍ମୀଙ୍କୁ ଋଷି ଉଦ୍ଦାଳକ କହନ୍ତି - ଗୃହିଣୀକୁ ଘେନି ଗୃହର ମହତ୍ତ୍ୱ । ନାରୀର ଭୂଷଣ ଲଜ୍ଜା । ତୁ କାହିଁକି ଲଜ୍ଜା ଭୁଲି ଦାଣ୍ଡରେ ବୁଲିବାକୁ ସୁଖ ପାଉଛୁ ? ଭଲକଥା ବୁଝାଇ କହିଲେ, ତୁ ସର୍ବଦା ଅସନ୍ତୁଷ୍ଟ ଓ ରୁଷ୍ଟ ହେଉଛୁ । ମଶାଣିକାଠ ଆଣି ରୋଷେଇ କରୁଛୁ । କେଶ ମୁକୁଳା କରି ସର୍ବଦା ବୁଲୁଛୁ । ଯେଉଁଠି ଲୋକେ ଛେଳିମେଣ୍ଢା ହାଣୁଛନ୍ତି, ସେଠାରେ ଯାଇ ଛିଡ଼ା ହୋଇ ଜୀବହତ୍ୟା ଦେଖୁଛୁ । ବାହାର ହାଣ୍ଡିମାଠିଆ ଆଣି ଘର ଭିତରେ ପୂରାଉଛୁ । ନୀଚଲୋକଙ୍କୁ ଛୁଇଁବା ପରେ ଲୁଗାପଟା ଧୋଉ ନାହୁଁ । ସକଳ ଅନୀତି କରୁଛୁ । ଲୋକେ ସଂସାରରେ ତୋ ପାଇଁ ମୋତେ ନିନ୍ଦା କରୁଛନ୍ତି । ଏସବୁ କ'ଣ ଭଲ ହେଉଛି ? ପତିଙ୍କ ମୁହଁରୁ ଏସବୁ କଥା ଶୁଣି ଅଲକ୍ଷ୍ମୀ କହିଲେ - ହେ ଋଷି, ତୁମେ ଯାହା ସବୁ କହିଲ, ମୁଁ ଶୁଣିଲି । ଏବେ ମୁଁ ଯାହା କହୁଛି, ତୁମେ ଶୁଣ । ତୁମ ଆଶ୍ରମରେ ପ୍ରତିଦିନ ଘୃତାହୁତି ହୋମ ହେଉଛି, ଧୂପ ଦିଆଯାଉଛି, ସେ ବାସନା ମୋ ନାକରେ ବାଜିଲେ ଓ ଧୂଆଁ ମୋ ଦେହରେ ଲାଗିଲେ ମୁଁ ବିକଳ ହୁଏ, କଷ୍ଟ ପାଏ, ମୋ ପେଟ ମୋଡି ମକଚି ହୁଏ, ବେଦଧ୍ୱନି ଶୁଣିଲେ ମୋ ଦେହ କମ୍ପିଉଠେ, ମୋତେ ଆଦୌ ଭଲ ଲାଗେ ନାହିଁ । ମୋତେ ଯାହା ଭଲ ଲାଗେ, ହେ ପ୍ରିୟ, ତାହା ଏବେ କହୁଛି । ମନ ଦେଇ ଶୁଣ । ଯେଉଁ ଘରେ ଦୈନିକ କଳିଗୋଳ ଲାଗେ, ଟଣାଟଣି ଝିଙ୍କା ଝିଙ୍କି ହୋଇ ମାଡ଼ପିଟ ହୁଏ, ଯେଉଁ ଘର ଅପରିଷ୍କାର ଅପରିଚ୍ଛନ୍ନ, ଯେଉଁ ଗୃହସ୍ଥରେ ସ୍ୱାମୀ-ସ୍ତ୍ରୀ, ପୁତ୍ରକନ୍ୟା, ଦାସଦାସୀ, ଶାଶୁବୋହୂ, ନଣନ୍ଦଭାଉଜ ଇତ୍ୟାଦି କଳିଦ୍ୱନ୍ଦ୍ୱ, ହିଂସାଈର୍ଷା, କପଟ କରନ୍ତି ସେପରି ଗୃହ ଓ ଗୃହସ୍ଥ ମୋର ଅତିପ୍ରିୟ, ତାହା ମୋତେ ବଡ଼ ସୁଖ ଲାଗେ । ଯେଉଁଠି ସାଧୁସନ୍ଥ ଓ ସୁଜନମାନଙ୍କର ନିନ୍ଦା କରାଯାଏ, ପଶାଜୁଆ ଆଦି ଖେଳ ହୁଏ, ମିଥ୍ୟା କଥା କୁହାଯାଉଥାଏ, ଆପଣାର ପ୍ରଶଂସା ଆପେ ଆପେ କରାଯାଉଥାଏ, ଆପଣାର ବନ୍ଦନା ଆପେ କରାଯାଉଥାଏ, ଅନ୍ୟ ସମସ୍ତଙ୍କର ନିନ୍ଦାଗାନ କରାଯାଏ, ଛନ୍ଦକପଟ କରାଯାଏ, ସେ ସ୍ଥାନ ମୋତେ

ଅମୃତତୁଲ୍ୟ ବୋଧହୁଏ । ଯେଉଁଠି ମାଛ, ମାଂସ, ଶୁଖୁଆ ଆଦିର କାରବାର ହୁଏ, ଯେଉଁଠି ଛେଳିମେଣ୍ଢା ଆଦି ହଣାହୁଏ, ସେ ସବୁ ସ୍ଥାନରେ ମୋର ବଡ଼ ଶ୍ରଦ୍ଧା । ମାତ୍ର ଯେଉଁଠି ବେଦମନ୍ତ୍ର ଉଚ୍ଚାରଣ ହୁଏ, ଆହ୍ନିକ ପ୍ରାର୍ଥନାଦି ହୁଏ, ଶଙ୍ଖଧ୍ୱନି ହୁଏ, ଧୂପଦୀପ ଦିଆଯାଏ - ସେ ସବୁ ସ୍ଥାନ ପାଇଁ ମୋ ଚିତ୍ତ ବଳେ ନାହିଁ । ସେ ସ୍ଥାନରେ କ୍ଷଣେ ମାତ୍ର ରହିଲେ ମୋ ଦେହ କମ୍ପିଉଠେ । ସାଧୁ ସନ୍ଥ ସଜ୍ଜନ ସୁଜନ ସୁନ୍ଦର ରୂପ ଦେଖିଲେ ମୋର ଦେହ ଜଳିଉଠେ । ପବିତ୍ର ସ୍ଥାନରେ ମୁଁ ମୁହୂର୍ତ୍ତେ ମାତ୍ର ରହିପାରେ ନାହିଁ । ଯେଉଁଠି କନ୍ୟା ଓ ନାରୀମାନେ ଦୈନିକ ସୁବେଶରେ ବେଶଭୂଷଣ ହୋଇ ପୂତପବିତ୍ର ବସ୍ତ୍ର ପରିଧାନ କରନ୍ତି, ଦେହ ପରିଷ୍କାର ପରିଚ୍ଛନ୍ନ ରଖନ୍ତି, ଘରଦ୍ୱାର ପବିତ୍ର ଓ ପରିଚ୍ଛନ୍ନ ରଖନ୍ତି, ହବିଷ ଅନ୍ନ କରନ୍ତି ସେଠାରେ ରହିବାକୁ ମୋର ମନ ବଳେ ନାହିଁ । ଯେଉଁ ଘରେ ଘୃତବାସନା ହୁଏ, ସେ ଘରେ ମୋତେ ବାନ୍ତି ଲାଗେ । ଘିଅ, କ୍ଷୀର, ଦହି, ମହୁ ଇତ୍ୟାଦି ମୋ ପାଇଁ ବିଷ ତୁଲ୍ୟ । ବେଦମନ୍ତ୍ର ଶୁଣିଲେ ମୋର କୋହ ଉଠେ ଓ ଆଖିରୁ ଲୁହ ଝରେ । ଗରୁଡ଼ଙ୍କୁ ଦେଖି କାଳସର୍ପମାନେ ଯେପରି ପଳାଇଯାଆନ୍ତି, ପବିତ୍ରତା ଦେଖିବାମାତ୍ରେ ମୁଁ ସେଠାରୁ ପଳାଇଯାଏ । ହେ ସ୍ୱାମୀ, ତୁମେ ଯଦି ପ୍ରକୃତରେ ଭଲପାଅ, ତେବେ ଆମ୍ଭେ ଦୁହେଁ ଚାଲ ଆଶ୍ରମ ଛାଡ଼ି ପଳାଇଯାଇ ଅଶୁଭ ଅପବିତ୍ର ସ୍ଥାନରେ ସୁଖରେ ବାସ କରିବା ।

ଉଦ୍ଦାଳକ ଅଲକ୍ଷ୍ମୀଙ୍କ ଅନ୍ତରର କଥା ଶୁଣି ନୀରବରେ ମନ ମଧ୍ୟରେ ଭାବିବାକୁ ଲାଗିଲେ - ଯାହା କୁଳରେ ଏପରି ସ୍ତ୍ରୀଟିଏ ଜୁଟିଯିବ, ତା'ର କୁଳଧର୍ମ ବୁଡ଼ି ନଷ୍ଟ ହୋଇଯିବ । ସୁତ, ବିତ୍ତ, ଧର୍ମ, ପୁଣ୍ୟ ସବୁ କ୍ଷୟ ହୋଇଯିବ, କେଉଁଠି ହେଲେ ତା'ର ଜୟ ହେବ ନାହିଁ । ସବୁଠି ପରାଜୟ ଓ ଅପମାନ ଭୋଗ ହେବ । ବାୟାଣୀ ବାତୁଳୀଠାରୁ ବଳି କରି ଓ ସ୍ତ୍ରୀ ଅତ୍ୟନ୍ତ ନିର୍ଲଜ୍ଜ । ଏପରି ସ୍ତ୍ରୀରେ ମୋର ଆଉ ପ୍ରୟୋଜନ ନାହିଁ । ଏହା ଭାବି ଉଦ୍ଦାଳକ ଅଲକ୍ଷ୍ମୀଙ୍କୁ କହିଲେ - ପ୍ରେୟସୀ ଗୋ, ତୋତେ ଯଦି ଏ ସ୍ଥାନ ସୁଖ ଲାଗୁନାହିଁ, ତେବେ ଚାଲ ଆମ୍ଭେ ତୋ ଇଚ୍ଛାମତେ ଗୋଟିଏ ଅଗମ୍ୟ ସ୍ଥାନରେ ଯାଇ ରହିବା । ଏହା ଶୁଣି ବରୁଣକନ୍ୟା ବଡ଼ ଆନନ୍ଦିତ ହେଲେ । ପତିପତ୍ନୀ ଉଭୟେ ଘୋରବନ ମଧ୍ୟରେ ଅଗମ୍ୟସ୍ଥାନ ଅନ୍ୱେଷଣରେ ଆଶ୍ରମରୁ ବାହାରିଗଲେ । ଦୈବଯୋଗକୁ ସେଦିନ ଶନିବାର । ନିଘଞ୍ଚ ଅରଣ୍ୟ ମଧ୍ୟରେ ଯେଉଁଠି ପଶୁପକ୍ଷୀଙ୍କର ସୁଦ୍ଧା ରାବ ଶୁଣାଯାଉ ନଥାଏ, ସେଠାରେ ଗୋଟିଏ ଅଶ୍ୱତ୍ଥ ଗଛ ମୂଳରେ ଯାଇ ପହଞ୍ଚିଲେ । ସେହି ଗଛ ମୂଳରେ ଅଲକ୍ଷ୍ମୀଙ୍କୁ ବସାଇଦେଇ ଉଦ୍ଦାଳକ କହିଲେ - ତୁ ଏଇଠି ବସିଥା', ମୁଁ ଭିକ୍ଷା କରିବାକୁ ଯାଉଛି । ଏହା କହି ଋଷି ସ୍ୱଆଶ୍ରମକୁ ଲେଉଟି ଆସିଲେ । ବରୁଣ ଜେମା ସେଇଠି ବସି ବସି ଗୋଟିଏ ସପ୍ତାହ କଟାଇଦେଲେ । ଉଦ୍ଦାଳକ ଆଉ ନ ଫେରନ୍ତି । ଶନିବାରକୁ ଶନିବାର ଆଠଦିନ କଟିଗଲା । କ୍ଷୁଧା ତୃଷାରେ ବିକଳ ହୋଇ ଅଲକ୍ଷ୍ମୀ ଭୂଇଁରେ ଗଡ଼ିଗଡ଼ି ଘୋର ରଡ଼ି ଛାଡ଼ି କାନ୍ଦିବାକୁ ଲାଗିଲେ । ସେ କାନ୍ଦଣା ଶବ୍ଦରେ ଚଉଦ ଭୁବନ କମ୍ପିଉଠିଲା । ସେ ବିକଟ ରୋଦନ ଶୁଣି ପୃଥିବୀ ଚମକିଗଲା । ବଦରିକାପୁର ପର୍ଯ୍ୟନ୍ତ ସେ ଶବ୍ଦ ଶୁଣାଗଲା । ଲକ୍ଷ୍ମୀଦେବୀ ପ୍ରତ୍ୟକ୍ଷରେ ଜଗତର ମାତା । ସେ ନିଜ ବଡ଼ ଭଉଣୀ ଅଲକ୍ଷ୍ମୀଙ୍କର କାନ୍ଦଣା ବୋଲି ଜାଣିଲେ ।

ମହାଲକ୍ଷ୍ମୀ ଶ୍ରୀନୃସିଂହ ପ୍ରଭୁଙ୍କୁ କହିଲେ - ହେ ଭାବଗ୍ରାହୀ, ମୋ କଥା ଟିକିଏ ଶୁଣ । ମୋ ବଡ଼ ଭଉଣୀ ଅଲକ୍ଷ୍ମୀ ବହୁତ କଷ୍ଟ ପାଇଲାଣି । ମୁନି ଉଦ୍ଦାଳକ ତାଙ୍କୁ ସମ୍ଭାଳି ନ ପାରି ଅସନ୍ତୁଷ୍ଟ ଓ ରୁଷ୍ଟ ହୋଇ ଘୋର

ବନସ୍ତରେ ଛାଡ଼ି ଦେଇଗଲେ । ତୁମ୍ଭେ ଯାଇ ଉଦ୍ଧାର ନ କଲେ, ସେ ବ୍ୟର୍ଥ ମନୋରଥରେ ମରିବ । ହେ ପ୍ରାଣେଶ୍ୱର, ସେ ମୋର ବଡ଼ ଭଉଣୀ । ତୁମ୍ଭେ ତା'କୁ ମୋ ସମାନ ଅଧିକାର ଦେବ । ଏହାଶୁଣି ମହାପ୍ରଭୁ ଅଳ୍ପ ହସି ଗରୁଡ଼ ପୃଷ୍ଠରେ ବିଜେ କରି ଅଲକ୍ଷ୍ମୀଙ୍କ ନିକଟରେ ପହଞ୍ଚିଲେ । ମହାପ୍ରଭୁଙ୍କୁ ଦେଖି ମନେ ମନେ ଲାଜପାଇ ବୃକ୍ଷ ଉହାଡ଼ରେ ଯାଇ ରୋଦନ କଲା ଓ ଲୁଗା ପଣତରେ ମୁହଁ ଘୋଡ଼ାଇଦେଲା । ପ୍ରଭୁ ତାଙ୍କୁ ବୈକୁଣ୍ଠ ଭୁବନକୁ ନେଇଯିବା ପାଇଁ ପ୍ରସ୍ତାବ ଦିଅନ୍ତେ ସେ ତହିଁରେ ସମ୍ମତ ହେଲେ ନାହିଁ । ବୈକୁଣ୍ଠ ପୁରର ବର୍ଣ୍ଣନା ଶୁଣି ସତେ ଯେପରି ତାଙ୍କ ପେଟ ଫୁଲେଇ ବାନ୍ତି ବାନ୍ତି ଲାଗିଲା, ବର୍ଷକର ଆୟୁଷ ଛଅମାସ ହୋଇଗଲା । ଅଲକ୍ଷ୍ମୀ କହିଲେ, ଯେତେବେଳେ ପ୍ରଳୟ ହୁଏ, ସବୁ ଆତ୍ମା ପରମାତ୍ମାଙ୍କଠାରେ ଲୀନ ହୋଇଯାଆନ୍ତି, ସବୁ ସୁକୃତ ପରମେଶ୍ୱରଙ୍କ ଠାରେ ରହେ, ମାତ୍ର ସବୁ ଦୁଷ୍କୃତ ପଙ୍କ ରୂପରେ ରହିଯାଏ । ସେହି ପଙ୍କରୂପକ ଦୁଷ୍କୃତ ସମୂହରୁ ଅଲକ୍ଷ୍ମୀଙ୍କର ଜନ୍ମ । ତେଣୁ ସେ ସକଳ ପାପରେ ପ୍ରିୟ । ହେ ଅନ୍ତର୍ଯ୍ୟାମୀ, ମୋତେ ମୋ ମନ ଅନୁରୂପ ସ୍ଥାନ ଦାନକର । ମୁଁ ବୈକୁଣ୍ଠ ପୁରରେ କ୍ଷଣେ ମାତ୍ର ରହିପାରିବି ନାହିଁ । ମୁଁ ମୋର ସାନଭଉଣୀର ଶିରୀ ଦେଖିପାରେ ନାହିଁ । କୌଣସି ପବିତ୍ରତା ମୋର ପସନ୍ଦ ନୁହେଁ । ସଂସାରରେ ଯେତେସବୁ ଭଲ, ସେସବୁ ମୋ ପାଇଁ ଶଲ । ତେଣୁ ମୋତେ ମୋ ମନଜାଣି ସ୍ଥାନଟିଏ ଦିଅ । ଯେପରି ମୁଁ ସକଳ ଅପବିତ୍ରତାକୁ ସାଥିରେ ଧରି ସୁଖରେ ରହିପାରିବି ।

ପ୍ରଭୁ ଦୈତାରି ତହୁଁ କହିଲେ - ବସନ୍ତକାଳର ଅନ୍ୟନାମ ମଧୁମାସ । ଏହି ସମୟରେ ତୁମର ନାମ ଟେକ ରହିବ । ସେ ସମୟରେ ତୁମେ ସକଳ ଜୀବରେ ବାସ କରି ପାରିବ ଓ ତୁମର ନାମ 'ବସନ୍ତାଇ'ହେବ । ତୁମେ ଦ୍ୱାଦଶ ଆଦିତ୍ୟରେ ପୃଥିବୀ ପରିକ୍ରମା କରିବ । ପୁଣି ତୁମର ନାମ ମଧ ହେବ 'ଶୀତଳାଇ' । ଯେଉଁ ବ୍ୟକ୍ତି ଶୀତଳାଷ୍ଟକ ପାଠ କରିବ, ତା'କୁ ତୁମେ ନିରନ୍ତର ସୁଦୟା କରିବ । ପ୍ରତ୍ୟେକ ଜୀବ ଦେହରେ ତୁମେ ଥରେ ମାତ୍ର ବିରାଜମାନ କରିବ । ଦ୍ୱିତୀୟ ଥର ପାଇଁ ଆଶା କରିବ ନାହିଁ । ସେ ରୋଗର ନାମ ହେବ 'ବସନ୍ତ' । ତିନିଦିନ କେବଳ ପାଣିପିଇ ମନ ଶାନ୍ତ କରିବ । ଧାନ୍ୟ ବ୍ୟତୀତ ସକଳ ଶସ୍ୟରେ ତୁମର ଅଧିକାର ସାବ୍ୟସ୍ତ ହେବ । ସେହି ଧାନ୍ୟ ହେଉଛି କମଳାଙ୍କର ଶ୍ରଦ୍ଧାଦ୍ରବ୍ୟ । ତୁମେ ଭୂତ, ପ୍ରେତ, ପିଶାଚ ଆଦିଙ୍କ ମେଳରେ ବାସ କରିବ । ରାତ୍ରିରେ ଅଶ୍ୱତ୍ଥ ବୃକ୍ଷରେ ରହିବ । ପ୍ରତି ମଙ୍ଗଳବାରରେ ତୁମର ପୂଜା ହେବ । ତୁମେ ସର୍ବଦା ନୀଚ ଲୋକମାନଙ୍କୁ ପ୍ରୀତ ହେବ ଓ ତାଙ୍କର ପୂଜାଅର୍ଘ୍ୟ ଗ୍ରହଣ କରିବ । ଯେଉଁ ଘରେ ପ୍ରତିଦିନ କଳିଗୋଳ ଲାଗୁଥିବ, ଯେଉଁ ଘରର ଲୋକେ ମିଛୁଆ ମିଛୋଇ, ଯେଉଁ ଲୋକେ ନୀଚଲୋକଙ୍କ ସହିତ ପ୍ରୀତି କରୁଥିବେ, ସାଧୁସନ୍ଥ ସଜ୍ଜନ ସୁଜନଙ୍କର ନିନ୍ଦା କରୁଥିବେ, ନିଜେ ନିଜର ପ୍ରଶଂସା ଗାଉଥିଲି ନିଜେ ନିଜର ବନ୍ଦନା କରୁଥିବେ, ପରସ୍ତ୍ରୀ ରମଣ କରୁଥିବେ, ନିମ୍ବ ବେଲ ବଟ ଧାତ୍ରୀ ଅଶ୍ୱତ୍ଥ ତୁଳସୀ ଆଦି ବୃକ୍ଷକୁ କାଟି ପକାଉଥିବେ, ପରଦ୍ରବ୍ୟ ଚୋରାଇ ନେଉଥିବେ, ଜୀବଜନ୍ତୁକୁ ହାଣି ପକାଉଥିବେ, ପରଝିଅବୋହୂଙ୍କୁ ବଳତ୍କାର କରି ଧର୍ଷଣ କରୁଥିବେ, ହଜିଥିବା ଗାଈକୁ ଖୋଜିବେ ନାହିଁ, ଯେଉଁମାନେ ବିଷ୍ଣୁଭକ୍ତ ନୁହଁନ୍ତି, ଗର୍ଭବତୀ ସ୍ତ୍ରୀଙ୍କୁ ଧର୍ଷଣ କରନ୍ତି, ତୀର୍ଥକୁ ଯାଇ ପରଦ୍ରବ୍ୟ ଚୋରାଇ ଚଳନ୍ତି, ପତିବ୍ରତା କୁଳସ୍ତ୍ରୀଙ୍କୁ ରମଣ ଆଶା କରନ୍ତି, ସୋମ, ଗୁରୁ, ରବିବାରରେ ଆମିଷ ଭୋଜନ କରନ୍ତି, ରାତ୍ରିରେ କଇଁଥ ଖାଆନ୍ତି, ପଶୁହତ୍ୟା କରି ମାଂସ ଭକ୍ଷଣ କରନ୍ତି, ଦୁର୍ଭିକ୍ଷ କାଳରେ ଧାନ ସଞ୍ଚୟକରି ବିକନ୍ତି ନାହିଁ,

ଉଲଗ୍ନହୋଇ ଜଳରେ ପ୍ରବେଶ କରନ୍ତି, ପଥପାର୍ଶ୍ୱର ବୃକ୍ଷକୁ ହାଣି ପକାନ୍ତି, ପରସ୍ତ୍ରୀକୁ ନିଜର ଗୃହିଣୀ କରି ରଖନ୍ତି, ବନ୍ଧୁଙ୍କୁ ସମ୍ମାନ କରନ୍ତି ନାହିଁ, ବେଶ୍ୟାଳୟକୁ ଗମନ କରନ୍ତି, ସୁରାପାନ କରନ୍ତି, ବିଷ୍ଣୁଙ୍କର ଜପହୋମବ୍ରତ କରନ୍ତି ନାହିଁ, ଗୁରୁଗୁରୁଜନଙ୍କର ନିନ୍ଦାଗାନ କରନ୍ତି, ବ୍ରାହ୍ମଣ ଓ ଦେବତାଙ୍କର ବିତ୍ତ ହରଣ କରନ୍ତି, କ୍ଷତ୍ରିୟମାନଙ୍କୁ ପୃଷ୍ଠଭଙ୍ଗ ଦେବାକାଳରେ ହତ୍ୟାକରନ୍ତି, ସଭାରେ ପକ୍ଷପାତ କଥା କହନ୍ତି, ସାଧୁଜନମାନଙ୍କୁ ହିଂସା ଈର୍ଷା କରନ୍ତି, ବିଧବା ଓ ଋତୁମତୀ ନାରୀଙ୍କୁ ରମଣ କରନ୍ତି, ଅପରାଧ କରି ମିଥ୍ୟାରେ ଶପଥ କରନ୍ତି, ପିତାମାତାଙ୍କୁ ହୁଡ଼ି କଥା କହନ୍ତି, ସ୍ନାନ କରି ଦେବତାଙ୍କ ନାମ ସ୍ମରଣ କରନ୍ତି ନାହିଁ, ଅଶୁଦ୍ଧ ବସ୍ତ୍ର ପିନ୍ଧି ମନ୍ଦିରରେ ପ୍ରବେଶ କରନ୍ତି, ଦକ୍ଷିଣଦିଗକୁ ମୁହଁକରି ଭୋଜନ କରନ୍ତି, ରାତିଶେଷରେ ସ୍ନାନ କରନ୍ତି ନାହିଁ, ସର୍ବଦା ହରି ପୁଣ୍ୟନାମ ଜପକରୁ ନ ଥାନ୍ତି -ସେମାନଙ୍କ ପାଖରେ ତୁମେ ସବୁବେଳେ ଥିବ । ତୁମ ପାଖରେ ସବୁବେଳେ ଭୂତ ପ୍ରେତ ପିଶାଚ ସାଥି ହୋଇଥିବେ । ରାତ୍ରକାଳରେ ତୁମ୍ଭେ ଅଶ୍ୱତ୍ଥ ବୃକ୍ଷ ଡାଳରେ ରହିବ । ଏହି କଥାକୁ ଅନ୍ୟଥା କଲେ ତୁମ୍ଭର ମୂର୍ଦ୍ଧନା ଫାଟିବ । ଯେଉଁ ବ୍ୟକ୍ତି ରାତ୍ରକାଳରେ ଅଶ୍ୱତ୍ଥ ବୃକ୍ଷ ତଳେ ବିଶ୍ରାମ ନେବ, ତା'କାନ୍ଧରୁ ଚିରଦିନ ପାଇଁ ଲକ୍ଷ୍ମୀ ଛାଡ଼ିଯିବ । ତୁମେ ସଂସାରରେ ବୁଢ଼ୀ ଠାକୁରାଣୀ ନାମକୁ ବହିବ । ତୁମ୍ଭେ ସର୍ବଦା ଗ୍ରାମର ବାହାରେ ରହିବ । ଲକ୍ଷ୍ମୀନାରାୟଣଙ୍କର ଭକ୍ତମାନଙ୍କୁ ତୁମ୍ଭେ ହିଂସା କରିବ ନାହିଁ ବା ତାଙ୍କୁ ବିପଦରେ ପକାଇବ ନାହିଁ । ତାହା କଲେ ତୁମର ଦର୍ପ ଭଣା ହେବ ।।

''ଅଲକ୍ଷ୍ମୀଙ୍କୁ କହିଏତେ ପ୍ରଭୁ ଚଳିଗଲେ ।
ମହାଲକ୍ଷ୍ମୀଙ୍କୁ ସମସ୍ତ ଶ୍ରୀହରି କହିଲେ ।।
ଏମନ୍ତ ଅଲକ୍ଷ୍ମୀ କଥା ହେଲା ସମାପନ ।
ହରିବୋଲ ହୁଳହୁଳି ଦିଅ ସର୍ବଜନ ।।''

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ


## ମୋହ

ଏ ସଂସାର ଭଗବାନଙ୍କ ଦ୍ୱାରା ସୃଷ୍ଟି । ଈଶ୍ୱର : ପରମ, ମଣିଷ : ଜୀବ । ଏହି ଜୀବ-ପରମ ଭାବ ମଧ୍ୟରେ ସଂସାରରେ ସାଂସାରିକ ଆସକ୍ତି ପରିପକ୍ୱ ହୋଇ ମୋହରେ ପରିଣତ ହୁଏ । ମୋହରେ ପତିତ ମାନବ ହୁଏ ପଥ ଭ୍ରଷ୍ଟ । ମୋହାଛନ୍ନ ଜୀବ ହୁଏ ଅଜ୍ଞାନ, ଜାଣିପାରେନା ଭଲମନ୍ଦ, ପାପପୂଣ୍ୟ । ସେଥି ନିମିତ୍ତ ପରମ ଚରମମୟ ଶ୍ରୀଶ୍ରୀଠାକୁର, ମାନସ ସନ୍ତାନ ''ଚରମ''ର ଉକ୍ତ ସ୍ତମ୍ଭରେ ଏକ କାରଣ ସାତ୍ତ୍ୱିକ ମୋହର ପ୍ରଥମ ଅଂଶର ଚିତ୍ର ପ୍ରଦାନ କରିଛନ୍ତି । ଯାହାକୁ ବାରବାର ଦର୍ଶନ କରିବା ଦ୍ୱାରା ଜୀବର ଅନ୍ତରାତ୍ମାରୁ ମୋହର ଭାବ ଦୂରିଭୂତ ହେବ । ଜୀବ ଶାଶ୍ୱତ, ପବିତ୍ରମୟ ପଥରେ ଅଗ୍ରସର ହୋଇ ଭଗବାନଙ୍କର ଅସ୍ତିତ୍ୱ ଲାଭ କରିପାରିବ । ଯାହାର ସରଳ ବ୍ୟାଖ୍ୟା ପରବର୍ତ୍ତୀ ''ଚରମ'' ୪୩ ସଂଖ୍ୟାରେ ପ୍ରକାଶିତ କରାଯିବ ।

### କାରଣ ସାତ୍ତ୍ୱିକ ମୋହର ପ୍ରଥମ ଅଂଶର ଚିତ୍ର



# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

## ନାରୀ ହିଁ ପ୍ରକୃତି

ନାରୀ ମାୟା ଯଦି ନର ବୁଝୁଥାନ୍ତା ଅନର୍ଥ କି କେବେ ହୁଅନ୍ତା ?
ନାରୀ କବଳରେ ବନ୍ଧନ ନହୋଇ ପୁରୁଷାର୍ଥ ଧରି ରହନ୍ତା ॥
ବିଷ୍ଣୁମାୟା ନେଇ ଖେଳି ଖେଳାଉଛି ଅବୋଧ ଶିଶୁର ଭାବେ ।
ମହାମାୟା ରୂପେ ନାଚି ନଚାଉଛି ବୁଝି କେ ନପାରେ ଲବେ ॥
ଯୋଗମାୟା ହୋଇ ବନ୍ଧନ କାଟୁଛି ତ୍ରିକୂଟେ ଜ୍ୟୋତି ଜଳାଇ ।
ତଥାପି ଏ ଜୀବ ନ ଚିହ୍ନି ତାହାକୁ ମରେ ମୋର ମୋର କହି ॥

**ସେ** ହିଁ ପୁରୁଷ, ସେ ହିଁ ପ୍ରକୃତି । ସେ ଆଦ୍ୟାଶକ୍ତି ହ୍ଲାଦିନୀ । ପୁନଶ୍ଚ ସେ ହିଁ ମୋହିନୀ । ମାୟାଚକ୍ରର ଅବଧିରେ ସେ ହିଁ ବୈଷ୍ଣବୀ, ମହାମାୟା ଏବଂ ଯୋଗମାୟା । ସ୍ରଷ୍ଟାଙ୍କ ସୃଷ୍ଟିଚକ୍ରର ମର୍ତ୍ତ୍ୟଲୀଳାରେ ସ୍ଥୂଳଶରୀରରେ ମହିମାମୟୀ ନାରୀ । ପୁନରାୟ ବ୍ରହ୍ମ ଆଜ୍ଞା ଓ ଇଚ୍ଛା କ୍ରମରେ ସମସ୍ତ ମାୟାଶକ୍ତି କେନ୍ଦ୍ରୀଭୂତା ଦୁର୍ଗତିନାଶିନୀ ଦୁର୍ଗା ଓ ଜ୍ଞାନଦା ଗାୟତ୍ରୀ । ବ୍ରହ୍ମ ଆଦେଶ ଅନୁସରଣରେ ନିଜକୁ ବହୁଧା ବିଭକ୍ତ କରି ଭିନ୍ନ ଭିନ୍ନ ତତ୍ତ୍ୱ, ଜ୍ଞାନରୂପ, ଭାବ ଗ୍ରହଣ କରି ଜୀବଜଗତକୁ ଲାଳନ, ପାଳନ, ନିୟନ୍ତ୍ରଣ ଏବଂ ପରିଚାଳନ କରୁଛନ୍ତି । କିନ୍ତୁ କିପରି ? ପ୍ରକୃତ ରହସ୍ୟ ଉପଲବ୍ଧି ନକରି ଅସଂପୂର୍ଣ୍ଣ ଜ୍ଞାନ, ଅବାସ୍ତବ ସ୍ୱକୀୟ ନିଷ୍ପତ୍ତି ଅବଲମ୍ବନରେ ଜୀବ ତାଙ୍କର ପ୍ରତ୍ୟେକ ରୂପକୁ ଭିନ୍ନତାର ମାନ୍ୟତା ତଥା ବୋଧ ପ୍ରଦାନ କରି ତାଙ୍କୁ ବ୍ରହ୍ମଙ୍କ ଠାରୁ ପୃଥକ୍ ଭାବରେ ପ୍ରତିଷ୍ଠିତ କରି ପ୍ରମାଦପୂର୍ଣ୍ଣ ଅବସ୍ଥା ସୃଷ୍ଟି କରୁଛି ଓ ନିଜର ଅଜ୍ଞାନତାକୁ ଜ୍ଞାନାଲୋକ ଭାବରେ ଉପସ୍ଥାପନ ନ କରି ଚାଲିଛି । ସେହି ଅବୋଧ, ଅଗମ୍ୟ, ଅମୀମାଂସିତ ରହସ୍ୟମୟ ଦ୍ୱନ୍ଦ୍ୱର ସମାଧାନ ପାଇଁ ଅଗଣିତ ଜିଜ୍ଞାସୁ ମାତୃପ୍ରେମୀମାନଙ୍କର ଆକୁଳ ନିବେଦନ ଗ୍ରହଣ କରି ଆନନ୍ଦଘନ ଜ୍ଞାନମୂର୍ତ୍ତି କରୁଣାସାଗର ଠାକୁରେ ଅକୁଣ୍ଠିତ ଚିତ୍ତରେ 'ପ୍ରକୃତିଙ୍କ ରହସ୍ୟ' ଧାରାବାହିକ ଭାବରେ ଉନ୍ମୋଚନ କରି 'ତରମ'ର ଏହି ସ୍ତମ୍ଭରେ ବିଶ୍ୱବାସୀଙ୍କ କଲ୍ୟାଣ ଲକ୍ଷ୍ୟରେ ଉତ୍ସର୍ଗ କରି ଚାଲିଛନ୍ତି ।

'ଚରମ' ଅଷ୍ଟମ ପୁଷ୍ପ-ତୃତୀୟ ପାଖୁଡ଼ା - (୪୦) ଚତ୍ୱାରିଂଶତମ ସଂଖ୍ୟା ଅନୁସୃତିରୁ ....

**ବୈଷ୍ଣବୀମାୟା**

## ମୁଁ... କୌମଦକୀ ମାୟା କହୁଛି :

ପୂର୍ବ ସଂଖ୍ୟାଗୁଡ଼ିକରେ ବୈଷ୍ଣବୀମାୟାଙ୍କର ପଞ୍ଚମ ଭାବାଂଶ 'ଶକଟକ' ମାୟା ପର୍ଯ୍ୟନ୍ତ ବିସ୍ତୃତ ଭାବରେ ଆଲୋଚିତ ହୋଇସାରିଛି । ସେହି କ୍ରମାଙ୍କରେ ତାଙ୍କର ଷଷ୍ଠ ଭାବାଂଶର ନାମ ହେଉଛି **'କୌମଦକୀ ମାୟା'** । ଉକ୍ତ **କୌମଦକୀ** ମାୟା ବିଶାଳ, ଅସୀମ ତଥା କୌତୁହଳପୂର୍ଣ୍ଣ । ତାଙ୍କର ସୃଷ୍ଟି ରହସ୍ୟ, ରୂପର ବିଚିତ୍ରତା ତଥା ସ୍ଥାନ, କାଳ, ପାତ୍ରର ବିଚାରରେ ଭୂମିକା ଓ କର୍ମକୌଶଳ ଅତ୍ୟନ୍ତ ଚମତ୍କାର । ଆସନ୍ତୁ ଏହି ସଂଖ୍ୟାରେ ସେହି ରହସ୍ୟକୁ ଅନୁଭବ ସୂତ୍ରରେ ପ୍ରବେଶ କରାଇବା ଏକ ଭିନ୍ନ ସ୍ୱାଦ୍ର ପୃଷ୍ଠଭୂମିରେ- ଯଥା : **''ମୁଁ ... କୌମଦକୀ ମାୟା କହୁଛି ।''**

### ମୋର ସୃଷ୍ଟି ଏବଂ ସ୍ଥିତି :-

ମୁଁ କୌମଦକୀ ମାୟା ପରମପିତା, ପରଂବ୍ରହ୍ମଙ୍କ ଇଚ୍ଛାରୁ ସୃଷ୍ଟ ହୋଇ ପରମବୈଷ୍ଣବୀଙ୍କର ଷଷ୍ଠ ଭାବାଂଶରେ ବିଚରଣ କରୁଛି । ମୁଁ ସତ୍ୟ, ନିତ୍ୟ ଏବଂ ଅବିନାଶୀ ଅପରିବର୍ତ୍ତନୀୟ ମହାଶକ୍ତି ଭାବରେ ସଦା ବିରାଜିତ ଓ ଜାଗ୍ରତ ହୋଇ ରହିଅଛି । ଦେବଲୋକରୁ ତପଲୋକ, ବ୍ରହ୍ମାଣ୍ଡରୁ ପିଣ୍ଡ ପର୍ଯ୍ୟନ୍ତ ସର୍ବସ୍ଥାନରେ ମୁଁ ସୂକ୍ଷ୍ମଜ୍ୟୋତିସ୍ୱରୂପା ହୋଇ ଏକାଗ୍ରତା ବ୍ରତ ପାଳନ କରିଚାଲିଛି । ମୋର ଏକମାତ୍ର ଲକ୍ଷ୍ୟ, ଧେୟ, କର୍ମ ହେଉଛି ମୋର ସ୍ରଷ୍ଟା ପରମ ପୁରୁଷଙ୍କ ଆଜ୍ଞା, ଆଦେଶ ପାଳନ କରି ତାଙ୍କର ଇଚ୍ଛା ପୂର୍ଣ୍ଣ କରି ଆଦେଶକୁ ନିର୍ଭୁଲ୍‌ଭାବରେ କାର୍ଯ୍ୟକାରୀ କରାଇବା । ମୋର କାୟାର କୌଣସି ସୀମା ନାହିଁ, ମୋର ମାପ ନାହିଁ, ମୁଁ ଅମାପ ଅଟେ । ମୋର ବର୍ଣ୍ଣ ଲାଲ ଅଟେ । କିନ୍ତୁ ଆଦେଶ ପାଳନ ସମୟରେ ସ୍ଥାନ ଅନୁସାରେ ବର୍ଣ୍ଣ ପରିବର୍ତ୍ତନ ହୋଇଥାଏ । ମୋତେ କେହି ଦେଖିପାରନ୍ତି ନାହିଁ । ମାତ୍ର ମୁଁ ଅଦୃଶ୍ୟଭାବରେ ସଚରାଚର ବ୍ରହ୍ମାଣ୍ଡ ବିଚରଣ କରୁଥାଏ । ବ୍ରହ୍ମ ତାଙ୍କ ଇଚ୍ଛା ଅନୁଯାୟୀ ଯତ୍ନ ସହକାରେ ମୋତେ ସର୍ବତ୍ର ଖେଳାଇ ତାଙ୍କ ଇଚ୍ଛା ପୂର୍ଣ୍ଣ କରନ୍ତି । ବ୍ରହ୍ମାଣ୍ଡର ସମସ୍ତ ଭାର ବହନ କାର୍ଯ୍ୟରେ ମୋତେ ନିୟୋଜିତ କରନ୍ତି । ଏହି ଅବସ୍ଥାରେ ମୁଁ ଧବଳ ବର୍ଣ୍ଣାକୃତି ଧୂମକେତୁ ଆକାର ଧାରଣ କରି 'ମହାଶୂନ୍ୟ'ର ପାଶ ହିରଣ୍ୟମଣ୍ଡଳରେ ଛପିକରି ରହିଥାଏ ।

### ଦେବଲୋକରେ ମୋର ଭୂମିକା :

୧. କ୍ଷୀରାବ୍ଧୀ ଗୋସାଇଁ କ୍ଷୀର ସାଗରରେ ବିରାଜିତ ଥିବାସମୟରେ ତାଙ୍କର ଇଚ୍ଛାକ୍ରମେ ମୁଁ ଧବଳବର୍ଣ୍ଣ ଧାରଣକରି ନିଦ୍ରାରୂପରେ ତାଙ୍କୁ ଶାନ୍ତି ନିଦ୍ରାରେ ଶୁଆଇ ଦିଏ ।

୨. ଦେବମଣ୍ଡଳରେ ସ୍ଫଟିକସଦୃଶ ହୋଇ ଅଦୃଶ୍ୟଭାବରେ ଥାଏ । ବ୍ରହ୍ମଙ୍କ ଇଚ୍ଛାନୁଯାୟୀ ସେମାନଙ୍କୁ ନିୟନ୍ତ୍ରଣ କରୁଥାଏ । ସେମାନେ ଜାଣିପାରନ୍ତି ନାହିଁ । ସ୍ୱର୍ଗର ଅପ୍ସରାମାନଙ୍କ ମଧ୍ୟରେ ମୁଁ ହିଁ ସୂକ୍ଷ୍ମରେ ପ୍ରବେଶ କରି ସେମାନଙ୍କ ସୌନ୍ଦର୍ଯ୍ୟ, ନୃତ୍ୟ, ସଂଗୀତ ଇତ୍ୟାଦି ଦେବଭୋଗ୍ୟ ଭାବ ମାଧ୍ୟମରେ ଦେବତାମାନଙ୍କୁ ମୋହିତ କରିଥାଏ ।

୩. ଦେବତାମାନେ ଭାବବିନିମୟ କରିବା ସମୟରେ ସେମାନଙ୍କ ଉଚ୍ଚାରିତ ଶବ୍ଦ ମାଧ୍ୟମରେ ମୁଁ ସେମାନଙ୍କ ଜିହ୍ୱାକୁ ପ୍ରବେଶ କରେ । ବାଗ୍‌ଦେବୀଙ୍କ ସହିତ ମିଶିଯାଏ ଏବଂ ଶୁଦ୍ଧ ବାଗ୍ (ଭାଷା,ଶବ୍ଦ) ଉଚ୍ଚାରଣ କରାଏ । ସେମାନଙ୍କ ଶରୀରରେ ମୁଁ ଗୋଲାକୃତି ହୋଇ ରହିଥାଏ ।

୪. ଦେବତାମାନଙ୍କ ବୁଦ୍ଧିରେ ମୁଁ ସରଳରୈଖିକ ହୋଇ ଲୁପ୍ତଭାବରେ ଥାଏ ଏବଂ ବ୍ରହ୍ମାଜ୍ଞାନୁମତେ ସେମାନଙ୍କ ବୁଦ୍ଧିର ଶୁଦ୍ଧତା, ତୀକ୍ଷ୍ଣତା ଓ ପ୍ରତ୍ୟୁତ୍ପନ୍ନମତିତାକୁ ନିୟନ୍ତ୍ରଣ କରୁଥାଏ ।

୫. ମର୍ତ୍ତ୍ୟଭୂମିରେ ଜୀବମଣ୍ଡଳର ପାପପ୍ରବୃତ୍ତିକର୍ମ ସଂପାଦନ ସମୟରେ ସେହି କର୍ମର ଫଳପାଇଁ ମୁଁ ହିଁ ଦଣ୍ଡର କାରଣ ଓ ରୂପର ଭୂମିକା ନିର୍ବାହ କରି ଦେବତାମାନଙ୍କ ଭାବରେ କ୍ରୋଧ ଏବଂ ରୁକ୍ଷତା ସୃଷ୍ଟି କରିଦିଏ । ଏହି ରୁକ୍ଷତାରେ ସ୍ୱଚ୍ଛତା ଓ ଅଭିଶାପ ଦେବା, ଭାବ, ଶକ୍ତି ପ୍ରଦାନ କରିଦେଇଥାଏ । ସେମାନଙ୍କ ଭିତରେ ଅହଂକାର ଜାଗ୍ରତ କରାଇ, ସେହି ଅହଂକାର ଭିତରେ ଗୋଲାପ ରଙ୍ଗ ଧାରଣ କରି ସୂକ୍ଷ୍ମରେ ରହିଯାଏ । ଦେବତାମାନଙ୍କ କ୍ରୋଧରୁ ମୋହରି ତେଜ ଓ ବ୍ରହ୍ମଙ୍କ ଆଦେଶରେ ହିରଣ୍ୟଗର୍ଭରୁ ନୂତନ ଶକ୍ତି ସୃଷ୍ଟି ହୋଇଯାଏ । ସେହି ଶକ୍ତି ଜୀବଜଗତକୁ ପ୍ରେରିତ ହୋଇ ଜନହିତକର କର୍ମରେ ନିୟୋଜିତ ହୁଏ ।

## ତପମଣ୍ଡଳରେ ମୋର କର୍ତ୍ତବ୍ୟ :-

୧. ତପମଣ୍ଡଳରେ ମୁଁ ସୂକ୍ଷ୍ମରେ ଲୁଚି ରହିଥାଏ । ସାଧନସୂତ୍ର ଅବଲମ୍ବନରେ ତପସ୍ୱୀ ଏହି ମଣ୍ଡଳ ସ୍ପର୍ଶ କଲା ମାତ୍ରେ ମୁଁ ତାହାକୁ ପରୀକ୍ଷା କରିବାର ଲକ୍ଷ୍ୟନେଇ 'ପରୀଜଗତ'ର ଭାରବହନ କରେ । ତପସ୍ୱୀ ତପର ନିଷ୍ଠା, ଏକାଗ୍ରତା ଓ ତ୍ୟାଗ, ସେବା ଆଦି ତପକର୍ମର ଚରମ ଅବସ୍ଥାରେ ପହଞ୍ଚିଲେ ମୁଁ ସେମାନଙ୍କୁ ପରୀକ୍ଷା କରେ । ଏହି ପରୀକ୍ଷା ସମୟରେ ମୁଁ ବହୁରୂପା ହୋଇ ଅନେକ ପ୍ରଲୋଭନ, ପ୍ରହେଳିକା ସେମାନଙ୍କ ସମ୍ମୁଖରେ ଉପସ୍ଥାପନ କରେ । ପରୀକ୍ଷାରେ ଅସଫଳ ହେଲେ ସେମାନଙ୍କୁ ବନ୍ଧନ କରି ନିମ୍ନସ୍ତରକୁ ଖସାଇଦିଏ । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମୁଁ ସନ୍ତୋଷ ଲାଭ କରି ବର୍ଣ୍ଣସଙ୍କେତ ମାଧ୍ୟମରେ ମୋର ସନ୍ତୋଷକୁ ପରମପିତାଙ୍କୁ ଜଣାଇଦିଏ । ଏହି ଇଙ୍ଗିତ ପାଇ ପରମପିତା କଲ୍ୟାଣମୟ ହୋଇଯାଇ ସଫଳ ତପସ୍ୱୀକୁ ଚୈତନ୍ୟ ସିଦ୍ଧାନ୍ତରେ ପହଞ୍ଚାଇ ତପଲୋକରୁ ବ୍ରହ୍ମକୈବଲ୍ୟମଣ୍ଡଳ ପର୍ଯ୍ୟନ୍ତ ଧ୍ୟାନଦ୍ୱାରା ସିଦ୍ଧିଲାଭ କରାଇ ଦିଅନ୍ତି ।

୨. ପରମଙ୍କ ଦ୍ୱାରା ପ୍ରେରିତ 'ତପସ୍ୱୀ' ମଣ୍ଡଳ ଭୋଗକରି ମର୍ତ୍ତ୍ୟଧାମକୁ ଆସନ୍ତି । ତପ ଆଚରଣରେ 'ବୈଖାରୀୟ ଜ୍ଞାନବିଜ୍ଞାନ' ସୃଷ୍ଟି ଅବସ୍ଥାରେ ମଧ୍ୟ ସେମାନେ ମୋହରି ପରୀକ୍ଷାସୂତ୍ରରେ ପଡ଼ନ୍ତି । ଉତ୍ତୀର୍ଣ୍ଣ ହେଲେ ପୂର୍ଣ୍ଣାଙ୍ଗ ଜ୍ଞାନସିଦ୍ଧ ହୋଇ ଅନେକ ନୂତନ ଦିଗ୍‌ଦର୍ଶନ ପ୍ରଦାନକ୍ଷମ ହୋଇ ମର୍ତ୍ତ୍ୟବାସୀଙ୍କର ଅଶେଷ କଲ୍ୟାଣ କରନ୍ତି ।

## ମର୍ତ୍ତ୍ୟଲୋକ ଉଦ୍ଦେଶ୍ୟରେ ମୋ ପ୍ରତି ଥିବା ବ୍ରହ୍ମାଦେଶ :

୧. ଜୀବର ଜନ୍ମରୁ ମୃତ୍ୟୁପର୍ଯ୍ୟନ୍ତ ତାହାଦ୍ୱାରା କୃତ ସମସ୍ତ କର୍ମ ତଥା କାର୍ଯ୍ୟକରିବାପାଇଁ ପ୍ରୟୋଗ ହେଉଥିବା ବୁଦ୍ଧି, ବିବେକ (ଶୁଦ୍ଧ, ନିର୍ମଳ)ର ଫଳଦାନ କରି କରାଇବାର ସମସ୍ତ ଦାୟିତ୍ୱ ପରମପିତା ମୋ ଉପରେ ନ୍ୟସ୍ତ କରିଥିବାରୁ ମୁଁ ଜୀବଜଗତର ଭାର ବହନ କରିଅଛି ।

୨. ଜୀବର କର୍ମାନୁଯାୟୀ ଜଡ଼ରୁ ଚୈତନ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରକୁ ସୂକ୍ଷ୍ମରେ ନିୟନ୍ତ୍ରିତ କରେ । ପ୍ରତ୍ୟେକ ପିଣ୍ଡକୁ ସୂକ୍ଷ୍ମ ବ୍ରହ୍ମାଣ୍ଡ ସହ ଯୋଗସୂତ୍ର ବହନକାରୀ ଭୂମିକା ଗ୍ରହଣକରି ପରମପିତାଙ୍କ ଆଜ୍ଞାବାହୀ ହୋଇ ସବୁ ସମୟରେ ସର୍ବସ୍ଥାନରେ ବିରାଜିତ ରହେ ଓ ବିଚରଣ କରେ ।

୩. ବୁଦ୍ଧିମାନ ଓ ବିବେକୀ ଜୀବ ତାହାର ଜାଗ୍ରତ ହୋଇଥିବା ଚୈତନ୍ୟବଳରେ ଜନସମାଜକୁ ଦେଉଥିବା ଦିଗ୍‌ଦର୍ଶନରେ ମଧ୍ୟ ମୁଁ ଭାରବହନ ବ୍ରହ୍ମାଜ୍ଞା ପାଳନ କରି ସୂକ୍ଷ୍ମରେ ଅବସ୍ଥାନ କରେ ।

୪. ଜୀବ ସାଧନସୂତ୍ର ଅନୁସରଣରେ ବ୍ରହ୍ମାଭିମୁଖୀ ହେବା ସମୟରେ କରୁଥିବା ସଂକଳ୍ପ ମଧ୍ୟରେ ମୁଁ ହିଁ ଆଜ୍ଞାବାହୀ ହୋଇ ପ୍ରବେଶ କରେ ଏବଂ ପ୍ରତି ପର୍ଯ୍ୟାୟରେ ପରୀକ୍ଷା ନିଏ । ଦୃଢ଼ସଂକଳ୍ପଧାରୀ ଜୀବପ୍ରତି ସନ୍ତୋଷ ପ୍ରକଟ କରି ତାହାର ଶୁଦ୍ଧ, ପବିତ୍ର, ଭାବଯୁକ୍ତ ଗତିକୁ କ୍ଷୀପ୍ରରୁ କ୍ଷୀପ୍ରତର କରାଇଦିଏ । ପ୍ରତିଜ୍ଞାଭଙ୍ଗକାରୀ, ବିଚଳିତ ଭାବଯୁକ୍ତ ଅସଫଳ ଜୀବକୁ ଦଣ୍ଡପ୍ରୟୋଗ ମୋହରି ଦ୍ୱାରା ହିଁ ହୋଇଥାଏ ।

୫. ଭାବ, କର୍ମ ଅନୁସାରେ ମୁଁ ନିଜେ ହିଁ ପରମପିତାଙ୍କ ଆଦେଶାନୁସାରେ ଦଣ୍ଡର ସ୍ୱରୂପ ଗ୍ରହଣ କରି ଜୀବ ମଧ୍ୟରେ ପ୍ରବେଶ କରି ତାହାକୁ ଫଳ ଭୋଗ କରାଏ । ଅପକର୍ମର ପର୍ଯ୍ୟାୟକ୍ରମରେ ମୁଁ ଦଣ୍ଡର ପ୍ରତିରୂପ ମସ୍ତିଷ୍କବିକୃତି, ବିକଳାଙ୍ଗ, କୁଷ୍ଠ, ଶ୍ୱାସ, ଅତିସାର, ଅଗ୍ନିମାନ୍ଦ୍ୟ, କର୍କଟ, ମଧୁମେହ, ଅପସ୍ମାର ଆଦି ମହାବ୍ୟାଧି ସ୍ୱରୂପ ଗ୍ରହଣ କରି ଜୀବର ପିଣ୍ଡ ମଧ୍ୟରେ ପ୍ରବେଶକରି ତାହାକୁ ଯନ୍ତ୍ରଣାଦାୟକ କର୍ମଫଳ ଭୋଗ କରାଇବାକୁ ଆଜ୍ଞାପ୍ରାପ୍ତ ହୋଇ କାର୍ଯ୍ୟକାରୀ କରେ ।

୬. ଉପରବର୍ଣ୍ଣିତ କର୍ତ୍ତବ୍ୟ ସଂପାଦନରେ ଯଦି ମୋର ଅବହେଳା ହୁଏ, ପରମପିତା ହରିଦ୍ରାବର୍ଣ୍ଣର ଇଙ୍ଗିତଦ୍ୱାରା ମୋର ଅବହେଳା ସଂପର୍କରେ ସଚେତନ କରାଇ ଦିଅନ୍ତି । ଏହି ସମୟରେ ହରିଦ୍ରାବର୍ଣ୍ଣଜ୍ୟୋତି ମୋ ସହିତ ମିଶି ବଳବତ୍ତର ହୋଇଯାଏ । ବଳବତ୍ତର ହେଉଥିବା ଅବସ୍ଥାରେ ମୋ ଜ୍ୟୋତିଶରୀରରୁ କେତେକାଂଶ ଜ୍ୟୋତିରେଣୁ ପିଣ୍ଡଆତ୍ମା ଧାରଣ କରି ଜଡ଼ ଜୀବାତ୍ମା ରୂପରେ ପିଣ୍ଡ ପୁରୁଷମଣ୍ଡଳରେ ଘୂରି ବୁଲନ୍ତି । ମର୍ତ୍ତ୍ୟଧାମରେ ପିତାମାତାଙ୍କ ସଂଯୋଗ କ୍ରିୟା ଅବସ୍ଥାରେ ମୁଁ ଯେଉଁ ନକ୍ଷତ୍ରଭୋଗରେ ବର୍ଣ୍ଣଧାରଣ କରି ବ୍ରହ୍ମଙ୍କ ସଙ୍କେତ ବହନ କରୁଥାଏ, ସେହି ନକ୍ଷତ୍ରରେ ମୋ ବର୍ଣ୍ଣ ଗ୍ରହଣ କରି ଉକ୍ତ ଆତ୍ମାମାନେ ବିନ୍ଦୁରୂପରେ ମର୍ତ୍ତ୍ୟସ୍ଥ ଜନନୀ ଜଠରରେ ଆଶ୍ରୟ ନେଇଯାଆନ୍ତି । ଏହି ବିନ୍ଦୁ ସହିତ ଯୁକ୍ତହୋଇ ଜଠରରେ ବିନ୍ଦୁସ୍ଥାପନର ଏକମାସ ପର୍ଯ୍ୟନ୍ତ ମୁଁ ଅବସ୍ଥାନ କରେ । ତାପରେ ମୁଁ ଦୂରେଇଯାଏ ଏବଂ ପୂର୍ବବତ୍ ସୂକ୍ଷ୍ମ ଅବସ୍ଥାରେ ରହି ବ୍ରହ୍ମାଜ୍ଞା ପାଳନ କରି ଜୀବକୁ ନିୟନ୍ତ୍ରଣ କରେ ।

୭. ମର୍ତ୍ତ୍ୟଲୋକସ୍ଥ ପଶୁପକ୍ଷୀଙ୍କ ପିଣ୍ଡରେ ଥିବା କୋଷରେ ସ୍ନାୟୁ ରୂପ ଧାରଣ କରି ଲାଲବର୍ଣ୍ଣର ଜ୍ୟୋତିରେ ମୁଁ ରହିଥାଏ । ସେମାନଙ୍କ ଚେତା ଓ ଲୟକୁ ସଂପୂର୍ଣ୍ଣଭାବେ ନିୟନ୍ତ୍ରଣ କରି ସେମାନଙ୍କୁ ଏକଚେତା, ଏକଲୟ ଧାରଣର କ୍ଷମତା ପ୍ରଦାନ କରେ । ମୋହରି ମାୟାର ପ୍ରଭାବରେ ସ୍ୱୟଂଚାଳିତ ପ୍ରକ୍ରିୟାରେ ସ୍ୱାବଲମ୍ବୀ ହୋଇ ସେମାନେ ଶୃଙ୍ଖଳିତ ଜୀବନ ଯାପନ କରନ୍ତି । ବୀଜ ବିକ୍ଷେପ, ପରାଗସଂଗମ ଓ ବଂଶବିସ୍ତାର କରନ୍ତି । ମୋ ମାୟାଦ୍ୱାରା ବଶୀଭୂତ ହୋଇ ସେମାନଙ୍କର ଗୁଣସୂତ୍ର ଅନୁଯାୟୀ ସେମାନେ ଖାଦ୍ୟ ଗ୍ରହଣ କରନ୍ତି ଓ କ୍ଷୁଧା, ପିପାସାଦି ମୌଳିକ ଗୁଣକ୍ରିୟା କରିବାକୁ ସକ୍ଷମ ହୁଅନ୍ତି । କାରଣ ମନୁଷ୍ୟପରି ସେମାନେ ସେମାନଙ୍କର ମନକଥା, ମନପସନ୍ଦ ପ୍ରକାଶ କରିପାରନ୍ତି ନାହିଁ । ତେଣୁ ବ୍ରହ୍ମଙ୍କ ପ୍ରତ୍ୟକ୍ଷ ଆଜ୍ଞାରେ ମୁଁ ସେମାନଙ୍କର ସମସ୍ତ ଭାର ବହନ କରିଥାଏ ।

୮. ଶୂନ୍ୟ ଆକାଶରେ ଦୃଶ୍ୟ ହେଉଥିବା ଇନ୍ଦ୍ରଧନୁର ପ୍ରତ୍ୟେକ ବଳୟର ରଙ୍ଗ ମୋରି ଦ୍ୱାରା ହିଁ ନିୟନ୍ତ୍ରିତ ହୁଏ । ସୂକ୍ଷ୍ମରୁ କାରଣଜଗତ ପର୍ଯ୍ୟନ୍ତ ଉକ୍ତବର୍ଣ୍ଣକୁ ପ୍ରେରଣ କରିବାର ଆଜ୍ଞା ବ୍ରହ୍ମଙ୍କ ନିକଟରୁ ପ୍ରାପ୍ତ ହୋଇ ସେହି କାର୍ଯ୍ୟ ନିର୍ବାହ କରିଥାଏ ।

*କ୍ରମଶଃ...*

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ମତି ଚପଳ ସିନା କଅଁଳ ଚନ୍ଦ୍ରକଳା,
ଆବୋରି ରହିଅଛି ତୋହର ପିଣ୍ଡ ।

ଧରମ ଧନ ଯଦି ବାନ୍ଧିବୁ ଯତନରେ,
ଦେଖିବୁ ମନଖୋଲି କୋଟି ବ୍ରହ୍ମାଣ୍ଡ ॥

ବ୍ରହ୍ମାଣ୍ଡପତି ନିଜେ କେତେ ଶ୍ରଦ୍ଧାରେ ଖୋଜେ,
ଥରେ ତୁ ଆସି ଲୋଟିଯାଅ ଚରଣେ ।

ଦେଖିବୁ ତାର ରୂପ ତୁଟିବ ସବୁ ପାପ,
ଅମୃତ ଲଭି ହେବୁ ଜଗତେ ଜଣେ ॥

*ସକଳ ତେଜପୁଞ୍ଜର ଉତ୍ସ ସୂର୍ଯ୍ୟଦେବ ତାଙ୍କର କିରଣକୁ ସମଭାବରେ ଧରାପୃଷ୍ଠରେ ବିକିରଣ କରୁଛନ୍ତି । କିନ୍ତୁ ସେହି କିରଣ ପାଣି ଓ କାଚ ଉପରେ ଯେପରି ପ୍ରତିବିମ୍ବିତ ହେଉଛି ମାଟି ଉପରେ କ'ଣ ସେହିପରି ଉଦ୍‌ଭାସିତ ହେଉଛି ? ପାଣି ଓ କାଚ ସ୍ୱଚ୍ଛ ହୋଇଥିବାରୁ ସେଥିରେ ପ୍ରତିଫଳନ ଖୁବ୍ ସ୍ପଷ୍ଟ ହେଉଛି । ସେହିପରି ପରମପିତାଙ୍କର ଆଶିଷର ଧାରା ଅବିରାମ ଗତିରେ ଧରିତ୍ରୀ ଉପରେ ଝରିଚାଲିଛି । ମାତ୍ର ଶରୀର ଏବଂ ମନର ସ୍ୱଚ୍ଛତା ନଥିବାରୁ ମାୟାମୋହରେ ଆକ୍ରାନ୍ତ ହୋଇଥିବା ଜୀବ ତାହାକୁ ଅନୁଭବ କରିପାରୁନାହିଁ । ସେହି ଅବସ୍ଥା ପ୍ରାପ୍ତ ହେବାପାଇଁ କଠୋର କର୍ମ ଯୋଗର ଅଭ୍ୟାସ ଦ୍ୱାରା ଶରୀର ରୂପକ କ୍ଷେତ୍ର ପ୍ରସ୍ତୁତ କରିବା ଏକାନ୍ତ ପ୍ରୟୋଜନ । କିନ୍ତୁ ଶରୀରର ପରିପକ୍ୱ ଅବସ୍ଥା ଆସିଗଲେ ଜୀବକୋଷଗୁଡ଼ିକ ସଂକୋଚନ, ପ୍ରସାରଣ କ୍ରିୟା କରିବାର ସାମର୍ଥ୍ୟ ହରାଇଦିଅନ୍ତି । ତେଣୁ ବାଲ୍ୟ ଅବସ୍ଥାରେ ଶରୀର, ମନ, ସ୍ନାୟୁ ଓ କୋଷ ଆଦି ସମସ୍ତ ଅବୟବ କୋମଳ ତଥା ଧାରଣକ୍ଷମ ହୋଇଥିବାରୁ କର୍ମଯୋଗ ଅଭ୍ୟାସ ଖୁବ୍ ସହଜ, ସରଳ ହୋଇଥାଏ । ସେଥିପାଇଁ ପିତାମାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଉଚ୍ଚବଚ୍ଚଳ ଭାବଗ୍ରାହୀ ପ୍ରଚଳିତ ସମାଜରେ ଉକ୍ତ ବ୍ୟବସ୍ଥାର ଅଭାବ ନିବିଡ଼ଭାବରେ ଲକ୍ଷ୍ୟକରି ବାଲ୍ୟକାଳରୁ ହିଁ ଧର୍ମ ଧନ ସଞ୍ଚୟ କରିବାର କୌଶଳ, ସେହିସୂତ୍ରରେ ବାଲ୍ୟରୁ ଅଭ୍ୟାସକରି ପରିଣତ ବୟସରେ ଚରମପ୍ରାପ୍ତ ହୋଇଥିବା ମହାପୁରୁଷମାନଙ୍କ ଜୀବନୀ ପ୍ରକାଶ ଛଳରେ ଚପଳମତି ଶିଶୁ, କିଶୋରମାନଙ୍କ ପାଇଁ ଏହାକୁ ସୃଷ୍ଟି କରିଛନ୍ତି ।*

## ବିସ୍ମୟ ଶ୍ରଦ୍ଧାନନ୍ଦ

ସମସ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ହୋଇଥିବା ଜଙ୍ଗଲଟିଏ । ତାହାରି ପାଦଦେଶରେ ଜଙ୍ଗଲର ଶୋଭା ବର୍ଦ୍ଧନକରି ସୁନ୍ଦର ଶବରପଲ୍ଲୀଟି ଅବସ୍ଥିତ ।  ପଲ୍ଲୀଟିର ସୀମା ସ୍ପର୍ଶ କରି ସ୍ୱଚ୍ଛ, ନିର୍ମଳ ଜଳାଧାର ଝରଣାଟିଏ ବହିଯାଉଛି । ପଲ୍ଲୀବାସିନ୍ଦାମାନେ ବୃତ୍ତିରେ ଅତ୍ୟନ୍ତ ଦରିଦ୍ର, ମାତ୍ର ମନର ସରଳତା ଓ ନିର୍ମଳତାରେ ମହାଧନୀ । ସେମାନଙ୍କ ଜୀବିକାନିର୍ବାହର ସମସ୍ତ ଦାୟିତ୍ୱ ସତେ ଯେପରି ପ୍ରକୃତିମାତା ନିଜେ ଗ୍ରହଣ କରିନେଇଛନ୍ତି । ଜଙ୍ଗଲଜାତ ଦ୍ରବ୍ୟ ହିଁ ତାଙ୍କର ସଂପଦ, ବିଭବ ଓ ଐଶ୍ୱର୍ଯ୍ୟ । ଆଧୁନିକ ସଭ୍ୟତାର ସୁଗନ୍ଧ ସେମାନଙ୍କୁ ଛୁଇଁ ପାରେ ନାହିଁ । ପଲ୍ଲୀ ମଝିରେ ଏକ ବିଶାଳ ଅଶ୍ୱତ୍ଥ ବୃକ୍ଷ । ସେହି ବୃକ୍ଷମୂଳରେ ଖଣ୍ଡିଏ ପଥର ସେମାନଙ୍କ ବିଶ୍ୱାସର ଠାକୁର,

ରକ୍ଷକ, ପାଳକ, ସଖା, ବନ୍ଧୁ, ସହୋଦର ଭାବରେ ପୂଜିତ । ଠାକୁରଙ୍କ ନାମ ନୀଳମାଧବ । ସଂକ୍ଷେପରେ ଡ଼ାକନ୍ତି ମାଧବ । ଜୀବନ ପରିଚର୍ଯ୍ୟାର ପ୍ରତ୍ୟେକ ଅବସ୍ଥାରେ ସେମାନେ ତାଙ୍କର ସେହି ପ୍ରିୟ ମାଧବକୁ ସ୍ମରଣ କରନ୍ତି ଏବଂ ବୃକ୍ଷମୂଳରେ ଝୁଣାଟିକିଏ ଲଗାଇଦେଇ ମନକଥା କହିଦିଅନ୍ତି । ଏତିକି ମାତ୍ର ତାଙ୍କର ଇଷ୍ଟପୂଜନ । ଜଙ୍ଗଲକୁ ଯିବା ସମୟରେ ଗଛମୂଳରେ ମୁଣ୍ଡିଆଟିଏ ମାରି କହିଯାଆନ୍ତି, ''ମାଧବ ! ମୁଁ ଜଙ୍ଗଲକୁ ଯାଉଛି । ମୋ ସାଙ୍ଗରେ ତୁ ଚାଲ୍ । ମୋତେ ଜଗିବୁ ଓ ଆଜି ଜଙ୍ଗଲରୁ କେଉଁଠୁ କ'ଣ ପାଇବି ମୋତେ ଦେଖାଇ ଦେବୁ ।'' ସରଳପ୍ରାଣ ଭକ୍ତବଂଧୁମାନଙ୍କର ଆଦେଶକୁ ସତରେ ମାଧବ ଚାହିଁ ବସିଥାନ୍ତି । କାରଣ ସେମାନେ ଯାହା ଅଳି କରନ୍ତି ସେମାନଙ୍କର ସମସ୍ତ ଅଳି, କାମନା ସଂଗେ ସଂଗେ ପୂର୍ଣ୍ଣ ହୋଇଯାଏ । ତେଣୁ ମାଧବ ସେମାନଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଥାନ୍ତି ।

ସେହି ଶବରପଲ୍ଲୀଟିର ଏକ ସରଳ ଦମ୍ପତ୍ତି । ପୁରୁଷର ନାମ ସଉରା ଓ ସ୍ତ୍ରୀର ନାମ ମାଧବୀ । ବିବାହର ଅନେକ ବର୍ଷ ବିତିଗଲା । ତଥାପି କୋଳରେ ପିଲାଟିଏ ପାଇଲେ ନାହିଁ । ପ୍ରତିଦିନ ତାଙ୍କର ପ୍ରାଣାଧିକପ୍ରିୟ ମାଧବ ନିକଟକୁ ଯାଇ ମନକଥା ଜଣାନ୍ତି । କିନ୍ତୁ କାହିଁକି କେଜାଣି ଭକ୍ତପ୍ରିୟ ମନମୋହନ ସେମାନଙ୍କ ସହ ଖେଳିଦିଅନ୍ତି । ମନର ବାସନା ପୂର୍ଣ୍ଣହୁଏ ନାହିଁ । ତେଣୁ ଦିନେ ଉଭୟେ ଏକତ୍ର ବସି ବିଚାରକରି ସିଦ୍ଧାନ୍ତ ନେଲେ, 'ମାଧବ ତ ଆମକଥା ଶୁଣିଲା ନାହିଁ । ଏ ଜୀବନ ରଖି ଲାଭ କ'ଣ ? ଚାଲ, ଆଜି ରାତିରେ ତା' ନିକଟକୁ ଯିବା ଏବଂ ତା'ରି ଗଛ ଡ଼ାଳରେ ରଶି ଲଗାଇ ଏ ଜୀବନ ହରାଇଦେବା ।'' ଏହି ନିଷ୍ପତ୍ତି ନେଇ ରାତ୍ରିର ଗଭୀରତାରେ ପଲ୍ଲୀ ଯେତେବେଳେ ଶୋଇଗଲା, ସେମାନେ ଚାଲିଲେ ମାଧବ ପାଖକୁ । ଝୁଣାଧୂପ ଲଗାଇଦେଇ ମୁଣ୍ଡିଆ ମାରି କହିଲେ, ''ମାଧବ ! ଯେତେ କହିଲେ ବି ତୁ ଆମକଥା ଶୁଣିଲୁ ନାହିଁ । ଏଥରକ ଦେଖୁଥା, ଆମେ ତୋରି ଗଛରେ ରଶିଲଗାଇ ଜୀବନ ଦେଇ-ଦେଉଛୁ ।'' ଗୋଟିଏ ଡ଼ାଳର ଉଭୟ ପାର୍ଶ୍ୱରେ ଦୁଇଟି ରଶି ଲଗା ସରିଗଲା । ଏଥର ମାଧବର ପାଳି । ବିଚରା ବହୁତ ହୁସିୟାର । ସବୁ କରୁଥିବ । କିନ୍ତୁ ନିଜ ଉପରକୁ ଦୋଷ/କଳଙ୍କ ଆସିଗଲେ ଖେଳ ସରିଯିବ । ତାହାହିଁ ହେଲା । ନିଷ୍କପଟ, ସରଳପ୍ରାଣ ଭକ୍ତର ଆକୁଳତାରେ ରତ୍ନସିଂହାସନ ଥରିଉଠିଲା । ଶୂନ୍ୟବାଣୀ ଜରିଆରେ ତାଙ୍କ ପ୍ରିୟ ମାଧବ କହିଲା, ''ସଉରା, ମାଧବୀ ! ମୁଁ କଥା ଶୁଣିଛି । କେବଳ ଭଲ ସନ୍ତାନଟିଏ ଦେବାପାଇଁ ଅପେକ୍ଷା କରିଥିଲି । ତୁମେଦୁହେଁ ଏ କର୍ମ କରନାହିଁ । କୁଡ଼ିଆକୁ ଫେରିଯାଅ । ତୁମର ଏଥରକ ନିଶ୍ଚୟ ପୁଅଟିଏ ହେବ ।'' ମାଧବର ଏ କଥା ଶୁଣି ଉଭୟେ ଭୋ ଭୋ ହୋଇ ପ୍ରେମରେ କାନ୍ଦି ପକାଇଲେ । ହୃଦୟର କୃତାଞ୍ଜଳି ଜଣାଇ ପ୍ରଣାମ ନିବେଦନ କରି ଆନନ୍ଦ ମନରେ ଫେରିଆସିଲେ । ଧନ୍ୟ ମାଧବ ! ଧନ୍ୟ ତୋହର ଭକ୍ତବତ୍ସଳତା ! ବିଚିତ୍ର ତୋ'ର ଖେଳ ! କୋଟି କୋଟି ବ୍ରହ୍ମାଣ୍ଡରେ କାହାର ସାମର୍ଥ୍ୟ ଅଛି, ଯିଏ କି ତୋ'ର ଭକ୍ତଲୀଳା ବୁଝିପାରିବ ? ଧ୍ୟାନ, ଜପ, ତପ, ଜ୍ଞାନ ନଥାଇ ମଧ୍ୟ କେବଳ ସରଳପ୍ରାଣ, ଅଖଣ୍ଡବିଶ୍ୱାସ, ପ୍ରେମଭରା ପ୍ରଣତି ନିକଟରେ ତୁ କିପରି ଶାନ୍ତ ସରଳ ଶିଶୁଟି ପରି ପ୍ରକଟିତ ହୋଇଯାଉ, ତାହାକୁ ସେହି ଅନୁଭବୀ ବ୍ୟତୀତ ଆଉ କିଏ ଜାଣିପାରିବ ?

ସମୟକ୍ରମେ ମାଧବଙ୍କ ବାଣୀ ସତ୍ୟ ହେଲା । ମାଧବୀ ଗର୍ଭରେ ବିନ୍ଦୁ ସ୍ଥାପନ ହେଲା । ସୃଷ୍ଟି ଚକ୍ରର ନିୟମ ଅନୁଯାୟୀ ଯଥାସମୟରେ ମାଧବୀ, ସଉରାଙ୍କର ପୁଅଟିଏ ହେଲା । ମାଧବ ଶୂନ୍ୟବାଣୀ ଦେଇଥିଲା ଏବଂ ତା'ରି କଥାରେ ସଉରାର ପୁଅ ହୋଇଛି । ଏହି ବାର୍ତ୍ତା ପ୍ରଚାରିତ ହେବାମାତ୍ରେ ପଲ୍ଲୀଟି ଉତ୍ସବମୁଖରିତ ହୋଇଗଲା । ସମସ୍ତେ ମାଧବ ପାଖରେ ଏକାଠି ହୋଇ ଆନନ୍ଦରେ ନାଚ, ଗୀତ, ଭୋଜିକରି ମାଧବ ପ୍ରେମରେ ପାଗଳ ହୋଇଗଲେ । ସତରେ ହେ ମାଧବ ! ତୁମେ କ'ଣ ପ୍ରକୃତରେ ଏହି ସରଳମନର ପ୍ରେମ, ବିଶ୍ୱାସ ଭାବପାଇଁ ଏତେ ଅଧୀର ହୋଇଯାଅ ? କି'ଏ ବା ତୁମକଥା ବୁଝିବ ?

ସଉରାର ପୁଅ ପାଇଁ ତାଙ୍କର ପରମ୍ପରା ଅନୁସାରେ ପଲ୍ଲୀସଭା ବସିଲା । ସଭାର ବିଚାରବିମର୍ଷ ପରେ ପଲ୍ଲୀ ମୁଖିଆ କହିଲେ, ''ମାଧବର ଶରଧାରୁ ସଉରାର ଏହି ପୁଅଟି ଜନମ ହୋଇଥିବାରୁ ଏହାର ନାମ 'ଶରଧା' ରହିଲା ।'' ତେଣୁ ସେହିଦିନୁ ଶିଶୁଟି 'ଶରଧା' ନାମରେ ପରିଚୟ ପାଇଲା । ସଂକ୍ଷେପରେ ତାକୁ ସମସ୍ତେ 'ଶର' ବୋଲି ଡ଼ାକିଲେ ।

ଅମାବାସ୍ୟା ଦିନରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଆକାଶରେ ଦିନକୁଦିନ ଚନ୍ଦ୍ରଙ୍କ କଳାବୃଦ୍ଧି ହେବାପରି 'ଶର' ଦିନକୁଦିନ ବୟସ ବୃଦ୍ଧି ସଂଗେ ସଂଗେ ପଲ୍ଲୀର ପ୍ରତ୍ୟେକ ବାସିନ୍ଦାଙ୍କର ଅତିପ୍ରିୟ, ଅଳିଅଳ ହୋଇ ବିକଶିତ ହେଲା । ବାପା, ମା'ଙ୍କର ପ୍ରିୟ ହେଉଛନ୍ତି ମାଧବ । ତେଣୁ ଦୈନିକ ପରିଚର୍ଯ୍ୟାର ଏକ ନିୟମିତ ଅଭ୍ୟାସ କରି ପ୍ରତିଦିନ ଉଭୟେ ଏକତ୍ର ହୋଇ 'ଶର'କୁ କୋଳରେ ନେଇ ମାଧବ ପାଖକୁ ଯାଆନ୍ତି ଓ ସେହି ଅଶ୍ୱତ୍ଥବୃକ୍ଷ ମୂଳରେ ବିଶ୍ୱାସରେ ବିରାଜିତ ହୋଇଥିବା ପଥର ରୂପୀ ମାଧବ ପାଖରେ ଗଡ଼ାଇ ଦେଇ କହନ୍ତି, 'ହେ ମାଧବ ! ତୁ ହିଁ ଆମକୁ ଏ 'ଶର'କୁ ଦେଇଛୁ । ଆମେ ପାଠ, ଶାଠ ପଢ଼ିନୁ । ଆମର ଜ୍ଞାନ, ବୁଦ୍ଧି କିଛି ନାହିଁ । ତେଣୁ ତୁ ତା'ର ଦାୟିତ୍ୱ ଗ୍ରହଣ କର । ତୋର ଇଚ୍ଛା ଅନୁଯାୟୀ ତୁ ତାକୁ ମଣିଷପରି ମଣିଷଟିଏ କରି ଦେ ।' ଏତିକି କହି ସେମାନେ ନିଶ୍ଚିନ୍ତ ହୋଇଯାଆନ୍ତି । ସେମାନଙ୍କ ଭିତରେ ଦୃଢ଼ବିଶ୍ୱାସ ଆସିଯାଏ ଯେ, ମାଧବ ତାଙ୍କ କଥା ଶୁଣିଛି । ତେଣୁ 'ଶର' କଥା ସେ ନିଶ୍ଚୟ ଠିକ୍ ଭାବରେ ବୁଝିବ । ପ୍ରକୃତରେ ପ୍ରଭୁ ! କେତେ ସୁନ୍ଦର ତୁମର ଏହି ଅତିପ୍ରିୟ ସରଳମତି ଶବରଦମ୍ପତ୍ତିଙ୍କର କେତେ ବିଶ୍ୱାସ ? ତେଣୁ ସର୍ବତୋଭାବେ ତୁମେ ତାଙ୍କର ଅତି ନିଜର ନ ହୋଇ ରହିପାରିବ କିପରି ? ଏବଂ ସେମାନଙ୍କର ମନର କଥା, ଭାବ, ଭାଷାକୁ ଗ୍ରହଣ କରିବା ଛଡ଼ା ତୁମର ଉପାୟ ନାହିଁ ।

ଦିନ ପରେ ଦିନ ଗଡ଼ିଚାଲେ । ଶରୀର ବୃଦ୍ଧିର ପ୍ରାକୃତିକ ନିୟମ 'ଶର'ର କଅଁଳିଆ ପାଦ ଦୁଇଟିକୁ ଚାଲିବାପାଇଁ ପ୍ରେରଣା, ସାମର୍ଥ୍ୟ ଯୋଗାଇ ନିଷ୍କପଟ, ମାୟାରହିତ, ଜଟିଳତାଶୂନ୍ୟ 'ଶର' ଗୁଲୁଗୁଲୁ ହୋଇ ଚାଲିବାକୁ ଆରମ୍ଭ କଲା । ଜନ୍ମଠାରୁ ଚାଲିଶିଖିବା ପର୍ଯ୍ୟନ୍ତ ମା'ର କୋଳରେ ଥାଇ ମାଧବଙ୍କ ନିକଟକୁ ଯିବା ଅଭ୍ୟାସ ତା'ର ଶରୀର, ମନରେ ଜମାଟବାନ୍ଧି ରହିଯାଉଥିଲା । ତେଣୁ ଚାଲିବାର କୌଶଳ ଜାଣିବାପରେ ଆଉ ମା'ର କୋଳ ଆଶ୍ରୟ ନ ନେଇ ମା' ବାପାଙ୍କ ହାତଧରି ନାଚିନାଚିକା ଯିବାର ଅଭ୍ୟାସ ହୋଇଗଲା । କାର୍ଯ୍ୟବ୍ୟସ୍ତତାରେ ଯଦି କୌଣସି ଦିନ ବାପା, ମା'ଙ୍କର ମାଧବଙ୍କ ପାଖକୁ ଯିବା ବିଳମ୍ବ ହୋଇଯାଉଥିଲା, ତେବେ ଝନେଇ ଝନେଇ ମା'ର ପଣତକାନି ଧରି ଅଳି କରୁଥିଲା, 'ମା ! ମା...ଧ...ବ ? ପୁଅର ଅଳିରେ ବିହ୍ୱଳ ହୋଇ ସମସ୍ତକାର୍ଯ୍ୟକୁ ପଛରେ ପକାଇଦେଇ ମା' ତାକୁ ସଂଗରେ ନେଇ ଚାଲିଯାଉଥିଲେ ମାଧବଙ୍କ ନିକଟକୁ । 'ଶର' କିନ୍ତୁ ପଥରରୂପୀ ମାଧବଙ୍କୁ ତା'ର ଗୋଟିଏ ଖେଳନା ମନେକରି ତା ସହିତ ଖେଳିବାକୁ ବ୍ୟାକୁଳ ହୋଇ ଉଠୁଥିଲା । ମାତ୍ର ମା'ଙ୍କ ଉପସ୍ଥିତି ଓ ଆକଟ ଯୋଗୁ ବିଚରା ବହୁତ ମନଦୁଃଖ କରୁଥିଲା । କିନ୍ତୁ ମନେ ମନେ ହସୁଥିଲେ ମାଧବ । ସତେ ଯେପରି ହସି ହସି ମା'କୁ କହୁଥିଲେ, ''କେତେଦିନ ତୁ ମୋ ଖେଳସାଥିକୁ ଆକଟ କରି ଜଗିରଖିବୁ ? ସେ ପରା ମୋର ଲୀଳାସଙ୍ଗୀ ?'' ଏବଂ 'ଶର'କୁ କହୁଥିଲେ, ''ରେ ମୋର ପ୍ରିୟ ସଖା ! ଧୈର୍ଯ୍ୟ ଧର । ଆଉଟିକେ ବଡ଼ ହୋଇଯାଆ । ତୋତେ କେହି ରୋକିପାରିବେ ନାହିଁ । ଆମେ ସାଙ୍ଗ ହେବା । କେତେ ରଙ୍ଗ ରଙ୍ଗିକା ଖେଳ ଖେଳିବା । ମୁଁ ପରା ତୋତେ ଅପେକ୍ଷାକରି ରହିଛି । ଏତିକିବେଳୁ ଏତେ ବ୍ୟସ୍ତ କାହିଁକି ହେଉଛୁ ?

କ୍ରମଶଃ....

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

## ଭକ୍ତିର ସାଧନ

ବିବେକ, ବିମୋକ, ଅଭ୍ୟାସ, କ୍ରିୟା, କଲ୍ୟାଣ, ଅନବସାଦ ଓ ଅନୁଦ୍ଧର୍ଷରୁ ଭକ୍ତିଲାଭ ହୁଏ । 'ବିବେକ'ର ଅର୍ଥ ଖାଦ୍ୟ-ଅଖାଦ୍ୟ ବିଚାର । ତିନୋଟି କାରଣରୁ ଖାଦ୍ୟ ଅଶୁଦ୍ଧ ହୋଇ ଅଖାଦ୍ୟରେ ପରିଣତ ହୁଏ । ପ୍ରଥମତଃ ଜାତିଦୋଷ ବା ଖାଦ୍ୟର ପ୍ରକୃତିଗତ ଦୋଷ । ରସୁଣ, ପିଆଜ, ମାଛ, ଅଣ୍ଡା ଆଦି ଆମିଷ ଦ୍ରବ୍ୟରେ ପ୍ରସ୍ତୁତ ଖାଦ୍ୟ ସ୍ୱଭାବତଃ ଅଶୁଚି ଖାଦ୍ୟର ଅନ୍ତର୍ଗତ । ଏହାକୁ ଖାଦ୍ୟର ଜାତି ଦୋଷ ବୋଲି ବୁଝାଯାଏ । ଦ୍ୱିତୀୟତଃ ଆଶ୍ରୟ ଦୋଷ ବା ପତିତ ଓ ଅଭିଶପ୍ତ ବ୍ୟକ୍ତିର ହାତ ପ୍ରସ୍ତୁତ ଖାଦ୍ୟ । ଯେଉଁ ବ୍ୟକ୍ତି ସମାଜରେ ଦୁଷ୍କର୍ମ ବା ପାପକର୍ମ କରି ପତିତ ହୋଇଛି ବା ଯେଉଁ ବ୍ୟକ୍ତି ଅଭିଶାପ ଗ୍ରସ୍ତ ହୋଇଛି,ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବା ସ୍ପର୍ଶିତ ଖାଦ୍ୟ ଆହାର କଲେ ଆଶ୍ରୟ ଦୋଷ ହୁଏ । ଶେଷରେ ନିମିତ୍ତ ଦୋଷ ବା କୌଣସି ଅଶୁଚି/ଅପବିତ୍ର ବସ୍ତୁର ସଂସ୍ପର୍ଶ ଜନିତ ଦୋଷ । ଖାଦ୍ୟ ଦ୍ରବ୍ୟରେ କେଶ, ଧୂଳିମଳି, ମାଛି ଆଦିର ସଂସ୍ପର୍ଶ ହେଲେ, ତାହା ନିମିତ୍ତ ଦୋଷ ହୁଏ, ସେପରି ଖାଦ୍ୟ ଗ୍ରହଣ କରିବା ନିଷେଧ । ତେଣୁ ଦୋକାନ ବଜାରରେ ପ୍ରସ୍ତୁତ ଖାଦ୍ୟ ସର୍ବଦା ଓ ସର୍ବଥା ବର୍ଜନୀୟ । ଛାନ୍ଦୋଗ୍ୟ ଉପନିଷଦ୍‌ରେ ଲିପିବଦ୍ଧ ଅଛି ଯେ, ଆହାର ଶୁଦ୍ଧ ହେଲେ, ଚିତ୍ତ ଶୁଦ୍ଧ ହୁଏ; ଚିତ୍ତ ଶୁଦ୍ଧ ହେଲେ, ଠାକୁରଙ୍କୁ ସର୍ବଦା ସ୍ମରଣ କରିବା ସମ୍ଭବ ହୁଏ ।' ତେଣୁ ଅଶୁଦ୍ଧ ଖାଦ୍ୟ ଗ୍ରହଣ କରି ଚିତ୍ତକୁ ଅଶୁଦ୍ଧ କଲେ, ଠାକୁରଙ୍କୁ ସ୍ମରଣ କରିବା ସମ୍ଭବ ହେବ ନାହିଁ, ମାନସଜପ ଆଦୌ ହେବ ନାହିଁ, ଧ୍ୟାନ ପ୍ରାର୍ଥନାରେ ମନ ଲାଗିବ ନାହିଁ ।

ଏହି ଖାଦ୍ୟ-ଅଖାଦ୍ୟ ବିଚାର ଭକ୍ତିମାର୍ଗୀଙ୍କ ପାଇଁ ଚିରଦିନ ପାଇଁ ଗୋଟିଏ ଗୁରୁତର ବିଷୟରେ ପରିଗଣିତ ହୋଇଅଛି । ଅନେକ ଭକ୍ତ ସଂପ୍ରଦାୟ ଏହି ବିଷୟଟିକୁ ଅତ୍ୟନ୍ତ ଅସ୍ୱାଭାବିକ କରି ତୋଳିଛନ୍ତି, ଏହା ସତ୍ୟ; କିନ୍ତୁ ଏହା ମଧ୍ୟରେ ଯେ ଗୋଟିଏ ଗୁରୁତର ସତ୍ୟ ନିହିତ ଅଛି, ତାହା ଅସ୍ୱୀକାର କରାଯାଇ ପାରିବ ନାହିଁ । ଆମ୍ଭମାନଙ୍କର ମନେରଖିବା ଉଚିତ ଯେ, ସାଂଖ୍ୟ ଦର୍ଶନର ମତାନୁସାରେ ସତ୍ତ୍ୱ, ରଜଃ, ତମଃ—ଏହି ତିନିଗୁଣର ସାମ୍ୟ ଅବସ୍ଥା ହିଁ ପ୍ରକୃତି । ଏହି ତ୍ରିଗୁଣ ବୈଷମ୍ୟ ଅବସ୍ଥା ପ୍ରାପ୍ତ ହେଲେ ସେମାନେ ହିଁ ଜଗତ୍‌ରୂପରେ ପରିଣତ ହୁଅନ୍ତି, ଏ ଗୁଡିକ ପ୍ରକୃତିର ଗୁଣ ଓ ଉପାଦାନ ଉଭୟ । ସୁତରାଂ ସେ ସବୁ ଉପାଦାନରେ ମଣିଷ ଦେହ ନିର୍ମିତ । ସେଗୁଡ଼ିକ ମଧ୍ୟରୁ ସତ୍ତ୍ୱଗୁଣର ପ୍ରାଧାନ୍ୟ ହିଁ ଆଧ୍ୟାତ୍ମିକ ଉନ୍ନତି ପାଇଁ ଏକାନ୍ତ ଆବଶ୍ୟକ । ଆମ୍ଭେମାନେ ଆହାର (ଖାଦ୍ୟ+ପାନୀୟ) ଦ୍ୱାରା ଶରୀର ଭିତରକୁ ଯେଉଁ ସବୁ ଉପାଦାନ ଗ୍ରହଣ କରି ନେଉଁ ତଦ୍ୱାରା ଆମର ମାନସିକ ଗଠନରେ ଅନେକ ପ୍ରଭାବ ପଡ଼େ । ତେଣୁ ଆମ୍ଭମାନଙ୍କୁ ଖାଦ୍ୟ-ଅଖାଦ୍ୟ ବିଚାର ପ୍ରତି ଯଥେଷ୍ଟ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ପଡ଼ିବ ।

ଆହୁରି ବ୍ୟାପକ ଭାବରେ ବିଚାର କଲେ, 'ଆହାର'ର ଅର୍ଥ—ଯାହା ଆହୃତ (ଆହରଣ ଯୋଗ୍ୟ) । ରୂପ, ରସ, ଗନ୍ଧ, ଶବ୍ଦ, ସ୍ପର୍ଶ (ଏହି ପଞ୍ଚ-ତନ୍ମାତ୍ର) ପଞ୍ଚ ଇନ୍ଦ୍ରିୟ (ଚକ୍ଷୁ, ଜିହ୍ୱା, ନାସିକା, କର୍ଣ୍ଣ ଓ ଚର୍ମ) ଦ୍ୱାରା ପଞ୍ଚଭୂତ (ପୃଥିବୀ, ଜଳ, ତେଜ, ମରୁତ ଓ ବ୍ୟୋମ)ରୁ ଆହରଣ କରାଯାଏ । ଏହି ସବୁ ବିଷୟରେ ଜ୍ଞାନ ଆତ୍ମାରୂପକ ଭୋକ୍ତାର ଉପଭୋଗ ପାଇଁ ଶରୀର ଭିତରକୁ ଆହୃତ ହୁଏ । ଏହି ବିଷୟାନୁଭୂତି ରୂପକ ଜ୍ଞାନର ଶୁଦ୍ଧିକୁ ହିଁ ଆହାର ଶୁଦ୍ଧି କୁହାଯାଏ । ସୁତରାଂ ଆହାର ଶୁଦ୍ଧି ଅର୍ଥରେ ଆସକ୍ତି-ଦ୍ୱେଷ-ମୋହ ଶୂନ୍ୟ ହୋଇ ବିଷୟ ସଂପର୍କୀୟ ଜ୍ଞାନ ଆହରଣକୁ ହିଁ ଯୋଗୀମାନେ ବିଚାର କରନ୍ତି । ଏପରି ଭାବରେ ଜ୍ଞାନ ବା ଆହାର ଶୁଦ୍ଧ ହେଲେ ସାଧକର ସତ୍ତ୍ୱ ଅର୍ଥାତ୍ ଅନ୍ତରିନ୍ଦ୍ରିୟ ଶୁଦ୍ଧ ହୋଇଯିବ । ସତ୍ତ୍ୱ ଶୁଦ୍ଧି ହେଲେ, ଚରମ ପୁରୁଷ (ଠାକୁର)ଙ୍କର ଯଥାର୍ଥ ସ୍ୱରୂପ ଜ୍ଞାନ ଓ ଅବିଚ୍ଛିନ୍ନ ସ୍ମୃତି (ଝୁରି ହେବା କ୍ରିୟା) ଆସିବ ।

ଉପର୍ଯ୍ୟୁକ୍ତ ଉଭୟ ବ୍ୟାଖ୍ୟା ଆପାତତଃ ପରସ୍ପର ବିରୋଧୀ ବୋଲି ବୋଧ ହେଲେ ମଧ୍ୟ, ଉଭୟହିଁ ସତ୍ୟ ଓ ପ୍ରୟୋଜନୀୟ । ସୂକ୍ଷ୍ମ ଶରୀର ବା ମନର ସଂଯମ ସ୍ଥୂଳ ଶରୀର (ଅନ୍ନମୟ କୋଷ)ର ସଂଯମରୁ ଉଚ୍ଚତର ସୋପାନର କାର୍ଯ୍ୟ ଅଟେ । କିନ୍ତୁ ସୂକ୍ଷ୍ମ ଶରୀର (ମନୋମୟ କୋଷ, ପ୍ରାଣମୟ କୋଷ ଓ ବିଜ୍ଞାନମୟ କୋଷ)ର ସଂଯମ କରିବା ପୂର୍ବରୁ ସର୍ବାଗ୍ରେ ସ୍ଥୂଳ ଶରୀରର ସଂଯମ ଅଭ୍ୟାସ ବିଶେଷ ଭାବରେ କରିବା ଆବଶ୍ୟକ । ଅତଏବ ଆହାର ସଂପର୍କରେ ଗୁରୁପରମ୍ପରାକ୍ରମେ ଯେଉଁ ସବୁ ନିୟମ ପ୍ରଚଳିତ ଅଛି ଏବଂ ଠାକୁରେ ଯେଉଁ ନିର୍ଦ୍ଦେଶ ଦେଇ ଅଛନ୍ତି, ସେ ସବୁ ଆମ ପକ୍ଷରେ ପାଳନ କରିବା ମଙ୍ଗଳପ୍ରଦ ଅଟେ । କିନ୍ତୁ ବର୍ତ୍ତମାନ ସମୟରେ ଏହି ଆହାରାଦି ବିଚାରରେ ଏତେ ଅଧିକ ମତପାର୍ଥକ୍ୟ, ଏତେ ଅଧିକ ନିୟମନୀତିର ବନ୍ଧନ, ଏତେ ମୂଢ଼ତା ଓ ଅନ୍ଧବିଶ୍ୱାସ ତଥା କୁସଂସ୍କାର ଦେଖାଯାଉଛି ଯେ, ସେ ସବୁ ଦେଖି ମନେ ହେଉଛି, ସତେ ଯେପରି ଧର୍ମ ରୋଷେଇଶାଳରେ ଆଶ୍ରୟ ନେଇଛି । କେବେହେଲେ ମଧ୍ୟ ସେହି ଧର୍ମର ମହାନ୍ ସତ୍ୟ ସମୂହ ରୋଷେଇ ଘରୁ ବାହାରକୁ ଆସି ଆଧ୍ୟାତ୍ମିକତାର ସୂର୍ଯ୍ୟାଲୋକରେ ଉଦ୍‌ଭାସିତ ଯେ ହେବ, ତା'ର କୌଣସି ସମ୍ଭାବନା ମଧ୍ୟ ନାହିଁ । ଏପରି ଧର୍ମାଚରଣ ଗୋଟିଏ ପ୍ରକାର ଜଡ଼ବାଦ ବା ଜଡ଼ତା ବ୍ୟତୀତ ଅନ୍ୟ କିଛି ହିଁ ହୋଇ ନପାରେ । ତାହା ଜ୍ଞାନ, ଭକ୍ତି, କର୍ମ କିମ୍ବା ଯୋଗ ମଧ୍ୟ ନୁହେଁ । ତାହା ଗୋଟିଏ ସ୍ୱତନ୍ତ୍ର ପ୍ରକାର ପାଗଳାମି ମାତ୍ର । ଯେଉଁମାନେ ଏହି ଖାଦ୍ୟ ଅଖାଦ୍ୟର ବିଚାରକୁ ହିଁ ଜୀବନର ସାର ବୋଲି ସ୍ଥିର କରିଅଛନ୍ତି, ସେମାନଙ୍କର ଗତି ବ୍ରହ୍ମଲୋକକୁ ନ ହୋଇ ବରଂ ପାଗଳଗାରଦକୁ ହିଁ ହୋଇପାରେ । ତେଣୁ ଏହା ଯୁକ୍ତିସିଦ୍ଧ ଯେ, ଖାଦ୍ୟ ଅଖାଦ୍ୟ ବିଚାର ମନର ସ୍ଥିରତା ରୂପକ ଉଚ୍ଚ ଅବସ୍ଥା ଲାଭ ପାଇଁ କିଛିଟା ଅବଶ୍ୟ ଆବଶ୍ୟକ, ଏହାଛଡ଼ା ଏହି ମାନସିକ ସ୍ଥିରତା ସହଜରେ ଲାଭ କରାଯାଇପାରେ ନାହିଁ ।

ତାପରେ 'ବିମୋକ' । ଇନ୍ଦ୍ରିୟମାନଙ୍କର ବିଷୟାଭିମୁଖୀ ଗତି ନିବାରଣ ଓ ସେଗୁଡ଼ିକ ସଂଯତ କରି ନିଜ ନିୟନ୍ତ୍ରଣରେ ରଖିବା, ନିଜ ଅଧୀନକୁ ଆଣିବାକୁ ହିଁ 'ବିମୋକ' କୁହାଯାଏ । ଏହା ସମସ୍ତ ଧର୍ମ ସାଧନର କେନ୍ଦ୍ରୀୟ ଭାବ ଅଟେ । ଇନ୍ଦ୍ରିୟ ସଂଯମ ସମ୍ଭବ ନ ହେଲେ, ଧର୍ମସାଧନ ସମ୍ଭବ ନୁହେଁ । ଇନ୍ଦ୍ରିୟ ନିୟନ୍ତ୍ରଣାଧୀନ ନହେଲେ ଧର୍ମଧାରା ଗ୍ରହଣ କରି ନିତ୍ୟକର୍ମ ଯୋଗ ଅଭ୍ୟାସ କରିବା ସମ୍ଭବ ମଧ୍ୟ ନୁହେଁ । ଧ୍ୟାନ ପ୍ରାର୍ଥନାଦି ବିଧିମତ ହୋଇପାରେ ନାହିଁ । ଜପତପ ଆଦୌ ହୁଏ ନାହିଁ । ମାନସଜପ କଦାପି କରାଯାଇ ପାରେ ନାହିଁ । ତେଣୁ ଭକ୍ତିସାଧନ ମାର୍ଗରେ 'ବିମୋକ' ବା ଇନ୍ଦ୍ରିୟ ସଂଯମ ଏକାନ୍ତ ପ୍ରୟୋଜନ । 'ବିବେକ' ଦ୍ୱାରା ମନକୁ ଇନ୍ଦ୍ରିୟ ଓ ବିଷୟ ଠାରୁ ବିଯୁକ୍ତ କରି ପ୍ରଭୁଙ୍କର ପଦ୍ମପାଦରେ ସ୍ଥିର ରଖିବା ଅଭ୍ୟାସ କଲେ 'ବିମୋକ' ସମ୍ଭବ ହୁଏ ।

ଭକ୍ତି ସାଧନ ମାର୍ଗରେ 'ଅଭ୍ୟାସ'ର ଅର୍ଥ ହେଉଛି - ଆତ୍ମସଂଯମ ଓ ଆତ୍ମତ୍ୟାଗର ଅଭ୍ୟାସ । କିନ୍ତୁ ସାଧକର ପ୍ରାଣପଣ ଚେଷ୍ଟା ଓ ପ୍ରବଳ ସଂଯମର ଅଭ୍ୟାସ ବ୍ୟତୀତ ତା'ପକ୍ଷରେ ଈଶ୍ୱର ବା ଆତ୍ମ ବିଷୟକ ଅନୁଭୂତି କଦାପି ସମ୍ଭବ ନୁହେଁ । ମନ ଯେପରି ସର୍ବଦା ସେହି ଈଶ୍ୱରଙ୍କ ଚିନ୍ତାରେ ନିବିଷ୍ଟ ରହେ । ପ୍ରଥମେ ପ୍ରଥମେ ଏହା ଅତି କଠିନ ବୋଧହୁଏ । କିନ୍ତୁ ଅଧ୍ୟବସାୟ ସହକାରେ ଏହା ଅଭ୍ୟାସ କରୁଁ କରୁଁ ଏପରି ଈଶ୍ୱର ଚିନ୍ତା କରିବାର ଶକ୍ତି କ୍ରମଶଃ ବର୍ଦ୍ଧିତ ହୁଏ । ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ କହିଛନ୍ତି- **'ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେନ ଚ ଗୃହ୍ୟତେ'** (ଗୀତା : ୬/୩୫) ଅର୍ଥାତ୍ 'ହେ ଅର୍ଜୁନ, ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ମନ ନିଗୃହୀତ ହୋଇଥାଏ ।

ପରବର୍ତ୍ତୀ ଉପାୟ ହେଉଛି 'କ୍ରିୟା' । ପଞ୍ଚ ମହାଯଜ୍ଞ (ଦେବଯଜ୍ଞ, ଋଷିଯଜ୍ଞ, ପିତୃଯଜ୍ଞ, ଅତିଥିଯଜ୍ଞ ଓ ଭୂତଯଜ୍ଞ) ପ୍ରତ୍ୟହ ନିୟମିତ ଭାବେ ଅନୁଷ୍ଠାନ କରିବାକୁ ପଞ୍ଚ ମହାଯଜ୍ଞ କୁହାଯାଏ । ଏହାକୁ ଆଧ୍ୟାତ୍ମିକ ପରିଭାଷାରେ 'କ୍ରିୟା' ନାମରେ ଅଭିହିତ କରାଯାଇଅଛି । 'କ୍ରିୟା' ଅନୁଷ୍ଠାନ ମଧ୍ୟ ଭକ୍ତି ଲାଭର ଅନ୍ୟତମ ଉପାୟ ଅଟେ ।

'କଲ୍ୟାଣ'ର ଅର୍ଥ ପବିତ୍ରତା । ଏହି ପବିତ୍ରତା ରୂପକ ଏକମାତ୍ର ଭିତ୍ତିଭୂମି ଉପରେ ଭକ୍ତି ପ୍ରାସାଦ ପ୍ରତିଷ୍ଠିତ ହୋଇଥାଏ । ବାହ୍ୟ ଶୌଚ (ସ୍ଥାନ ଶୌଚ, ବସ୍ତ୍ର ଶୌଚ, ଶରୀର ଶୌଚ, ଆହାର ଶୌଚ ଇତ୍ୟାଦି) ଏବଂ

ଖାଦ୍ୟ-ଅଖାଦ୍ୟ ବିଚାର ଅତ୍ୟନ୍ତ ସହଜ ବ୍ୟାପାର । କିନ୍ତୁ ଅନ୍ତଃଶୁଦ୍ଧି ବ୍ୟତିରେକେ ସେ ସବୁ ଶୌଚର କୌଣସି ମୂଲ୍ୟ ନାହିଁ । ଅନ୍ତଃଶୁଦ୍ଧି ନିମନ୍ତେ ସତ୍ୟ, ଆର୍ଜବ (ସରଳତା), ଦୟା (ନିଃସ୍ୱାର୍ଥ ପରୋପକାର), ଦାନ, ଅହିଂସା (କାୟ ମନୋବାକ୍ୟରେ ଅନ୍ୟକୁ ହିଂସା, ଈର୍ଷା ନ କରିବା), ଅନଭିଧ୍ୟା (ପରଦ୍ରବ୍ୟରେ ଲୋଭ, ବୃଥାଚିନ୍ତା, ପରକୃତ ଅନିଷ୍ଟାଚରଣର କ୍ରମାଗତ ଚିନ୍ତା ପ୍ରଭୃତି ପରିତ୍ୟାଗ) ଇତ୍ୟାଦିର ଅଭ୍ୟାସକର୍ମ ଦ୍ୱାରା ଅନ୍ତଃକରଣ, ମନ, ହୃଦୟାଦି ନିର୍ମଳ, ସ୍ୱଚ୍ଛ ଓ ପବିତ୍ର କରିବା ଆବଶ୍ୟକ ।

ଅନବସାଦ ବା ବଳ (ଶକ୍ତି ସାମର୍ଥ୍ୟ) ଭକ୍ତି ଲାଭର ପରବର୍ତ୍ତୀ ସାଧନ । ମଣ୍ଡୁକ ଉପନିଷଦ୍ (୩/୨/୪) କହେ - **'ନାୟମାତ୍ମା ବଳହୀନେନ ଲଭ୍ୟଃ'** । ଅର୍ଥାତ୍ ବଳହୀନ ବା ଶାରୀରିକ, ମାନସିକ, ନୈତିକ ଦୁର୍ବଳବ୍ୟକ୍ତି ତାଙ୍କୁ (ଠାକୁରଙ୍କୁ) ଲାଭ କରିପାରେ ନାହିଁ । ତୈତ୍ତିରେୟ ଉପନିଷଦ୍ (୨/୮/୧) କହେ **'ଆଶିଷ୍ଟୋ ଦ୍ରଢ଼ିଷ୍ଠୋ ବଳିଷ୍ଠଃ'** ଅର୍ଥାତ୍ ବଳିଷ୍ଠ, ଦ୍ରଢ଼ିଷ୍ଠ ବ୍ୟକ୍ତି ହିଁ ପ୍ରକୃତ ଶିଷ୍ୟ ହେବା ପାଇଁ ଉପଯୁକ୍ତ । ଦୁର୍ବଳ, ଶୀର୍ଣ୍ଣକାୟ, ଜରାଜୀର୍ଣ୍ଣ ବ୍ୟକ୍ତି କି ପ୍ରକାର ସାଧନ କରିପାରିବ ? ଶରୀର ଓ ମନ ମଧ୍ୟରେ ଯେଉଁ ଅଦ୍ଭୁତ ଶକ୍ତିସମୂହ ଲୁକ୍କାୟିତ ଅଛି, କୌଣସି ପ୍ରକାର ଯୋଗାଭ୍ୟାସ ଦ୍ୱାରା ସେଗୁଡ଼ିକର କିଞ୍ଚିତ୍ ପରିମାଣ ଜାଗ୍ରତ ହେଲେ, ଦୁର୍ବଳ ବ୍ୟକ୍ତି ପୂରାପୂରି ଖଣ୍ଡ ଖଣ୍ଡ ହୋଇଯିବ । ଯୁବା, ସୁସ୍ଥକାୟ, ସବଳ ବ୍ୟକ୍ତି ହିଁ ସାଧନାବଳରେ ସିଦ୍ଧ ହୋଇପାରିବେ । ସିଦ୍ଧିଲାଭ ପାଇଁ ଯେଉଁ ପରିମାଣରେ ମାନସିକ ବଳ ଆବଶ୍ୟକ, ସେହି ପରିମାଣରେ ଶାରୀରିକ ଶକ୍ତି ମଧ୍ୟ ପ୍ରୟୋଜନ । ଇନ୍ଦ୍ରିୟ ସଂଯମର ପ୍ରତିକ୍ରିୟା ଖୁବ୍ ସବଳ ଦେହ ହିଁ ସହ୍ୟ କରିପାରେ । ଅତଏବ ଭକ୍ତ ହେବା ପାଇଁ ଯାହାର ଇଚ୍ଛା ରହିଛି, ତା'କୁ ପ୍ରଥମେ ମାନସିକ ବଳ, ଶାରୀରିକ ଶକ୍ତି, ନୈତିକ ବଳ ସଞ୍ଚୟ କରି ସବଳ ଓ ସୁସ୍ଥକାୟ ହେବାକୁ ହେବ ।

ଯାହାର ମନ ଓ ଚିତ୍ତ ଦୁର୍ବଳ, ସେ ଆତ୍ମଲାଭରେ କୃତକାର୍ଯ୍ୟ ହୁଏନାହିଁ, ହୋଇପାରେ ନାହିଁ । ଯିଏ ଭକ୍ତ ହେବାକୁ ଇଚ୍ଛୁକ, ସେ ସର୍ବଦା ପ୍ରଫୁଲ୍ଲ, ପ୍ରସନ୍ନ ଓ ପ୍ରଶାନ୍ତ ରହିବେ । ପ୍ରଫୁଲ୍ଲ ଚିତ୍ତ ବ୍ୟକ୍ତି ହିଁ ଅଧ୍ୟବସାୟଶୀଳ ହୋଇପାରେ । ଦୃଢ଼ଚେତା ବ୍ୟକ୍ତି ହିଁ ଶତସହସ୍ର ବାଧାବିଘ୍ନ ଅନାୟାସରେ ଅତିକ୍ରମ କରି ଯାଇପାରେ । ମାୟାଜାଲ ଛିନ୍ନକରି ବାହାରକୁ ବାହାରି ଯାଇ ଆଗେଇଯିବା-ଯୋଗ ସାଧନ କରିବା ଅତ୍ୟନ୍ତ କଠିନ କାର୍ଯ୍ୟ । ଦୃଢ଼ ଇଚ୍ଛା ସମ୍ପନ୍ନ ବୀର ହିଁ ଏହି କଠିନ କାର୍ଯ୍ୟ ସମ୍ପନ୍ନ କରିପାରେ ।

'ଅନୁଦ୍ଧର୍ଷ'ର ଅର୍ଥ ଆମୋଦ ପ୍ରମୋଦର ମାତ୍ରାତିରିକ୍ତତାର ବର୍ଜନ । ଭକ୍ତି ସାଧନ ନିମନ୍ତେ ପ୍ରଫୁଲ୍ଲତା ଅବଶ୍ୟ ଆବଶ୍ୟକ । ତାହା ବୋଲି ଅତିରିକ୍ତ ଆମୋଦ ପ୍ରମୋଦରେ ମାତିଗଲେ ଚଳିବ ନାହିଁ । ମାତ୍ରାତିରିକ୍ତ ହାସ୍ୟ କୌତୁକ ଆମକୁ ଗଭୀର ଚିନ୍ତା କରିବା ପାଇଁ ଅକ୍ଷମ ଓ ଅସମର୍ଥ କରିପକାଏ । ତାହା ଦ୍ୱାରା ମାନସିକ ଶକ୍ତିସମୂହର ଅଯଥା କ୍ଷୟ ହୁଏ । ଇଚ୍ଛାଶକ୍ତି ଯେତେ ଦୃଢ଼ ହୁଏ, ନାନା ପ୍ରକାର ଭାବ ବଶତଃ ମନ ସେତେ କମ୍ ବିଚଳିତ ଓ ଅସ୍ଥିର ହୁଏ । ବିଷାଦପୂର୍ଣ୍ଣ ଗଭୀର ଭାବ ଯେପରି ସାଧନାର ପ୍ରତିକୂଳ, ଅତିରିକ୍ତ ଆମୋଦ ପ୍ରମୋଦ ଓ ହାସ୍ୟ କୌତୁକ ମଧ୍ୟ ସେହିପରି ବାଧକ ହୋଇଥାଏ । ମନ ଯେତେବେଳେ ସ୍ଥିର, ଶାନ୍ତ ଓ ସାମଞ୍ଜସ୍ୟ ପୂର୍ଣ୍ଣ ଥାଏ, ସେତେବେଳେ ହିଁ ଆଧ୍ୟାତ୍ମିକ ଅନୁଭୂତି ସମ୍ଭବ ହୁଏ - ଏହା ଆମର ପ୍ରତ୍ୟକ୍ଷ ଅନୁଭବ ଦ୍ୱାରା ଲବ୍ଧ ଜ୍ଞାନ ।

ଏହି ସବୁ ସାଧନ ଉପାୟ ଦ୍ୱାରା ତୁମ୍ଭେମାନେ ଶିକ୍ଷାକରି ପାରିବ - କି ଉପାୟରେ ଭଗବାନଙ୍କୁ ଭଲପାଇବାକୁ ହୁଏ । କିନ୍ତୁ ଏ ପ୍ରକାର ଉପାୟ ଅବଲମ୍ବନରେ କେବଳ ଗୌଣୀ ଭକ୍ତି ହିଁ ଲାଭ କରାଯାଏ । ଏହି ଗୌଣୀ ସ୍ତରକୁ ଅଧିକ ଦିନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ସାଧନା ପ୍ରକ୍ରିୟାରେ ସତେଜ ରଖିପାରିଲେ, ପର୍ଯ୍ୟାୟକ୍ରମେ ଏହା ପ୍ରଭୁଙ୍କ କୃପା, କରୁଣା ଓ କଲ୍ୟାଣରୁ ପରାଭକ୍ତିରେ ପରିଣତ

# ଜିଜ୍ଞାସା : ଜିଜ୍ଞାସୁ

*ବିଚିତ୍ର ଏହି ସୃଷ୍ଟି । ଆଉ ବୈଚିତ୍ର୍ୟମୟ ହେଉଛନ୍ତି ସ୍ରଷ୍ଟା ବିବିଧ ରୂପରେ ବିବିଧ ରଙ୍ଗ ଓ ଢଙ୍ଗରେ ସେ ହିଁ ଲୀଳା ଖେଳା ରଚନା କରନ୍ତି । ସେହିଁ ପ୍ରଶ୍ନକର୍ତ୍ତା ସେ ହିଁ ଉତ୍ତର ଦାତା । ସେ ଭରି ଦେଇଛନ୍ତି ତତ୍ତ୍ୱ ଆଚାର୍ଯ୍ୟଙ୍କ ଭେଳାରେ ଅସରନ୍ତି, ଅସୁମାରି ଅଫୁରନ୍ତ ପ୍ରଶ୍ନ । ''ଚରମ''ର ଉକ୍ତ ସ୍ତମ୍ଭରେ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ ଆଲୋଚନାରେ ବୁଦ୍ଧିମନ୍ତ ଏହି ସ୍ତମ୍ଭଟି ପାଠ କଲେ ପାଠକ ଓ ପାଠିକାଙ୍କ ମନ କୋଣରେ ଉଙ୍କି ମାରୁଥିବା ଜଟିଳ ପ୍ରଶ୍ନର ଉତ୍ତର ସରଳ ଭାବରେ ସମାଧାନ ଓ ସମାହିତ ହୋଇଥାଏ ।*

ପ୍ରଶ୍ନ : ପୂର୍ବରୁ ନିରୂପିତ ହୋଇଥିବା ଦେହର ଅଷ୍ଟାଙ୍ଗ ଗୁଡ଼ିକର କାର୍ଯ୍ୟ ନିର୍ବାହୀ ତତ୍ତ୍ୱ କ'ଣ ?

ଶ୍ରୀ ଠାକୁର : ଦେହାସ୍ଥିତ ଚିତ୍ତରୁ ଉତ୍ପତ୍ତି କର୍ମାଶୟ ମାନଙ୍କରେ କର୍ମର ଯେଉଁ ସଂସ୍କାର ରୂପୀ ବୀଜମାନ ରହିଅଛି, ସେହିମାନଙ୍କର କର୍ମ ନିର୍ବାହୀ ଅଙ୍ଗ ରୂପେ ଏହି ଅଷ୍ଟାଙ୍ଗ ଗୁଡ଼ିକ ରହି କାର୍ଯ୍ୟ ନିର୍ବାହ କରୁଅଛନ୍ତି । ଅର୍ଥାତ୍ କର୍ମର 'ବୀଜ' ବିଷୟ ଓ ତଦ୍ ପ୍ରସୂତ ଫଳର ଆକର୍ଷଣରେ ଆକର୍ଷିତ ହେଲେ, ଉକ୍ତ ଅଷ୍ଟାଙ୍ଗ ଗୁଡ଼ିକ ସ୍ୱତଃପ୍ରବୃତ୍ତ ଭାବେ କ୍ରିୟାଶୀଳ ହୋଇ ଫଳ ପ୍ରାପ୍ତିର ଉଦ୍ଦେଶ୍ୟରେ କର୍ମମାନ କରିଥାଆନ୍ତି ।

ଜିଜ୍ଞାସୁ : ଆଜ୍ଞା 'କର୍ମାଶୟ' କ'ଣ ? ଯାହାକି କର୍ମର ସଂସ୍କାର ବା ବୀଜ ମାନଙ୍କୁ ଧାରଣ କରି କର୍ମ କରାଉଅଛି ।

ଶ୍ରୀ ଠାକୁର : 'କର୍ମାଶୟ' ହେଉଛି ଏକ ଶାସ୍ତ୍ରୀୟ ଶବ୍ଦ । ଏହି କର୍ମାଶୟର ଅର୍ଥବାଦକୁ ଭିନ୍ନ ଭିନ୍ନ ଦର୍ଶନରେ ଭିନ୍ନ ପ୍ରକାରର ବୁଝାଯାଇଛି ।

ଜିଜ୍ଞାସୁ : ତେବେ ପ୍ରଭୁ କ'ଣ କହୁଛନ୍ତି ? କର୍ମାଶୟ ଉତ୍ପତ୍ତିର କାରଣ କିଏ ?

ଶ୍ରୀ ଠାକୁର : ଚୈତନ୍ୟ ବା ପୁରୁଷ ତତ୍ତ୍ୱର ପ୍ରଭାବରେ 'ଚିତ୍ତ' ଗୁଣଯୁକ୍ତ ହେବାରୁ କ୍ରିୟାଶୀଳ ହୋଇ କର୍ମାଶୟ ଗୁଡ଼ିକୁ ପ୍ରସବ କରିଥାଏ । କାହିଁକି ନା 'ଚିତ୍ତ' ପ୍ରସବ ଧର୍ମୀ ଅଟେ । ଏଣୁ ଚିତ୍ତ, ଚୈତନ୍ୟ ଓ ଗୁଣ ଏହି ତିନୋଟି ତତ୍ତ୍ୱର ଐକତାରୁ ଉକ୍ତ କର୍ମାଶୟମାନ ସୃଷ୍ଟି ହୋଇଥାଆନ୍ତି । ଏହି ତ୍ରିତତ୍ତ୍ୱ ହେଉଛି (୧) ଚିତ୍ତ-ଉପାଦାନ କାରଣ, (୨) ଚୈତନ୍ୟ-ଉତ୍ପତ୍ତିକାରଣ, (୩) ଗୁଣ-ସ୍ୱରୂପ ବା ଗଠନର କାରଣ ।

ଜିଜ୍ଞାସୁ : ଏହି କର୍ମାଶୟ ମାନଙ୍କର ଦେହରେ କାମ କ'ଣ ?

ଶ୍ରୀ ଠାକୁର : ଚିତ୍ତ, ଚୈତନ୍ୟର ପ୍ରଭାବରେ 'କର୍ମାଶୟ' ଗୁଣଯୁକ୍ତ ହୋଇ କ୍ରିୟାଶୀଳ ସଂସ୍କାର ମାନଙ୍କୁ ଜାଗତିକ ଅବସ୍ଥାରେ ନିଜ ଭିତରେ ଆଶ୍ରୟ ଦେଇଥିବାରୁ ଏହାର ନାମ 'କର୍ମାଶୟ' ଅଟେ ବା କର୍ମର ଆଶ୍ରୟସ୍ଥଳ ଅଟେ । ଯେତେବେଳେ କର୍ମମାନଙ୍କର ସଂସ୍କାରରୂପୀ ବୀଜ ଫଳର ବା ବିଷୟର ଆକର୍ଷିତ ହୁଏ, କର୍ମାଶୟରୁ କର୍ମ ନିର୍ବାହୀ ଶକ୍ତି ଉତ୍ପନ୍ନ ହୋଇ ପୂର୍ବ ବର୍ଣ୍ଣିତ ଅଷ୍ଟାଙ୍ଗକୁ ସ୍ନାୟୁମାନଙ୍କ

ସାହାଯ୍ୟରେ ଉତ୍ତେଜିତ କରିଥାଏ । ଏଣୁ ଉତ୍ତେଜିତ ଅଙ୍ଗ ସମୂହ ସ୍ୱତଃପ୍ରବୃତ୍ତ କ୍ରିୟାଶୀଳ ହୋଇ ଦେହକୁ ଫଳଭୋଗ କରାଇ ଥାଆନ୍ତି ।

ଜିଜ୍ଞାସୁ : ଯାବତୀୟ କର୍ମର ମୂଳ କାରଣ କ'ଣ କର୍ମାଶୟ ? ଆଉ ତାର ଅଙ୍ଗ ସମୂହ ?

ଶ୍ରୀ ଠାକୁର : ହଁ ।

ଜିଜ୍ଞାସୁ : ପ୍ରଭୁ ! ଆପଣ ଯେଉଁଳି ବୁଝାଉଛନ୍ତି, ତାହାଦ୍ୱାରା ଗୋଟିଏ ସନ୍ଦେହକୁ ମୋଚନ କରିବାକୁ ଯାଇ ଅନେକ ଗୁଡ଼ିଏ ସନ୍ଦେହ ସୃଷ୍ଟି ହେଉଅଛି ।

ଶ୍ରୀ ଠାକୁର : ସନ୍ଦେହ କ'ଣ ?

ଜିଜ୍ଞାସୁ : ପ୍ରଭୁ ! କହିଲେ ଯେ ମୁଖ୍ୟ ତିନୋଟି ତତ୍ତ୍ୱ ଯଥା :- ଚୈତନ୍ୟ-ଉତ୍ପତ୍ତିକାରଣ, ଚିତ୍ତ-ଉପାଦାନ କାରଣ, ଗୁଣ-ଗଠନ ଓ ସ୍ୱରୂପର କାରଣ ଭାବରେ କର୍ମାଶୟମାନଙ୍କୁ ଗଢୁଅଛନ୍ତି । ତେବେ ସନ୍ଦେହର କାରଣ କର୍ମାଶୟ ମଧ୍ୟକୁ କର୍ମର ବୀଜରୂପୀ ସଂସ୍କାରମାନ ଆସୁଛି କେଉଁଠୁ ?

ଶ୍ରୀ ଠାକୁର : ଆଲୋଚନାରେ କହିଛି । ଫଳରେ ଆକର୍ଷଣରେ କର୍ମାଶୟରେ ଥିବା ସଂସ୍କାର ରୂପ କର୍ମବାଦ ଉତ୍ତେଜିତ ହୁଅନ୍ତି ଏବଂ ଅଷ୍ଟାଙ୍ଗ ସାହାଯ୍ୟରେ କର୍ମ କରାନ୍ତି । ତା' ହେଲେ କର୍ମ କରାନ୍ତି କିଏ ?

ଜିଜ୍ଞାସୁ : ଆଜ୍ଞା! କର୍ମର ବୀଜରୂପୀ ସଂସ୍କାର । ବର୍ତ୍ତମାନ ବିଚାର ଯୋଗ୍ୟ ବିଷୟଟି ହେଉଛି ସଂସ୍କାରର ଉତ୍ପତ୍ତି ହୁଏ କିପରି ?

ଶ୍ରୀ ଠାକୁର : ଦେହର ଦୈହିକ ଫଳଭୋଗ ପରେ ଫଳର ସ୍ୱାଦ ଅନୁଭବ ହୋଇ ହେତୁରେ ସ୍ମୃତିରେ ପରିଣତ ହୋଇଥାଏ । ଅନୁଭବ ଯୋଗ୍ୟ ସ୍ମୃତି କ୍ରମେ ସଂସ୍କାର ରୂପରେ ପରିଣତ ହୋଇ କର୍ମାଶୟ ବା ତଦ୍‌ବିଷୟକ ଜାଗତିକ ଗୃହକୁ ଯାଇ ସଞ୍ଚିତ ହୋଇ ରହିଥାଏ । ଭୋଗ୍ୟ ଫଳକୁ କୌଣସି ସମୟରେ ଦେଖିବା ମାତ୍ରେ ଫଳଟିର ସ୍ୱାଦ ଆପେ ଚେତନା କେନ୍ଦ୍ରରେ ଅନୁଭୂତ ହୋଇଥାଏ ଏବଂ ଫଳଟିର ଅନୁଭବ ସଂସ୍କାରରେ ପରିଣତ ହୋଇଥିବାରୁ, ସେହି ଫଳକୁ ପୁନଃ ପୁନଃ ଭୋଗ କରିବା ପାଇଁ ସଂସ୍କାର ପ୍ରେରଣା ଯୋଗାଇ ଅଷ୍ଟାଙ୍ଗକୁ ଉତ୍ତେଜିତ କରିଥାଏ । ଅଙ୍ଗ ଉତ୍ତେଜିତ ହେବାରୁ କର୍ମ ଦ୍ୱାରା ସେହି ଫଳକୁ ବାର ବାର ଭୋଗ କରି ଫଳ ଭୋଗରେ ତଲ୍ଲୀନ ହୋଇଯାଇଥାଏ । ଏହିଭଳି ଭାବରେ ସଂସ୍କାର କର୍ମାଶୟରେ ଗଚ୍ଛିତ ହୋଇ ଜୀବକୁ ବା ଦେହକୁ ବାରବାର ଫଳ ଭୋଗରେ ମୋହିତ କରି ବନ୍ଧନ କରୁଅଛି । ଏହି ବନ୍ଧନରୁ କାମନା ବାସନା ସୃଷ୍ଟିହୋଇ ଦେହର ଅରି ରୂପେ କାର୍ଯ୍ୟ କରି କ୍ଳେଶ ଯାତ କରିଥାଆନ୍ତି । ଏଣୁ କର୍ମର ମୂଳ କାରଣ କର୍ମାଶୟ ଏବଂ କ୍ଳେଶର ମୂଳ କାରଣ ମଧ୍ୟ କର୍ମାଶୟ ଅଟେ ।

ଜିଜ୍ଞାସୁ : କର୍ମଶାୟ କ'ଣ ଦେହରେ କ୍ଳେଶ ଉତ୍ପନ୍ନକାରୀ ?

ଶ୍ରୀ ଠାକୁର : ହଁ ।

ଜିଜ୍ଞାସୁ : କିପରି ?

ଶ୍ରୀ ଠାକୁର : କ୍ଳେଶର ଅର୍ଥ ତୁମେ କ'ଣ ବୁଝିଛ ?

ଜିଜ୍ଞାସୁ : କ୍ଳେଶ କହିଲେ ଆମେ ବୁଝୁ ଦୁଃଖ, କଷ୍ଟ, ସାଧାରଣ ଅର୍ଥରେ ସାଂସାରିକ ଦୁଃଖକଷ୍ଟକୁ କ୍ଳେଶ ବୋଲି ବୁଝୁ । ଆଉ ପ୍ରଭୁ କିଭଳି ବୁଝାଇବେ ଆମେ ଜାଣିବାକୁ ଚାହୁଁଛୁ ।

ଶ୍ରୀ ଠାକୁର : ତୁମେ ଯାହା ବୁଝିଛ ତାହା ଠିକ୍ ଯେ, କିନ୍ତୁ ଆମ ମତରେ ଦୁଃଖ, କଷ୍ଟ, ଯାତନା ମଣିଷ ଯାହା କିଛି ଭୋଗ କରୁଛି, ତାହା ସବୁ କ୍ଳେଶ ରୂପି ବୃକ୍ଷର ଫଳ ସ୍ୱରୂପ । ଦୁଃଖ କଷ୍ଟ କ୍ଳେଶ ନୁହେଁ । କ୍ଳେଶ ରୁପକ ମୂଳ ତତ୍ତ୍ୱରୁ ଦୁଃଖ, କଷ୍ଟ, ଯାତନା, ମାନ, ଅପମାନ ସୃଷ୍ଟି ହୋଇଥାଏ । ଏଣୁ ଦୁଃଖ କଷ୍ଟର ମୂଳତତ୍ତ୍ୱ ହେଉଛି କ୍ଳେଶ ।

ଜିଜ୍ଞାସୁ : ତା ହେଲେ କ୍ଳେଶ କ'ଣ ?

ଶ୍ରୀ ଠାକୁର : ତମେ ରସଗୋଲା ଖାଇଛ, ତାହା ମିଠା ନା ?

ଜିଜ୍ଞାସୁ : ହଁ ଆଜ୍ଞା ।

ଶ୍ରୀ ଠାକୁର : ଚିନି ଖାଇଛ ତାହା ବି ମିଠା ?

ଜିଜ୍ଞାସୁ : ଆଜ୍ଞା ।

ଶ୍ରୀ ଠାକୁର : ତା ହେଲେ ମୋତେ କୁହ । ଦୁଇଟି ପାତ୍ରରେ କିଛି କାଳ ଚିନି ଓ ମିଠାକୁ ରଖିବା ପରେ ଦୁଇଟିଯାକ ମିଠାର ମୂଳସ୍ଥିତି ଅକ୍ଷୁର୍ଣ୍ଣ ରହିବକି ?

ଜିଜ୍ଞାସୁ : ନା ପ୍ରଭୁ । ଗୋଟିଏ ମିଠା ଯଥା - ଚିନିର ମୂଳସ୍ଥିତି ପୂର୍ବଭଳି ଅକ୍ଷୁର୍ଣ୍ଣ ରହିବ । କିନ୍ତୁ ରସଗୋଲା ମିଠାର ପରିବର୍ତ୍ତନ ହୋଇ ଖଟାରେ ପରିଣତ ହେବ ଓ ଶେଷରେ ନଷ୍ଟ ହୋଇଯିବ ।

ଶ୍ରୀ ଠାକୁର : ଏଥିରୁ କ'ଣ ବୁଝିଲ ?

ଜିଜ୍ଞାସୁ : ଆଜ୍ଞା, ଦୁଇଟି ମିଠାରୁ ଗୋଟିଏ ରହିଲା । ଆଉ ଗୋଟିଏ ନଷ୍ଟ ହୋଇଗଲା ।

କ୍ରମଶଃ....

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



ଯୁଗାନୁବାଦରେ ଯୁଗେ ଯୁଗେ ଧରାପୃଷ୍ଠରେ ମାନବଲୀଳା ରଚନା କରି ପରମ, ଚରମପାଦ ଶ୍ରୀଶ୍ରୀଠାକୁର ଅବତରି ଆସନ୍ତି । ଅବ୍ୟକ୍ତ ମଣ୍ଡଳରୁ ମହା ମହିମ ଭାବକୁ ଧାରଣ ପୂର୍ବକ ଜନନୀ, ଜଠର, ଜରାୟୁ ରୂପକ କ୍ଷୀର ସାଗରରେ ଧବଳବର୍ଣ୍ଣରେ ସ୍ଥାନ ମଣ୍ଡନ କରନ୍ତି । ତାପରେ ଲୀଳାମୟ ଗିରିଧର ନାଗର ଭିନ୍ନ ରୂପରେ, ଭିନ୍ନ ଢଙ୍ଗରେ ଲୀଳା ସଂଦର୍ଶନ କରି ଚାଲନ୍ତି । ମାତୃ ଗର୍ଭର ଅବସ୍ଥାନ ସମୟର ଶାଶ୍ୱତ ସୂକ୍ଷ୍ମାତି ସୂକ୍ଷ୍ମ ଲୀଳାକୁ ଜନମାନସରେ ତତ୍ତ୍ୱଧାରାରେ ଉଜ୍ଜିବିତ କରନ୍ତି । ଉକ୍ତ ସ୍ତମ୍ଭଟି ମହାପ୍ରଭୁ ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ସ୍ୱହସ୍ତଲିଖିତ ସମ୍ଭବାମି ଯୁଗେ ଯୁଗେ : ଜନନୀ, ଜଠର, ଜରାୟୁର ଅଷ୍ଟମ ପୃଷ୍ଠ, ତୃତୀୟ ପାଖୁଡ଼ା ଚତ୍ୱାରିଂଶତମ (୪୦) ସଂଖ୍ୟାର ଅନୁସୃତିରୁ :-

**ଶ**ବ୍ଦ ସ୍ରାବରୀର ସୃଷ୍ଟି ପରେ ସ୍ୱର ଶ୍ରାବରୀର ଦୁଇ ପ୍ରକାର ରଙ୍ଗ ଆସିଲା- ଧଳା, ନିଳ । ଧବଳ ରଙ୍ଗ ଚାରିଆଡ଼କୁ ତରଙ୍ଗାୟିତ କରେ । ସେହି ତରଙ୍ଗ ଭିତରେ ନିଳ ରଙ୍ଗ ଶେଷ ଜ୍ୟୋତିଃ ବିନ୍ଦୁ ହୋଇଥାଏ । ବିନ୍ଦୁଗୁଡ଼ିକ ସହସ୍ରାଂଶୁକୁ ସାହାଯ୍ୟ କରେ । ବ୍ରହ୍ମାଣ୍ଡ ଓ ପିଣ୍ଡରେ ଜନନୀ ଜଠରରେ ବୁଲୁଥିବା ସମୟରେ, ଜନନୀ ଜଠରରେ ସମସ୍ତ ବର୍ଣ୍ଣ ଧବଳ ହୋଇଯାଏ । ଧବଳ କ୍ରିୟାରେ ଜନନୀର ଅବସ୍ଥା ସୁସ୍ଥ ରହିଥାଏ ।

'ବ୍ରଜରୀ ସ୍ନାୟୁ'ରେ ସୂକ୍ଷ୍ମ ଆଲୋକ ଯାତାୟାତ କରେ । ସେ ଜ୍ୟୋତି ମାୟାସୂତ୍ରରେ ଜନନୀର ପିଣ୍ଡରେ ନିଳ ରଙ୍ଗ ହୋଇ ଜନନୀର ଜଠରରେ ସ୍ଥାନ ନିଅନ୍ତି । ଜଠରର ଧବଳ ଅଂଶ ଗୋଲାକୃତିରେ ତିଆରି ହୋଇ ବ୍ରହ୍ମାଣ୍ଡରେ ଘୂର୍ଣ୍ଣନ କରନ୍ତି । ଘୁରିବା ସମୟରେ ସୌର ଶକ୍ତିର 'ଅଂଶୁ' ଗୁଡିକ ବିଚ୍ଛୁରିତ ହୋଇ ଜନନୀର 'ଉତ୍ପ୍ରଧୟଃ ଭଗ' ଯେଉଁଠାରେ ଇଅଁଳା ନାଡିର ଗତି ଚାଲିଛି, ଏହି ଗତି ଶ୍ରୁତି ସ୍ୱରକୁ, ନାସାର ସ୍ୱରକୁ ସାହାଯ୍ୟ କରନ୍ତି ।

କ୍ରମଶଃ...

# କେଶବ କୈବଲ୍ୟ କଣିକା

୧. ତମେ ବୀଜମନ୍ତ୍ରରେ ଦୀକ୍ଷା ଚାହିଁଲ, ଆମେ ଦେଲୁ । ନାମ ଧରି ଧରି ଯିବ । ଗୃହସ୍ଥାଶ୍ରମରେ ଗୃହସ୍ଥର ଧର୍ମ ଭିତରେ ଯୋଗୀ / ଋଷି ହୋଇଯିବ । ଏ ଧାରା ଧରି ଏହା ନବୁଝିବ ତ, ଆଉ ବୁଝିବ କେଉଁଠୁ ??

୨. ଧର୍ମଗୁରୁଙ୍କର ପଥ ଦେଇ ସମସ୍ତେ ଯିବେ । ଲକ୍ଷେ ଜନ୍ମ କ'ଣ କୋଟି ଜନ୍ମଗଲେ ମଧ୍ୟ ଏହି ଗୋଟିଏ ପଥଦେଇ ଯିବାକୁ ହିଁ ହେବ । ଏହା ଛଡ଼ା ଅନ୍ୟ ପଥ ହିଁ ନାହିଁ ।

୩. ଗୁରୁମାନେ ହିଁ କେବଳ ଧର୍ମନୀତି ସଂକ୍ଷେପରେ ଦେଇ ଥାଆନ୍ତି । ବେଦ ପଥରେ ଅନେକ ମନ୍ତ୍ର । ଫଳତଃ ମନ୍ତ୍ର ବାଟରେ ମନ୍ତ୍ର ରହେ, ଜୀବ ତହିଁରୁ କିଛି ହିଁ ନ ପାଏ ।

୪. ଅର୍ଘ୍ୟପାତ୍ରରେ ମୁଠି ଚାଉଳ ଅର୍ପଣ କରିବା ସମୟରେ ନିଜ ନିଜର ଅର୍ଘ୍ୟମନ୍ତ୍ରରେ ପ୍ରଦାନ କରିବା ବିଧେୟ । ଯଦି ସ୍ତ୍ରୀ ଧାରା ନେଇ ନଥା'ନ୍ତି, ତେବେ ବି ସ୍ୱାମୀର ଅର୍ଘ୍ୟ ମନ୍ତ୍ରରେ ସ୍ତ୍ରୀ ମୁଠି ଚାଉଳ ପ୍ରଦାନ କରିପାରିବେ । କାରଣ, ସ୍ତ୍ରୀ ସ୍ୱାମୀର ଅର୍ଦ୍ଧାଙ୍ଗ । ସ୍ତ୍ରୀକୁ ଅର୍ଘ୍ୟମନ୍ତ୍ର ସ୍ୱାମୀ ଶିଖାଇଦେଲେ ଦୋଷାବହ ନୁହେଁ । ତା'ନୋହିଲେ ସର୍ବମନ୍ତ୍ରର ମୂଳମନ୍ତ୍ର 'ଓଁ'କାର ଉଚ୍ଚାରଣ କରି ମୁଠି ଚାଉଳ ଯେ କେହି ପ୍ରଦାନ କରିପାରିବେ ।

୫. ରାଜଯୋଗରୁ ରାଜନୀତି । ଜନକ, ସନକ ଆଦି ମହର୍ଷିମାନେ ରାଜନୀତିରେ ଥାଇ ଆଧ୍ୟାତ୍ମିକନୀତି ପ୍ରଚାର ପ୍ରସାର କରୁଥିଲେ । ବର୍ତ୍ତମାନର ରାଜନୀତିରେ କଳୁଷ ବା ଦୁର୍ନୀତି ପ୍ରବେଶ କରିବା ଫଳରୁ ଦେଶ ଓ ସମାଜରେ ନାନା ବିଶୃଙ୍ଖଳା ସୃଷ୍ଟି ହେଉଛି ।

୬. ବର୍ତ୍ତମାନ ସମୟରେ ଅର୍ଥର ମୋହିନୀ ଶକ୍ତି ଦ୍ୱାରା ପ୍ରାୟ ସମସ୍ତେ ବାନ୍ଧି ହୋଇ ଯାଇଛନ୍ତି । ଅର୍ଥ ସାଙ୍ଗକୁ ବିଜ୍ଞାନର ଚାକଚକ୍ୟ ଓ ଧର୍ମ ପଥ ଏକ ସରଳରେଖାରେ ଗତି କରିବ କିପରି ? ପୂର୍ବେ ବିଜ୍ଞାନର ଚାକଚକ୍ୟ ନ ଥିଲା, ତେଣୁ ଲୋକେ ଧର୍ମ ଓ ଆଧ୍ୟାତ୍ମିକତାକୁ ଚୁମି ରହୁଥିଲେ ।

୭. ବିବେକ କେବଳ ସତ୍‌ର ସହାୟକ, ତେଣୁ ସର୍ବଦା ସତ୍‌ରେ ବ୍ୟବହୃତ ହୁଏ ।

୮. ଗୁରୁଙ୍କ ବିଗ୍ରହ ନିକଟରେ ଅନ୍ୟ କୌଣସି ବିଗ୍ରହ ରଖି ପୂଜା କରିବା ଉଚିତ ନୁହେଁ ।

୯. ତୁମ ହୃଦୟ ଭାବ ରଙ୍ଗରେ ରଙ୍ଗୀନ ହୋଇଥିଲେ, ଆମେ ତୁମକୁ ସ୍ପଷ୍ଟ ନିଷ୍ପତ୍ତି ଦେଇ ଦିଅନ୍ତୁ । ଯେପରି ଅର୍ଜୁନଙ୍କ ହୃଦୟରେ ଯେତେବେଳେ କୃଷ୍ଣଭାବ ସଂପୂର୍ଣ୍ଣ ରୂପେ ଆସି ଦୃଢ଼ଭାବରେ ବସା ବାନ୍ଧିଲା, ସେତେବେଳେ କୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇ କହିଲେ : 'ସର୍ବ ଧର୍ମାନ୍ ପରିତ୍ୟେଜ୍ୟ ମାମେକଂ ଶରଣଂ ବ୍ରଜ ।'

୧୦. ସ୍ତ୍ରୀମାନଙ୍କର ବିଳାସବାସନା ପୁରୁଷମାନଙ୍କ ତୁଳନାରେ ଆଠଗୁଣ ଅଧିକ, ମାତ୍ର ସେମାନେ ପୁରୁଷମାନଙ୍କ ଇଚ୍ଛା ଉପରେ ନିର୍ଭରଶୀଳ । ତେଣୁ ସେମାନଙ୍କର ସହିଷ୍ଣୁତା ଗୁଣ ଅତୁଳନୀୟ ହେଲେ ମଧ୍ୟ ଅବସ୍ଥା ଚକ୍ରରେ ତାହାର ବ୍ୟତିକ୍ରମ ହୋଇଥାଏ ।

୧୧. ଧୂର୍ତ୍ତନାୟକ ଦୂତୀପ୍ରେରଣ, ମଧୁରବଚନ, ଅନୁନୟବିନୟ, ଅନୁରୋଧ, ଧନଦାନ ବ୍ୟତୀତ କୌଶଳ ଓ ଚତୁରତାର ସହିତ ଯେ କୌଣସି ରମଣୀକୁ ନିଜ ଆୟତ୍ତକୁ ନେଇ ନିଜର ଲକ୍ଷ୍ୟ ହାସଲ କରିବାରେ ସଫଳକାମ ହୋଇପାରନ୍ତି ।

୧୨. ଯେଉଁ ପୁରୁଷ ରଣକ୍ଷେତ୍ରରେ ପ୍ରବଳ ପରାକ୍ରମୀ, ବିଦ୍ୱାନ ଏବଂ ବୁଦ୍ଧିମାନ ସତ୍ତ୍ୱେ କାମିନୀର ଭ୍ରୁଭଙ୍ଗୀ, ରୂପଶୋଭା, ସ୍ମିତହାସ୍ୟ ଓ ମଧୁରବଚନର ଶୃଙ୍ଖଳରେ ସହଜରେ ବାନ୍ଧି ହୋଇଯାଏ, ତାହାକୁ ଘସ୍ମର ନାୟକ କହନ୍ତି ।

୧୩. ଲହରୀ ପିଟୁଥିବା ସ୍ରୋତର ଭଉଁରୀରେ ପ୍ରଖର ବେଗବତୀ ନଦୀ ପରି ଯୌବନର ଲହରୀ, ଯୌବନ ଭୋଗର ଭଉଁରୀ ଏବଂ କାମ ଆବେଗର ଉତ୍କଣ୍ଠାରେ ପ୍ରଖର ଗତିଶୀଳା ନବଯୁବତୀଙ୍କୁ ଯେତେ ଯତ୍ନ କଲେ ମଧ୍ୟ ଉଚ୍ଚସ୍ଥାନକୁ ଉଠାଇବା ସହଜ ନୁହେଁ, ସେମାନେ ପ୍ରକୃତିବଶତଃ ଉଚ୍ଚକୁ ନ ଉଠି କ୍ରମଶଃ ନିମ୍ନକୁ ଖସି ଖସି ଯାଆନ୍ତି ।

୧୪. ବିଚାର କରି ଦେଖିଲେ; ସଂସାର ଯନ୍ତ୍ରଣାର ମୂଳକାରଣ, କନ୍ଦର୍ପର ବାସସ୍ଥଳୀ ସ୍ତ୍ରୀ ଯଦି ପରବୁଦ୍ଧିର ବଶବର୍ତ୍ତୀ ହୋଇଯାଏ, ତେବେ ସେ କାମ କାମନାର ଦାସୀ ହୋଇ ଅସାଧ୍ୟ ସାଧନ କରିବା ଆଦୌ ଅସମ୍ଭବ ନୁହେଁ । ଯେ କୌଣସି ପ୍ରକାର କୁକର୍ମ ଏପରିକି ନରହତ୍ୟା କରିବାକୁ ସେମାନେ ପଛାଇବେ ନାହିଁ ।

୧୫. ସ୍ତ୍ରୀମାନେ ସାଧାରଣତଃ ଅଳଂକାର, ବସ୍ତ୍ର ଇତ୍ୟାଦି ଆଭୂଷଣ, ପୁଷ୍ପ, ମାଲ୍ୟ, ସୁଗନ୍ଧିତ ଦ୍ରବ୍ୟ, ବିବିଧ ପ୍ରକାର ଫଳ ଓ ମିଷ୍ଟାନ୍ନ ଆଦିରେ ସହଜରେ ସନ୍ତୁଷ୍ଟ ହୋଇଥାଆନ୍ତି । ନାରୀମାନେ ଲୋଭନୀୟ ପଦାର୍ଥରେ ଶ୍ରଦ୍ଧା ପ୍ରକାଶ କରି ଅନୁକୂଳ ଭାବ ପ୍ରକାଶ କରିଥାଆନ୍ତି ॥

୧୬. ଯେଉଁ ପୁରୁଷ କେବଳ ସ୍ତ୍ରୀର ନିର୍ଦ୍ଦେଶରେ ଚଳେ ଓ ସ୍ତ୍ରୀର ଆଜ୍ଞାର ବଶବର୍ତ୍ତୀ ହୋଇ ହୀନଜୀବନ ବିତାଏ, ସେହି ହିଁ ଅଧମ ପୁରୁଷ । ସେମାନଙ୍କୁ ଘସ୍ମର ନାୟକ କୁହାଯାଏ ।

୧୭. ଯେଉଁ ପୁରୁଷ ନିଜର ଅଭିରୁଚି, ଇଚ୍ଛା ଓ ଅଭ୍ୟାସ ଅନୁସାରେ ନିଜର ପତ୍ନୀକୁ ଚଳାଏ, ସେ ହିଁ ଉତ୍ତମ ପୁରୁଷ ।

୧୮. ଯେଉଁ ପୁରୁଷ ପତ୍ନୀକୁ ନିଜେ ନିର୍ଦ୍ଦେଶ ଦିଏ ନାହିଁ କିମ୍ବା ପତ୍ନୀର ନିର୍ଦ୍ଦେଶ ମଧ୍ୟ ଗ୍ରହଣ କରେ ନାହିଁ, ଅଥଚ ପରସ୍ପର ବୁଝାମଣାରେ ଚଳନ୍ତି, ସେ ହିଁ ହେଉଛି ମଧ୍ୟମ ପୁରୁଷ ।

୧୯. ଯାହା ନିତ୍ୟ, ନିରତିଶ୍ରୟ ଓ ଶାଶ୍ୱତ ଦିବ୍ୟାନୁଭବ, ତାହାହିଁ ମୋକ୍ଷ ।

୨୦. ଆତ୍ମ-ସାକ୍ଷାତକାର ହୋଇ ତତ୍ତ୍ୱଜ୍ଞାନ ଜନ୍ମିଲେ ଏବଂ ଈଶ୍ୱରଙ୍କ ପ୍ରତି ଦୃଢ଼ଭକ୍ତି ହେଲେ; ମୋକ୍ଷ ମିଳେ ।

୨୧. ଜ୍ଞାନରୁ ଦିବ୍ୟଜ୍ଞାନ, ଦିବ୍ୟଜ୍ଞାନରୁ ତତ୍ତ୍ୱଜ୍ଞାନ ପ୍ରାପ୍ତ ହୋଇ ଭକ୍ତିର ଅନନ୍ୟା ସ୍ତରରେ ଉପନୀତ ହେଲେ, ମାନବ ମୁକ୍ତି, ମୋକ୍ଷ, ନିର୍ବାଣ ବା ଚରମପ୍ରାପ୍ତ ହୁଏ ॥

## ପ୍ରିୟ ପାଠକଙ୍କୁ ପଦେ

ଚରମ ଅଷ୍ଟମ ପୁଷ୍ପ ତୃତୀୟ ପାଖୁଡ଼ା ଚତ୍ୱାରିଂଶତମ (୪୦) ସଂଖ୍ୟା କେଶବାବ୍ଦ ଷଟ୍‌ଚତ୍ୱାରିଂଶତ୍ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମାରେ ପ୍ରକାଶିତ ହେବା ପରେ ପରେ କେତେକ ଅନିର୍ବାର୍ଯ୍ୟ କାରଣବଶତଃ ଦୀର୍ଘ ଦିନ ଧରି ପରବର୍ତ୍ତୀ ସଂଖ୍ୟା ପ୍ରକାଶିତ ହୋଇ ପାରି ନ ଥିଲା । ହୁଏତ ଅନିର୍ବାର୍ଯ୍ୟ କାରଣ ହୋଇପାରେ କିମ୍ବା ଲୀଳାଧାରୀଙ୍କ କିଛି ଚରମ ଲୀଳା ରହସ୍ୟ ଥାଇ ପାରେ, ଆମ୍ଭମାନଙ୍କ ପ୍ରାର୍ଥନା ଗୁହାରି ଶୁଣି ଦୟାମୟ ଶ୍ରୀହରି ଠାକୁରେ ପରବର୍ତ୍ତୀ ସଂଖ୍ୟା କେଶବାବ୍ଦ ପଞ୍ଚପଞ୍ଚାଶତ୍ ମର୍ତ୍ତ୍ୟାବତରଣ ମାସ କୁମାର ଉତ୍ସବ ପୂର୍ଣ୍ଣିମାରେ ପ୍ରକାଶନ ନିମନ୍ତେ ଆଜ୍ଞା ଆଶୀର୍ବାଦ ଦେଇଛନ୍ତି ।

ସେହି ଚରମ ପଦ୍ମପାଦକୁ ଆଧାର କରି ଆମ୍ଭେ ତାହା ପ୍ରକାଶିତ କରୁଅଛୁ । ଚରମନାଥଙ୍କର ଜୟ ହେଉ । ସୃଷ୍ଟିର ମଙ୍ଗଳ ହେଉ । ଏତିକି କାମନା ।

ପ୍ରକାଶକ
**ସାଧାରଣ ସଂପାଦକ**
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍



# କଲ୍ୟାଣ ଦେଲି ତୋତେ

ସକଳପିଣ୍ଡ ଓ ବ୍ରହ୍ମାଣ୍ଡ ଯାହାଙ୍କ ବିଭୂତିର ଏକ ଅଂଶମାତ୍ର ଅଟେ, ସେହି ଅଚିନ୍ତ୍ୟ, ଅନାଦି, ପୁରୁଷୋତ୍ତମଙ୍କ କଲ୍ୟାଣର ସୀମା ଏ ପର୍ଯ୍ୟନ୍ତ କେହି କଳ୍ପନା ମଧ୍ୟ କରିପାରିନାହାନ୍ତି । ସୃଷ୍ଟି ତଥା ସୃଷ୍ଟି ଅନ୍ତର୍ଗତ ସମସ୍ତ ସ୍ଥିତି ଉତ୍ପତ୍ତିର ବହୁପୂର୍ବରୁ ସେ ଆନନ୍ଦମୟ ପରମେଶ୍ୱର ତାଙ୍କ ଅମୃତସନ୍ତାନ ପାଇଁ ପ୍ରକୃତିଙ୍କ ମାଧ୍ୟମରେ କଲ୍ୟାଣପସରା ସାଇତି ରଖିଛନ୍ତି । କିନ୍ତୁ କାଳ ତଥା ଯୁଗବାଦର ପ୍ରଚଣ୍ଡ ଆଘାତରେ ମାନବ ଅଚେତନ ହୋଇ ସଂଶୟକୁଣ୍ଡଳୀ ମଧ୍ୟରେ ନିଜକୁ ହଜାଇ ଦେଇଛି । ଫଳରେ ସମସ୍ତ ଅଲୌକିକ ଦୈବୀକଲ୍ୟାଣ ଦେଖି ମଧ୍ୟ ଦେଖିପାରୁନାହିଁ, ଜାଣି ବି ଅନୁଭବ କରିପାରୁ ନାହିଁ । ତେଣୁ କୃପାମୟ ପିତା ଚେତନା ସହିତ ଅପହୃତ ଜ୍ଞାନଶକ୍ତି ପୁନଃପ୍ରତିଷ୍ଠା କରାଇବା ଲକ୍ଷ୍ୟନେଇ ''ପଞ୍ଚଭୂତ ମାଧ୍ୟମରେ ବ୍ରହ୍ମକଲ୍ୟାଣ'' ଶୀର୍ଷକ ପ୍ରସଙ୍ଗରେ ବାସ୍ତବଚିତ୍ର ସ୍ମରଣ କରାଇଚାଲିଛନ୍ତି । ସେଥିମଧ୍ୟରୁ ପୂର୍ବ ପାଖୁଡ଼ାଗୁଡ଼ିକରେ ବାୟୁ ଓ ଜଳ ସଂପର୍କରେ ବର୍ଣ୍ଣନା କରିଛନ୍ତି । କ୍ରମାଙ୍କର ତୃତୀୟ ପଲ୍ଲବ ଶୋଭିତ କଲ୍ୟାଣ ଝରିପଡ଼ିଛି ''ବାୟୁର ପଞ୍ଚଭୂତାତ୍ମକ ପିଣ୍ଡତତ୍ତ୍ୱ'' କ୍ଷେତ୍ର ଉପରେ ।

ଅନନ୍ତ ତୁମେ ଅଖିଳେଶ୍ୱର,  
ସ୍ୱାମୀ ପିଣ୍ଡବ୍ରହ୍ମାଣ୍ଡର ।  
ତୁମେ ହିଁ ସ୍ଥିତି ପ୍ରଳୟ ସ୍ଥିତି,  
ଏକା ଅଟ ଆପଣାର ॥୧॥

ମାଗେ ନମାଗେ ଡ଼ାକେ ନ ଡ଼ାକେ,  
ଦେଉଛ କଲ୍ୟାଣ ଧାରା ।  
ଅବ୍ୟକ୍ତ ପତି ବ୍ୟକ୍ତ ରୂପରେ  
ପଡିଦେ ଦେଉଛ ଧରା ॥୨॥

ତଥାପି କାଳ ଆଘାତେ ପ୍ରଭୁ,  
ଯାଉଛି ତୁମକୁ ଭୁଲି ।  
କଲ୍ୟାଣକର କଲ୍ୟାଣମୟ,  
ଜ୍ଞାନନେତ୍ର ଯାଉ ଖୋଲି ॥୩॥

# କଲ୍ୟାଣ ଦେଲି ତୋତେ

‘ଚରମ’ରେ ଧନ ମୋର ଅବୁଝା ହୋଇଲୁ,
ଯେତେ ସୂକ୍ଷ୍ମ ଚେତାଦେଲି ସବୁ ପାଶୋରିଲୁ ।୧।
ଧାରା ଦେଲି ରାଧାଭାବେ ଧରିବୁ ରାହାସ,
ତର୍କ, ଦ୍ୱନ୍ଦ୍ୱ ମଧ୍ୟେ ରହି କଲୁ ଅବିଶ୍ୱାସ ।୨।
ସ୍ଥୂଳ ଦେହ ମୋହେ ପଡି ଅଜ୍ଞା, ପରିହାସେ,
ସମୟ ବିତାଇ ଦେଇ ଅନିତ୍ୟ ଅଳସେ ।୩।
ଯାହା ତୋର ଇଚ୍ଛା ତାହା କରୁଥା ତୁ ବସି ।
ଧର୍ମ ଦେବ କର୍ମଫଳ ଚକ୍ରରେ ଆକର୍ଷି ।୪।
ମୋର ଯାହା କର୍ମ ମୁହିଁ କରୁଛି, କରିବି,
ଜ୍ଞାନର ମଶାଲ ନେଇ ସମ୍ମୁଖେ ରହିବି ।୫।
ପଞ୍ଚଭୂତ ତତ୍ତ୍ୱେ ଯେଉଁ କଲ୍ୟାଣ ରହିଛି,
ସେଥିରୁ ଜଳ ଓ ବାୟୁ ପୂର୍ବରୁ କହିଛି ।୬।
ସେହି ଭୂତ ତୋ ଶରୀରେ କିପରି ଖେଳୁଛି,
ତୋ’ର ଅଜ୍ଞାତରେ କେଉଁ କଲ୍ୟାଣ ଦେଉଛି ।୭।
ସେହି ଗୁପ୍ତ ରହସ୍ୟ ତୁ ମନଦେଇ ଶୁଣ,
ନୋହିଲେ ମାନବ ଜନ୍ମ ହେବ ଅକାରଣ ।୮।
ପ୍ରଥମେ କହୁଛି ‘ବାୟୁ’ ଗୁଣର ରହସ୍ୟ,
ଶ୍ରଦ୍ଧାରେ ଗମିଲେ ଫଳ ଲଭିବୁ ଅବଶ୍ୟ ।୯।
ପଞ୍ଚ ପାଖୁଡ଼ାରେ ସଜ ସଦା ବାୟୁ ପୁଷ୍ପ,
ସାଇତି ରଖିବୁ ଦେଇ ଶ୍ରଦ୍ଧାର ପ୍ରଲେପ ।୧୦।
ଧାରଣ, ଚାଳନ, ସଙ୍କୋଚନ, ପ୍ରସାରଣ,
କ୍ଷେପଣାଦି ଅଟଇ ଯେ ବାୟୁ ପଞ୍ଚଗୁଣ ।୧୧।
ଗୋଟି ଗୋଟି ଗୁଣ ତୋତେ ଦେଉଛି ବୁଝାଇ,
‘ଧାରଣ’ ସୂତ୍ରରେ ଆତ୍ମା ପିଣ୍ଡ ଧରିଥାଇ ।୧୨।
ପିଣ୍ଡର ମନ୍ଦିରରେ ନାଦ ଗର୍ଦ୍ଦଣ କୋଷ,
ପଞ୍ଚବାୟୁ ମୂଳାଧାରେ ହେଉଛି ପ୍ରକାଶ ।୧୩।
ମୂଳରୁ ଉଜିପା ଯାଏ ଉଜାଣି ବହୁଛି,
ମନକୁ ଚୈତନ୍ୟ ସେହି ଭେଦ କରୁଅଛି ।୧୪।
ପିଙ୍ଗଳା, ସୁଷୁମ୍ନା, ଇଡ଼ା, ଚିତ୍ରିଣୀ ସ୍ନାୟୁରେ,
ଗତି କରୁଅଛି ‘ବାୟୁ’ ତୋର ଅଜ୍ଞାତରେ ।୧୫।
ଯେତେବେଳେ ଯେଉଁ କର୍ମ କରୁଅଛୁ ତୁହି,
ସୁ-ଭାବ ଅବା କୁଚିନ୍ତା ଯାହା କରୁ ରହି ।୧୬।
ବାୟୁର ‘ଧାରଣ’ ଗୁଣେ ‘ନାଦ’*ରେ ରହୁଛି,
ଚିତ୍ରିଣୀ ନାଡ଼ି ତାହାର ଚିତ୍ର ତୋଳୁଅଛି ।୧୭।
‘ବାୟୁ’ ଗୁଣ ପବନରେ ସେହି ଭାବନେଇ,
ସୂକ୍ଷ୍ମରେ ଚେତା କେନ୍ଦ୍ରରେ ଦିଏ ପହଞ୍ଚାଇ ।୧୮।
ମନର ବୁଦ୍ଧି ବିବେକ ବାୟୁରେ ପୂରିଛି,
ଚେତା କେନ୍ଦ୍ର ସହ ସଦା ସଂପର୍କ ରଖୁଛି ।୧୯।
ବେଳ ଭଣି ସେହି କର୍ମ କରିବା ପ୍ରେରଣା,
ବାୟୁଦ୍ୱାରା ବାନ୍ଧି ମନ କରେ ବାଟବଣା ।୨୦।
ଚତୁର ହୋଇ ଯେ ଜୀବ ଚେତନାରେ ରହେ,
ବୁଦ୍ଧି ଓ ବିବେକ ବଳେ ସୁଭାବକୁ ନିଏ ।୨୧।
କୁଚିନ୍ତାର ଚିତ୍ରକୁ ସେ ବଦଳାଇ ଦିଏ,
ବାୟୁର ପରଶେ ‘କୁ’ରେ ‘ସୁ’ ଭରିଯାଏ ।୨୨।

** ନାଦ = ନାଦଗର୍ଦ୍ଦଣ କୋଷ*

**ତୋର ମଙ୍ଗଳକାଙ୍କ୍ଷୀ**
**ପିତା**

# ନୀଳଚକ୍ର
## ଚରମର ସଂକେତ

## ଉତ୍ସବ ପରିଚିତି

### ବ୍ରହ୍ମବିରାଟ ଶ୍ରୀପାଦୁକା କ୍ଷୀରସ୍ନାନ ମହୋତ୍ସବ ଓ ଯଜ୍ଞାନୁଷ୍ଠାନ

[ ୧୪୦୮ ସାଲ କୁମ୍ଭ ଦି୨୩ନ ଠାରୁ କୁମ୍ଭ ଦିନ୨୬ନ, ତା୦୬.୩.୨୦୦୧ରିଖରୁ
ତା୦୯.୩.୨୦୦୧ରିଖ ଶୁକ୍ରବାର ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଶଙ୍ଖୁଆ ଠାରେ ପାଳିତ ]

ପାଦୁକା ଗୁରୁଦେବସ୍ୟ ସାକ୍ଷାଦ୍ ଗୁରୁ ପ୍ରକୀର୍ତ୍ତିତଃ
ତାଂ ବନ୍ଦାମହେ ନିତ୍ୟଂହି ଯା ତାପତ୍ରୟ ନାଶକଃ ।
ସା ମେ ପାତୁ ଜଗଦ୍ ପାତୁ ପାତୁ ସକଳ ସଜ୍ଜନାନ୍
ଯଚାମହେ ଦଦାତୁମେ ମଙ୍ଗଳଂ ସକଳଂ ସୁଖମ୍ ॥

ବନ୍ଦେ ଦେବଗୁରୁଂ ସୁକାନ୍ତିତନୟଂ ବନ୍ଦେ ଯଦୁନନ୍ଦନମ୍
ବନ୍ଦେଽଜ୍ଞାନ ହରଂ ସୁଶୋଭନ ବପୁଂ ବନ୍ଦେ ଜଗଦ୍‌କାରଣମ୍ ।
ବନ୍ଦେ ଗୈରିକ ଦୁକୁଳଂ ପରିହିତଂ ବନ୍ଦେ ଜଗଦ୍ ପାଳକମ୍
ବନ୍ଦେ ଭକ୍ତଗଣାଶ୍ରୟଂ ବରଦଂ ଚ ବନ୍ଦେ ପରମାତ୍ମନମ୍ ॥

ପ୍ରାଣଃ ପ୍ରାଣୀନାଂ ଜୀବନଂ ଜୀବିତାନାମ୍
ଜ୍ଞାନଂ ଜ୍ଞାନୀନାଂ ସାଧନଂ ସାଧକାନାମ୍ ।
ଯୋଗ ଯୋଗୀନାମୀଶ୍ୱର ଆସ୍ତିକାନାମ୍
ଭକ୍ତିର୍ଭକ୍ତାନାଂ ପ୍ରଭୁପାଦଃ କେଶବଃ ॥

# ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!

ଜଗତ୍‌ପତିଙ୍କ ଜଗତ ପାଳନ ଓ କଲ୍ୟାଣର କ୍ରିୟା, କୌଶଳ ଯେତିକି ବିଚିତ୍ର, ସେତିକି ମଧୁର, ମନୋରମ ତଥା ଆନନ୍ଦ ପ୍ରଦାୟକ । ନିଜ ଇଚ୍ଛାମତେ ସୃଷ୍ଟି ରଚନା କରି ଅନେକ ଲୀଳାପୁଷ୍ପର ମହକରେ ଧରିତ୍ରୀକୁ ପୁଲକିତ କରିଛନ୍ତି । ଦିବ୍ୟସତ୍ତାର ଝଲକରେ ଜୀବଜଗତ ନିର୍ମାଣ କରୁଛନ୍ତି । ସ୍ୱଅଙ୍ଗର ମହାଜ୍ୟୋତି ପିଣ୍ଡରୁ ଆତ୍ମସତ୍ତା ରୋପଣ କରି ଜୀବନର ସଂଜ୍ଞା ପ୍ରଦାନ କରୁଛନ୍ତି । ଜୀବର ଜୀବନ ଉପଭୋଗ ପାଇଁ ପ୍ରକୃତି ଅଙ୍ଗ ମାଧ୍ୟମରେ ମାୟା, ମୋହ ରୂପକ ସୁଗନ୍ଧଯୁକ୍ତ ପ୍ରଲେପ ଦେଇ ଜୀବକୁ ଅଚେତନ କରି ଦେଉଛନ୍ତି । ପୁନଶ୍ଚ ନିଜ ସ୍ଥିତି ସମ୍ପର୍କରେ ସଚେତନ ହୋଇ ଦିବ୍ୟ ଚେତନା ପ୍ରାପ୍ତି ପାଇଁ ବିଭିନ୍ନ ମତ ଓ ପଥ ଜରିଆରେ ଜୀବକୁ ଆକର୍ଷଣ କରି କୋଳେଇ ନେଉଛନ୍ତି । ତାଙ୍କରି କଲ୍ୟାଣରୁ ଜୀବ ଯେତେବେଳେ ମାୟାପୁରୀର କଠିନ ଆସ୍ତରଣରେ ଅସ୍ତବ୍ୟସ୍ତ ହୋଇଯାଉଛି, ଠିକ୍ ସେତିକିବେଳେ କରୁଣାମୟ ତାଙ୍କର ପଦ୍ମପାଦ ବିସ୍ତାର କରି ବଢ଼ାଇ ଦେଉଛନ୍ତି ଏବଂ ଆହ୍ୱାନ କରୁଛନ୍ତି, ''ରେ ମୋର ଅବୋଧ ସନ୍ତାନ ! କାହିଁକି ଏତେ ବିବ୍ରତ ହେଉଛୁ ? ଚକ୍ଷୁମେଲି ଦେଖିନେ, ମୁଁ ତୋର ନିକଟରେ, ଖୁବ୍ ନିକଟରେ ଅଛି । ତୁ ମୋରି ପାଖରୁ ଯାଇଛୁ । ମୋର ହୋଇ ରହିଛୁ । ମୋ ପାଖକୁ ହିଁ ଆସିବୁ । ସୌନ୍ଦର୍ଯ୍ୟ, ସୁଗନ୍ଧରେ ପୂର୍ଣ୍ଣ ମାୟାପୁଷ୍ପ ଯଦି ତୋର ଆଉ ଲୋଡ଼ା ନାହିଁ, ତେବେ ଚାଲିଆ, ଯେଉଁ ପଦ୍ମପାଦ ପାଇଁ ବ୍ୟାକୁଳ ହେଉଛୁ, ସେହି ପଦ ମୁଁ ତୋ ନିକଟରେ ପହଞ୍ଚାଇ ଦେଇଛି । ମନଭରି ଆସ୍ୱାଦନ କର ଏବଂ ଶେଷରେ ପରମ ସନ୍ତୋଷ ଲାଭକରି ସେହି ପାଦରେ ବିଶ୍ରାମ ନେଇଯାଅ ।'' ଏହି ମମତାଭରା ଅଭୟ ଆହ୍ୱାନରେ ମନ, ପ୍ରାଣ ଶିହରି ଉଠୁଛି । ଏହା ସତ୍ୟ । ମାତ୍ର ପରକ୍ଷଣରେ ମନ ଦ୍ୱନ୍ଦ୍ୱର ଶିକାର ହୋଇ ଖୋଜି ବୁଲୁଛି-କାହିଁ, କେଉଁଠି ଅଛି ସେ ପଦ୍ମପାଦ ? କାହାକୁ ପଦ୍ମପାଦ କହିବା ? କିପରି ପାଇବା ? ଇତ୍ୟାଦି ଅନେକ ଅସମାହିତ ପ୍ରଶ୍ନ ତା' ମଧ୍ୟରେ ଉଦ୍ରେକ ହୋଇଯାଉଛି । ସେହି ସମସ୍ତ ଦ୍ୱନ୍ଦ୍ୱ, ପ୍ରଶ୍ନର ସମାଧାନ ପାଇଁ ଆମ ଅନୁଷ୍ଠାନ ତରଫରୁ ''ଶ୍ରୀପଦ ପାଦୁକା ବନ୍ଦନା'' ନାମକ ଏକ କ୍ଷୁଦ୍ର ପତ୍ରିକା ପ୍ରକାଶିତ ହୋଇ ସେଥିରେ ''ପଦ୍ମପାଦ'' ଓ ''ଶ୍ରୀ ପାଦୁକା'' ସମ୍ପର୍କରେ ସୂଚନା ଦିଆଯାଇଥିଲା । ଆଜିର ଆଲୋଚ୍ୟ **''ବ୍ରହ୍ମବିରାଟ ଶ୍ରୀ ପାଦୁକା କ୍ଷୀରସ୍ନାନ''** ବିଷୟବସ୍ତୁକୁ ଯିବା ପୂର୍ବରୁ ''ଶ୍ରୀପାଦୁକା''ର ସଂଜ୍ଞା ଅବଗତ କରାଇବା ପ୍ରଥମ କର୍ତ୍ତବ୍ୟ ମନେ କରି ପୂର୍ବ ପ୍ରକାଶିତ ପତ୍ରିକାର କିଛି ଅଂଶ ଏଠାରେ ଉପସ୍ଥାପନ କରି ସଜ୍ଜନମାନଙ୍କ ସ୍ମୃତି ଚାରଣ କରାଇବାର ପ୍ରୟାସ କରୁଅଛୁ ।

ପଦ୍ମପାଦ ଦର୍ଶନ, ଅନୁଭବ କରିଥିବା ମହାନ୍ ପୁରୁଷମାନଙ୍କ ମଧ୍ୟରେ ଅଗ୍ରପୂଜ୍ୟ ମହାପୁରୁଷ ଅଚ୍ୟୁତାନନ୍ଦ ସେହି ''ପଦ୍ମପାଦ'' ସମ୍ବନ୍ଧରେ ସୂଚନା ଦେବାକୁ ଯାଇ ତାଙ୍କ ସ୍ୱରଚିତ ''ଗୁରୁଭକ୍ତି ଗୀତା'' ତୃତୀୟଖଣ୍ଡ ଷଷ୍ଠ ଚତ୍ୱାରିଂଶଦ୍ ପଟଳରେ ପଦ୍ୟାଂଶରେ ଯାହା କହିଥିଲେ, ତାହାର ସାରାଂଶ ଅନୁଯାୟୀ-ଏ ସୃଷ୍ଟିର ଆଦି ବୀଜ ''କ୍ଲୀଂ, ଶ୍ରୀଂ, ହ୍ରୀଂ'' ଓଁକାର ସହ ଏକତ୍ର ହୋଇ ସ୍ରଷ୍ଟାଙ୍କ ଅଙ୍ଗର ଯେଉଁ ସ୍ଥାନରେ ଅବସ୍ଥାନ କରନ୍ତି, ସେହି ସ୍ଥାନର ନାମ ହେଉଛି ''ପାଦ'' । ଏହିଠାରୁ ହିଁ ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ସଂହାର । ସୁତରାଂ ଉକ୍ତ ''ପାଦ'' ହିଁ ସକଳ ଶକ୍ତି, ସର୍ବ ତୀର୍ଥ, ଧାମର କେନ୍ଦ୍ରସ୍ଥଳ । ଏହି ପାଦ ଚାରିଦଳ ବିଶିଷ୍ଟ ପଦ୍ମଫୁଲ ଉପରେ ରହିଅଛି । ପଦ୍ମଫୁଲର ସ୍ଥିତି ଓ ଆକୃତି ବର୍ଣ୍ଣନା କରିବାକୁ ଯାଇ ସେ କହିଛନ୍ତି- ''ଅଥର୍ବ ବେଦ ହେଉଛି ପୃଥ୍ୱୀ ବା ସ୍ଥଳଭାଗ । ଏହି ସ୍ଥଳଭାଗରେ ''ସାମବେଦ'' ହେଉଛି ଜଳରାଶି । ଏ ଜଳରାଶି ମଧ୍ୟରେ ପୃଥ୍ୱୀ ରୂପକ ଅଥର୍ବ ହିଁ ପଙ୍କ ହୋଇ ରହିଅଛି । ଉକ୍ତ ପଙ୍କରୁ ପୁନଶ୍ଚ ''ସାମବେଦ'' ପଦ୍ମବୃକ୍ଷ ହୋଇ ଉଭା ହୋଇଅଛି । ''ଶାମ'' ରୂପକ ବୃକ୍ଷରେ ''ଋକ୍‌ବେଦ'' ପଦ୍ମପତ୍ର ଓ ପଦ୍ମପୁଷ୍ପ ହୋଇ ଶୋଭା ପାଉଛି । ଏହି ଅଦ୍ଭୁତ ''ପଦ୍ମ'' ଫୁଲରେ ''ଶିଶୁ'' ବେଦ

କେଶର ହୋଇ ରହିଛି । ଜୀବର ଉଦ୍ଧାର ପାଇଁ ଯେଉଁ ଷୋଡ଼ଶ ମନ୍ତ୍ର ସାଧନର ପ୍ରୟୋଜନ ଥାଏ, ସେହି ଷୋଡ଼ଶ ମନ୍ତ୍ର ଉକ୍ତ ପଦ୍ମପାଖୁଡ଼ାରେ ବିକ୍ଷିପ୍ତ ଭାବରେ ସ୍ଥିତ ହୋଇଛି । ତାରକ ବ୍ରହ୍ମନାମ ''ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ'' ହିଁ ଷୋଡ଼ଶ ମନ୍ତ୍ର ନାମରେ ଖ୍ୟାତ ହୋଇଅଛି । ଏହି ନାମ ମଧ୍ୟରୁ ଚାରିବେଦର ଆକାର ଗ୍ରହଣ କରିଥିବା ପଦ୍ମଫୁଲର ''ଯଜୁଃବେଦ'' ସ୍ଥିତ ଦଳରେ ''ହରେ'' ଅଛନ୍ତି । ''କୃଷ୍ଣ'' ଶାମ ଦଳରେ ଓ ''ରାମ'' ଋକ୍ ଦଳରେ ଅବସ୍ଥାନ କରିଅଛନ୍ତି । ଏ ସମସ୍ତ ନାମ ପୁନଶ୍ଚ ଏକତ୍ର ମିଳିତ ହୋଇ ''ଅଥର୍ବ'' ବେଦ ବା ପଦ୍ମର ମୂଳାଧାରରେ ମିଳିତ ହୋଇ ଅଛନ୍ତି । ଏହି ପବିତ୍ରତମ ପଦ୍ମ ପାଖୁଡ଼ାରେ ହ୍ରୀଂ, ଶ୍ରୀଂ ଓ କ୍ଲୀଂ ଆଦିବୀଜ ଅବସ୍ଥାନ କରିଅଛନ୍ତି । ମତାନ୍ତରେ ''ବେଦ'' ଅର୍ଥାତ୍ ଶରୀର । ଜୀବର ସଂସ୍କାର, କର୍ମପ୍ରବାହ ଓ ସିଦ୍ଧି ଅବସ୍ଥାକୁ ନେଇ ଏହି ଚତୁର୍ବେଦ ''ଶାମ, ଯଜୁଃ, ଋକ୍ ଓ ଅଥର୍ବ''ର ବିଚାର କରାଯାଇଥାଏ । ପିଣ୍ଡସାଧନର ଚରମ ପର୍ଯ୍ୟାୟରେ ସାଧକ ସମାଧି ଅବସ୍ଥାରେ ହିଁ ପଦ୍ମଫୁଲର କେଶର ରୂପରେ ରହିଥିବା ''ଶିଶୁବେଦ''କୁ ଅନୁଭବ, ଉପଲବ୍ଧ କରିପାରେ । ପୁନଶ୍ଚ ଏହି ଧରିତ୍ରୀ ହେଉଛି ପଦ୍ମର ଆଧାର । ଏହାରି ଉପରେ ପଞ୍ଚବେଦ, ଷୋଡ଼ଶ ମନ୍ତ୍ର ପଦ୍ମର ପାଖୁଡ଼ା, ପତ୍ର, ଫୁଲ ଓ କେଶର ରୂପରେ ଅବସ୍ଥାନ କରିଅଛନ୍ତି । ସୁତରାଂ ଆଲୋଚ୍ୟ ''ପଦ୍ମ''ଟି ହିଁ ''ସୃଷ୍ଟି'' । ଏହି ସୃଷ୍ଟି ପଦ୍ମ ଉପରେ ସ୍ରଷ୍ଟା ପାଦ ରଖିଥିବାରୁ ତାଙ୍କ ପାଦର ନାମ ''ପଦ୍ମପାଦ'' । ପ୍ରଭୁଙ୍କର ପାଦରୁ ଅହରହ ଯେଉଁ ''ଝାଳ'' (ସ୍ୱେଦ) ବହିଯାଉଛି ତାହାରି ନାମ ''ଅମୃତ'' । ପାଦ ''ପଦ୍ମ'' ଉପରେ ଥିବାରୁ ଅମୃତ ସେହି ପଦ୍ମ ମାଧ୍ୟମରେ ଝରି ଆସୁଅଛି । ତେଣୁ ନିତ୍ୟସିଦ୍ଧ ସାଧୁ, ଦର୍ଶନ ଯୋଗୀମାନେ ସେମାନଙ୍କର ନିର୍ବିକଳ୍ପ ସମାଧି ଅବସ୍ଥାରେ ଉକ୍ତ ଦୁର୍ଲଭ ଅବସ୍ଥା ଉପଲବ୍ଧ କରୁଥିବାରୁ କେବଳ ''ଅମୃତଝରା ପଦ୍ମପାଦ'' ଉପରେ ସେମାନଙ୍କର ଲୟ ଆବଦ୍ଧ ରଖନ୍ତି ଏବଂ ଅହରହ ସେହି ସ୍ଥାନକୁ ଧ୍ୟାନ କରି ସେଥିରେ ମଗ୍ନ ହୋଇ ଯିବାକୁ ବ୍ୟାକୁଳ ହୁଅନ୍ତି । କଠୋର ସାଧନ ମାଧ୍ୟମରେ ଏହି ସ୍ଥିତି ପ୍ରାପ୍ତ ନ ହେବାଯାଏ ''ପଦ୍ମପାଦ'' ଦର୍ଶନ ହୁଏ ନାହିଁ । ସେହି ମର୍ମରେ ମହାପୁରୁଷ କହନ୍ତି:

| | | |
|---|---|---|
| ନବ ନିମିଷ କ୍ଷଣେ ଦଣ୍ଡେ | । | ସାଧୁଣ ଥିବ ଜୀବ ପିଣ୍ଡେ ॥ |
| ବିଅର୍ଥ ଜନମ ନୋହିବ | । | ଗୋଲୋକ ସେବାରେ ରହିବ ॥ |
| ପାଦପଦ୍ମ ସେ ଯାହା କହି | । | ଚକ୍ଷୁ ଗୋଚର ନ ଦିଶଇ ॥ |
| ଚକ୍ଷୁ ମୁଦ୍ରିତ କରି ରହି | । | ଭ୍ରୁରୁଥାନରେ ମନ ଦେଇ ॥ |
| ତେବେ ଦର୍ଶନ ପଦ୍ମପାଦ | । | ଖଣ୍ଡଇ ସକଳ ବିପଦ ॥ |

ତେଣୁ 'ପଦ୍ମପାଦ' କେବଳ ସୂକ୍ଷ୍ମ ଦର୍ଶନରେ ପ୍ରାପ୍ତ ହୁଏ । ସାଧନର ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥୂଳ ବସ୍ତୁର ଆଧାର ଅପରିହାର୍ଯ୍ୟ ହୋଇପଡ଼େ । ଏତଦ୍‌ବ୍ୟତୀତ ଯୁଗ ପ୍ରଭାବରେ ପ୍ରଭାବିତ ହୋଇ ସାଧାରଣ ତଥା ସାଧନହୀନ ଜୀବ ବ୍ରହ୍ମ ଉପଲବ୍ଧିଜନିତ କରୁଣା ପ୍ରାପ୍ତ ହେବାର ସୌଭାଗ୍ୟରୁ ବଞ୍ଚିତ ହୋଇପଡ଼େ । ସେଥିପାଇଁ ତପସ୍ୱୀଗଣ ସେମାନଙ୍କ ତପବଳରେ ବ୍ରହ୍ମତତ୍ତ୍ୱ ପ୍ରାପ୍ତ ହୋଇ ''ପଦ୍ମପାଦ''ର ସମସ୍ତ ଶକ୍ତି ତଥା ଫଳପ୍ରାପ୍ତି ତେଜରଶ୍ମୀକୁ ପୁଞ୍ଜୀଭୂତ କରି 'ଶ୍ରୀପାଦୁକା' ରୂପରେ 'ପଦ୍ମପାଦ'ର ସ୍ଥୂଳ ଅବତରଣ କରାଇଥିଲେ । ତାହାର ସମ୍ୟକ୍ ସୂଚନା ମଧ୍ୟ ନିମ୍ନରେ ପ୍ରଦାନ କରୁଅଛୁ ।

ସତ୍ୟଯୁଗରେ ଯେତେବେଳେ ଅବତାର ଧାରଣର ସମୟ ଉପସ୍ଥିତ ହେଲା, ସେତେବେଳେ ନୈମିଷ୍ୟାରଣ୍ୟରେ ଅବସ୍ଥାନ କରୁଥିବା ତପସ୍ୱୀଗଣ (ଯଥା: ମଧୁଭୃତ, ଚୟମାଦ୍ରି, ଉପାଶ୍ରନ, ପୈଉକନ୍ଦ, ଅନ୍ତବୃଷ୍ଣା, ଆଭ୍ରସ୍ୱିନୀ, ପ୍ରାପକ, ରଧନ୍ଧି) ଉପରୋକ୍ତ ଅଭାବନୀୟ ପରିସ୍ଥିତିକୁ ବିଚାର କରି ସ୍ଥିର କଲେ, ପ୍ରଭୁଙ୍କ ଅବତାର ସମୟରେ

ଧରାପୃଷ୍ଠରେ 'ପଦ୍ମପାଦ' ପ୍ରତିଷ୍ଠା କରିବା ପାଇଁ ତାଙ୍କୁ ''ଶ୍ରୀପାଦୁକା'' ସମର୍ପଣ କରାଯିବ । ସେ ସେହି ପାଦୁକା ଧାରଣ କରି ଅବତରିତ ହେବେ । ତାଙ୍କ ପଦ୍ମପାଦର ସ୍ଥୂଳ ସ୍ପର୍ଶରେ ଜୀବନ୍ୟାସ ପାଇ ପଦ୍ମପାଦର ସ୍ଥୂଳ ରୂପରେ ଶ୍ରୀପାଦୁକା ପୂଜିତ ହେବ ଏବଂ ଜ୍ଞାନ, ସିଦ୍ଧି, କୈବଲ୍ୟ ଓ ବିଭୂତି ପ୍ରଦାନ କରି ଜୀବ ଜଗତକୁ ଉଦ୍ଧାର କରିବେ । ଏହି ଲକ୍ଷ୍ୟ ନେଇ ସେମାନେ ପ୍ରଭୁଙ୍କ ପାଇଁ ପାଦୁକା ନିର୍ମାଣ କରିବାକୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ପ୍ରାର୍ଥନା କଲେ । ବିଶ୍ୱକର୍ମା ତପସ୍ୱୀମାନଙ୍କ ଭାବ ଗ୍ରହଣ କରି ଭକ୍ତଶ୍ରେଷ୍ଠ ଶିଳ୍ପୀ ''କନ୍ଦୁକନ୍ତ'ଙ୍କ ଦ୍ୱାରା ଶ୍ରୀପାଦୁକା ନିର୍ମାଣ କରାଇ ତପସ୍ୱୀମାନଙ୍କୁ ପ୍ରଦାନ କଲେ । ଏହାପରେ ତପସ୍ୱୀମାନେ ବୈଦିକ ରୀତିରେ ଶ୍ରୀପାଦୁକାଙ୍କୁ ପ୍ରାଣପ୍ରତିଷ୍ଠା କରାଇ ପରମେଶ୍ୱରଙ୍କୁ ସମର୍ପଣ କଲେ । ପ୍ରଭୁ ସତ୍ୟଯୁଗରେ ଯେତେବେଳେ ଯେଉଁ ଅବତାର ଧାରଣ କରି ଆସିଛନ୍ତି, ଏହି ଶ୍ରୀପାଦୁକା ଧାରଣ କରି ଆସିଛନ୍ତି ଏବଂ ସ୍ଥଳରେ ତାହାକୁ ପଦ୍ମପାଦର ପୂର୍ଣ୍ଣ ମର୍ଯ୍ୟାଦା ଦାନ କରିଛନ୍ତି । ଏହାହିଁ ''ପଦ୍ମପାଦ'' ଓ ''ଶ୍ରୀପାଦୁକା'' ରହସ୍ୟ ।

ଯୁଗଲୀଳାର ନିଷ୍ପତ୍ତି ଅନୁଯାୟୀ ଆଜି ଧରାପୃଷ୍ଠରେ ଉଭୟ ''ପଦ୍ମପାଦ' ଓ ''ଶ୍ରୀ ପାଦୁକା''ଉପସ୍ଥିତ । ଉକ୍ତ ଶୁଭଲଗ୍ନ ସମ୍ପର୍କରେ ପୂର୍ବଯୁଗ ଓ ସମୟରୁ ଯେଉଁ ମହାପୁରୁଷମାନେ ସେମାନଙ୍କ ସମାଧି ସ୍ତରରେ ଅବଗତ ହୋଇଥିଲେ ସେମାନେ ସାଧନର ଅନ୍ତିମ ତଥା ସିଦ୍ଧି ମୁହୂର୍ତ୍ତରେ ପଦ୍ମପାଦ ଦର୍ଶନ, ଅନୁଭବ କରିଥିଲେ ଏବଂ କଳିର ଲୀଳାବତରଣ ସମୟରେ ସେହି ଶ୍ରୀପାଦୁକାଙ୍କର ମହାସ୍ନାନ ପାଇଁ ବର ଭିକ୍ଷା କରିଥିଲେ । ଯିଏ ଯେଉଁ ସ୍ଥାନରେ ଦର୍ଶନ କରିଥିଲେ,ସିଏ ସେହି ସ୍ଥାନରେ ଗୋଟିଏ ଗୋଟିଏ ସ୍ନାନ ଭିକ୍ଷା କରିଥିଲେ । ତଦନୁସାରେ ପ୍ରଭୁ ସୂକ୍ଷ୍ମସ୍ତରରେ ପ୍ରଦାନ କରିଥିବା ବର ସ୍ଥଳରେ ପାଳିତ ହୋଇ ଜୀବକଲ୍ୟାଣ କାର୍ଯ୍ୟ କରି କରାଇନେବା ଲକ୍ଷ୍ୟରେ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ସ୍ଥିରୀକୃତ ଯାଚଞ୍ଚା ସ୍ନାନ ଉତ୍ସବ ପାଳିତ ହୋଇ ଚାଲିଛି । ସ୍ୱକ୍ଷେତ୍ର ''ସ୍ୱର୍ଣ୍ଣକ୍ଷେତ୍ର''ରେ ଶୁଦ୍ଧଜଳ ସ୍ନାନପରେ ଗତ ୧୪୦୭ ସାଲ ବୃଷ ଦି୨୬ନ, ଜ୍ୟେଷ୍ଠ ଦି୧୦ନ, ରବିବାର ଠାରୁ ବୃଷ ଦି୨୫ନ, ଜ୍ୟେଷ୍ଠ ଦି୧୭ନ ବୁଧବାର ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲା ମଇଦାନକେଲ୍ ଠାରେ ଶ୍ରୀପାଦୁକାଙ୍କର ''ଦଧିସ୍ନାନ'' ମହୋତ୍ସବ ପାଳିତ ହୋଇ ଯାଇଛି । ସେ ସମ୍ପର୍କିତ ସୂଚନା ଆମର ଅନୁଷ୍ଠାନ ତରଫରୁ ପତ୍ରିକା ଆକାରରେ ପ୍ରକାଶିତ ହୋଇଯାଇଛି ।

ଆଜି ସେହି କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ''ଶଙ୍ଖୁଆ'' ଠାରେ ଶ୍ରୀପାଦୁକାଙ୍କର ''କ୍ଷୀରସ୍ନାନ'' ମହୋତ୍ସବ ପାଳିତ ହେଉଅଛି । ସେହି ଅବସରରେ ''କ୍ଷୀର'' କିପରି ସୃଷ୍ଟି ହୋଇଥିଲା ଓ କାହିଁକି କ୍ଷୀରସ୍ନାନ ପାଇଁ ମହାପୁରୁଷ ଜଣେ ବରଭିକ୍ଷା କରିଥିଲେ, ସେହି ସମ୍ବନ୍ଧରେ ଆଲୋଚନା ଆରମ୍ଭ କରାଯାଉଛି ।

ପ୍ରଥମରୁ କୁହାଯାଇଛି, ''ସୃଷ୍ଟି, ସ୍ଥିତି,ସଂହାର'' ସବୁ ତାଙ୍କରି ଇଚ୍ଛାରେ ହିଁ ସଂଗଠିତ ହେଉଅଛି । ସେ ତାଙ୍କ ନିଜ ଇଚ୍ଛାମତେ ସୃଷ୍ଟି ସମ୍ଭାର ନିର୍ମାଣ କରି ଚାଲିଛନ୍ତି । ସେହି ଚିରାଚରିତ ପ୍ରଥାର ଅନ୍ୟ ଏକ ପର୍ଯ୍ୟାୟରେ ଇଚ୍ଛାମୟ ''ପ୍ରକୃତି, ମାୟା ତଥା ମହାମାୟାଙ୍କୁ ''ପିଣ୍ଡସୃଜନ'' ମଣ୍ଡଳରୁ ଆଣି ଭକ୍ତଙ୍କ ମନୋବାଞ୍ଛା ପୂରଣ ନିମନ୍ତେ ନିଜର ''ଭୃଜୟ ବକ୍ଷରୁ'' ଧ୍ୱଜକ ନାଭି'' ମଧ୍ୟରେ ଧାରଣ କଲେ । ଏହାପରେ ସୂକ୍ଷ୍ମ ଶରୀରରେ ''ଶଙ୍ଖ ନାଭି'' ସୃଷ୍ଟିକରି ତାହାକୁ ୧୦୮ (ଏକଶତଆଠ)ପାଖୁଡାରେ ସଜାଇ ଦେଇ ତାହାକୁ ''ସୃଜୟ ଶଙ୍ଖ ନାଭି'' ନାମରେ ନାମିତ କଲେ । ଏହି ଅଂଶୀୟ ପାଖୁଡାରୁ ସୃଷ୍ଟିର ଆବଶ୍ୟକତାକୁ ବିଚାର କରି ସପ୍ତସାଗର, ନବଦ୍ୱୀପ, ପ୍ରଣବ,ବେଦପତି ବ୍ରହ୍ମା ତଥା ତାଙ୍କ (ବ୍ରହ୍ମା) ମାଧ୍ୟମରେ ସୃଷ୍ଟି ଓ ସୃଷ୍ଟି ପାଳକ, ସଂହାରକମାନଙ୍କୁ ସୃଷ୍ଟି କରାଇଲେ । ଜୀବ,ଜଗତକୁ ଲାଳନ ପାଳନ କରି କରାଇବା ପାଇଁ ବିଭିନ୍ନ ବସ୍ତୁ ଉଦ୍ଭବ କରାଇ ଦେଲେ । ସେ ବିଷୟରେ ଆଲୋଚନା କରିବା ପୂର୍ବରୁ ଶ୍ରୀମୁଖରୁ ନିସୃତ ହୋଇଥିବା ୧୦୮ ସୃଜନ ଶଙ୍ଖନାଭିର ନାମ ନିମ୍ନରେ ପ୍ରଦାନ କରୁଅଛୁଁ ।

## ଶଙ୍ଖନାଭିପଦ୍ମ ଓ ପଦ୍ମନାଭି ବ୍ରହ୍ମ ମଣ୍ଡଳ

୧. ବିଦ୍ରୁୟ ପଦ୍ମନାଭି
୨. ଗୁଞ୍ଜଲ୍ୟ ନାଭିପଦ୍ମ
୩. କୌଟିୟ ନାଭିପଦ୍ମ
୪. ଡୃଜୟ ଶଙ୍ଖନାଭି
୫. ଗଣୌତ୍ରୀ ନାଭିପଦ୍ମ
୬. ବନିତ୍ରୀ ଶଙ୍ଖନାଭି
୭. ଗଣ୍ଡିସ୍ରାବ ନାଭିପଦ୍ମ
୮. ମତାଙ୍ଗ ଶଙ୍ଖନାଭି
୯. ଉଧୟ ନାଭିପଦ୍ମ ଶଙ୍ଖ
୧୦. ରୋଧିକକ୍ଷ ନାଭିପଦ୍ମ
୧୧. ଧୃତକଃ ନାଭିପଦ୍ମ
୧୨. କଣ୍ଡୀପ୍ସା ନାଭିପଦ୍ମ
୧୩. ଆର୍ଣ୍ଣିବ ନାଭିପଦ୍ମ
୧୪. ଧୋରତ୍ରି ନାଭିପଦ୍ମ
୧୫. ବର୍ଣ୍ଣାଙ୍ଗ ନାଭିପଦ୍ମ
୧୬. ଗୁକ୍ରୁରା ନାଭି କ୍ଷୀର ପଦ୍ମ
୧୭. କ୍ଷୀରାବ୍ଧୀ ବର୍ଣ୍ଣ ନାଭିପଦ୍ମ
୧୮. କ୍ଷୀରାବ୍ଧି ଶଙ୍ଖ ନାଭିପଦ୍ମ
୧୯. ପଦ୍ମାଭି କ୍ଷୀର ନାଭିପଦ୍ମ
୨୦. ଧୃତଙ୍ଗୀ କ୍ଷୀର ନାଭିପଦ୍ମ
୨୧. କୃଭୋରୀ ନାଭିବ୍ରହ୍ମ
୨୨. ଗସ୍ଵକି ନାଭିବ୍ରହ୍ମ
୨୩. ଗୟିଣୀ ନାଭିମାୟା
୨୪. ନୃସ୍ଵଁ ନାଭିପଦ୍ମ
୨୫. ତ୍ରାଣାଲିୟା ନାଭିବ୍ରହ୍ମ
୨୬. ଚରନ୍ଧ ନାଭିବ୍ରହ୍ମ
୨୭. ମୃଣାଳୀ ନାଭିବ୍ରହ୍ମ
୨୮. ଲୟାତ୍ରୀ ନାଭିବ୍ରହ୍ମ
୨୯. ସ୍ମରଶ୍ରୁତି ନାଭିବ୍ରହ୍ମ
୩୦. ଶାଳା ନାଭିବ୍ରହ୍ମ
୩୧. ବର୍ଣ୍ଣାଧୀ ନାଭିବ୍ରହ୍ମ
୩୨. ବିଦୃତି ନାଭିବ୍ରହ୍ମ
୩୩. ଗତୁକାଇ ନାଭିବ୍ରହ୍ମ
୩୪. ଦ୍ଵରୀୟ ନାଭିବ୍ରହ୍ମ
୩୫. ଶ୍ରୁତିମାୟା ନାଭିବ୍ରହ୍ମ
୩୬. କୃଣା ନାଭିବ୍ରହ୍ମ
୩୭. ଘାଉର୍ଣ୍ଣି ନାଭିବ୍ରହ୍ମ
୩୮. କକ୍ଷାରି ନାଭିବ୍ରହ୍ମ
୩୯. ଖୌନିୟା ନାଭିବ୍ରହ୍ମ
୪୦. ଘର୍ଘରୀ ନାଭିବ୍ରହ୍ମ
୪୧. ଚର୍ଯ୍ୟନ ନାଭିବ୍ରହ୍ମ
୪୨. ରୋତୟ ନାଭିବ୍ରହ୍ମ
୪୩. ଛଗତି ନାଭିବ୍ରହ୍ମ
୪୪. ଜର୍ଣ୍ଣିନା ନାଭିବ୍ରହ୍ମ
୪୫. ଝରୋତ୍ର ନାଭିବ୍ରହ୍ମ
୪୬. ନିର୍ମିକ୍ଷା ନାଭିବ୍ରହ୍ମ
୪୭. ନିଘାତ୍ରୀ ନାଭିବ୍ରହ୍ମ
୪୮. ଅୟୋଧାଙ୍କ ନାଭିବ୍ରହ୍ମ
୪୯. ଟଣୋଝା ନାଭିବ୍ରହ୍ମ
୫୦. ଟୀକ୍ଷାତ୍ରୀ ନାଭିବ୍ରହ୍ମ
୫୧. ଠାୟାଁଭୂମା ନାଭିବ୍ରହ୍ମ
୫୨. ଗଣୋମ୍ଭା ନାଭିବ୍ରହ୍ମ
୫୩. ଠୁମ୍ଭାଧାଇ ନାଭିବ୍ରହ୍ମ
୫୪. ଢୃମାଚିକ୍ଷା ନାଭିବ୍ରହ୍ମ
୫୫. ଧୌତ୍ରୀ ନାଭିବ୍ରହ୍ମ
୫୬. କ୍ଷୃଶାନ୍ତି ନାଭିବ୍ରହ୍ମ
୫୭. ହମ୍ଭାଧାୟା ନାଭିବ୍ରହ୍ମ
୫୮. ହୈତ୍ରୀକ୍ଷା ନାଭିବ୍ରହ୍ମ
୫୯: ହୃଶୀନାୟା ନାଭିବ୍ରହ୍ମ
୬୦. ହୀମ୍ଭାତ୍ରାଣା ନାଭିବ୍ରହ୍ମ
୬୧. ଗର୍ଣ୍ଣ ନାଭିବ୍ରହ୍ମ
୬୨. ଭୃଜାନ୍ତି ଶଙ୍ଖନାଭି
୬୩. ତ୍ରୀଯାମ୍ବାଣୀ ନାଭିବ୍ରହ୍ମ
୬୪. ତ୍ରୈଲୋକ୍ୟ ନାଭିବ୍ରହ୍ମ

୬୫. ସାମାଶୁର୍ଣ୍ଣା ନାଭିବ୍ରହ୍ମ
୬୬. ଭୁତାନି ନାଭିବ୍ରହ୍ମ
୬୭. ଭୁରୋକ୍ଷୀ ନାଭିବ୍ରହ୍ମ
୬୮. ଯାମ୍ଯା ନାଭିବ୍ରହ୍ମ
୬୯. ରତୁରାନି ନାଭିବ୍ରହ୍ମ
୭୦. ବାବାଦ୍ଵି ନାଭିବ୍ରହ୍ମ
୭୧. କମ୍ର ନାଭିବ୍ରହ୍ମ
୭୨. ସାରିତ୍ରୀକ୍ଷା ନାଭିବ୍ରହ୍ମ
୭୩. ବିଷ୍ଣୁସ୍ୱାଇ ନାଭିବ୍ରହ୍ମ
୭୪. ବିଷ୍ଣୁରୀତ୍ର ନାଭିବ୍ରହ୍ମ
୭୫. ଶାନ୍ତାଭୁମା ନାଭିବ୍ରହ୍ମ
୭୬. ଶ୍ରାବଃନୃକ୍ଷୀ ନାଭିବ୍ରହ୍ମ
୭୭. ସିରୋତ୍ରୀ ନାଭିବ୍ରହ୍ମ
୭୮. ସାରାନିୟା ନାଭିବ୍ରହ୍ମ
୭୯. ଅୟିକା ନାଭିବ୍ରହ୍ମ
୮୦. ରୟିକା ନାଭିବ୍ରହ୍ମ
୮୧. ମୟିକା ନାଭିବ୍ରହ୍ମ
୮୨. ବୃଧୁକା ନାଭିବ୍ରହ୍ମ
୮୩. ଭାମ୍ରାରି ନାଭିବ୍ରହ୍ମ
୮୪. ଭୌରୀକଃ ନାଭିବ୍ରହ୍ମ
୮୫. ଭୁଣାସ୍ଵୀ ନାଭିବ୍ରହ୍ମ
୮୬. ଉମାଁ ବ୍ରହ୍ମନାଭି
୮୭. ପୃଶାର୍ଣ୍ଣି ବ୍ରହ୍ମନାଭି
୮୮. ଭାସ୍ୱତୀ ବ୍ରହ୍ମନାଭି
୮୯. ଭୃଙ୍ଗୀରା ବ୍ରହ୍ମନାଭି
୯୦. ଗୌରାକ୍ଷିନା ନାଭିବ୍ରହ୍ମ
୯୧. ଉତମା ନାଭିବ୍ରହ୍ମ
୯୨. ଅମରାକ୍ଷୀ ନାଭିବ୍ରହ୍ମ
୯୩. ପ୍ରତିରାର୍ଣ୍ଣି ନାଭିବ୍ରହ୍ମ
୯୪. କୃଶ୍ରାବଣୀ ନାଭିବ୍ରହ୍ମ
୯୫. ତୀର୍ଥାବସ୍ୱୀ ନାଭିବ୍ରହ୍ମ
୯୬. ବହ୍ନିବ୍ରହ୍ମା ନାଭିପଦ୍ମ
୯୭. ବୌତରୀ ନାଭିବ୍ରହ୍ମ
୯୮. ଦଧିନୃପା ନାଭିବ୍ରହ୍ମ
୯୯. ପିତାଶୁଣୀ ନାଭିବ୍ରହ୍ମ
୧୦୦. ପ୍ରାଚିନିୟା ନାଭିବ୍ରହ୍ମ
୧୦୧. ଭେମାରୀ ନାଭିବ୍ରହ୍ମ
୧୦୨. ମାତଙ୍ଗୀ ବ୍ରହ୍ମନାଭି
୧୦୩. ଯାମ୍ନି ଧୌତ୍ରୀ ନାଭିପଦ୍ମ
୧୦୪. ରାଜସ୍ୱିନୀ ନାଭିପଦ୍ମ
୧୦୫. କୁମ୍ଭିନୀ ମୁଦ୍ରା ନାଭିପଦ୍ମ
୧୦୬. ଜାମ୍ବେଜୀନା ନାଭିବ୍ରହ୍ମ
୧୦୭. ଝାଙ୍କର୍ଣ୍ଣିକା ନାଭିବ୍ରହ୍ମ
୧୦୮. ନାରଙ୍ଗିଣୀ ନାଭିବ୍ରହ୍ମ

ଉପର ବର୍ଣ୍ଣିତ ସମସ୍ତ ନାଭିପଦ୍ମର ବିଶଦ ବିବରଣୀ ଏହି ସୀମିତ ପତ୍ରିକାରେ ଉପସ୍ଥାପନ କରିବା ସମ୍ଭବ ନୁହେଁ । ପର୍ଯ୍ୟାୟ କ୍ରମେ ତାହାର ରହସ୍ୟ ପ୍ରକାଶିତ ହେବ । ତେଣୁ ଆଜିର ମହୋତ୍ସବ **"କ୍ଷୀରସ୍ନାନ"** ସମ୍ପର୍କିତ ନାଭିପଦ୍ମଗୁଡିକ ସମ୍ବନ୍ଧରେ ସଂକ୍ଷେପ ଆଲୋକପାତ କରୁଅଛୁଁ ।

ସ୍ରଷ୍ଟା ଶଙ୍ଖନାଭିପଦ୍ମ ଓ ପଦ୍ମନାଭି ବ୍ରହ୍ମ ମଣ୍ଡଳ ସୃଷ୍ଟି କରିବା ପରେ ତାହାକୁ ନିଜର ଆଜ୍ଞା, ଆଶୀର୍ବାଦ ଏବଂ ଶକ୍ତି ପ୍ରଦାନ କରି ଜୀବ କଲ୍ୟାଣ ପାଇଁ ଉତ୍ସର୍ଗ କଲେ । ଉପରୋକ୍ତ ୧୦୮ (ଏକଶତଆଠ) ସୃଜୟ ଶଙ୍ଖ ନାଭି ମଧ୍ୟରୁ ପ୍ରଥମ କୋଡିଏଟି ନାଭି ସାହାଯ୍ୟରେ କ୍ଷୀର ସୃଷ୍ଟି କରାଇଲେ । ଏହି ସୃଷ୍ଟି ଆଲୋକ/ଜ୍ୟୋତିର ତରଙ୍ଗ ଭାବରେ ଶୂନ୍ୟରେ ଦୋଳାୟିତ ହେବାକୁ ଲାଗିଲା । ଭୃଜୟ ବକ୍ଷରେ 'ପ୍ରକୃତି,ମାୟା ଓ ମହାମାୟା ଅବସ୍ଥାନ କରୁଥିବାରୁ ବ୍ରହ୍ମଙ୍କ ଆଜ୍ଞାରେ ସେ ଉକ୍ତ ଆଲୋକମାଳାକୁ ସ୍ଥୂଳରୂପ ଓ ~~ତଦନୁସା~~ରେ ଜ୍ୟୋତି ବର୍ଣ୍ଣ ଅନୁଯାୟୀ ମାୟା ଦ୍ୱାରା ବସ୍ତୁରେ ରୂପାନ୍ତରିତ କରି ମର୍ତ୍ତ୍ୟଭୂମିକୁ ବିସ୍ତାରିତ କରିଦେଲେ । ପରିଣାମରେ ବ୍ରହ୍ମଙ୍କ ଇଚ୍ଛା ପୂର୍ଣ୍ଣ ହୋଇ ମାୟାରେ ସ୍ଥୂଳ ଆକାର ଧାରଣ କରି ଅହରହ କ୍ଷୀର ସ୍ରବିବାକୁ ଲାଗିଲା । ଏହି କ୍ରିୟା କେଉଁ ଶଙ୍ଖ ନାଭିପଦ୍ମ ଦ୍ୱାରା କିପରି ସଂଗଠିତ ହେଲା ତାହା କ୍ରମଅନୁସାରେ ନିମ୍ନରେ ଉପସ୍ଥାପନ କରୁଅଛି ।

୧. ବିନ୍ଦୁୟ ପଦ୍ମନାଭି : ଏହି ପଦ୍ମ ନାଭିର ମୂଳ ସୂତ୍ର । ଉକ୍ତ ନାଭିରୁ ବ୍ରହ୍ମାଙ୍କ ଉତ୍ପତ୍ତି ହେଲା ଓ ଆଜ୍ଞା ପ୍ରାପ୍ତ ହେଲା । ବ୍ରହ୍ମା ଏହି ନାଭିପଦ୍ମରେ ଅବସ୍ଥାନ କରି ବ୍ରହ୍ମଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ଅପେକ୍ଷା କଲେ ।

୨. ଗୁଣ୍ଡଲ୍ୟ ନାଭିପଦ୍ମ : ଏହି ପଦ୍ମ ହରିଦ୍ରାବର୍ଣ୍ଣ ଧାରଣ କରି ବ୍ରହ୍ମାଙ୍କୁ ବିସ୍ତାରିତ ହେବାର ଶକ୍ତି ପ୍ରଦାନ କରି ତାଙ୍କୁ ପ୍ରତିଷ୍ଠା କରିଦେଲା ।

୩. କୌଟିୟ ନାଭିପଦ୍ମ : ବ୍ରହ୍ମଙ୍କ ଇଚ୍ଛାମତେ ସୃଷ୍ଟିର ପାଳନ ସୂତ୍ର ''ସ୍ତନାଭିୟ ସୂକ୍ଷ୍ମରେଣୁ'' ଦ୍ୱାରା ସ୍ତନର ଆକୃତି ନିର୍ମାଣ କରିବାର ଶକ୍ତି ପ୍ରାପ୍ତ ହୋଇ ଏହି ନାଭିପଦ୍ମ ସ୍ତନର ସୂକ୍ଷ୍ମ ଆକୃତି ନିର୍ମାଣ କରିଦେଲା ।

୪. ଭୃଜୟ ଶଙ୍ଖନାଭି : ବ୍ରହ୍ମଙ୍କ ଇଚ୍ଛା ଓ ଆଦେଶରେ ସ୍ତନ ଆକୃତିର ଛାୟାଚିତ୍ର ନିର୍ମିତ ହେବାପରେ ଉକ୍ତ ନାଭିରେ ସୂକ୍ଷ୍ମରେ ମାୟାର ସ୍ତନ ନିର୍ମାଣ କରାଗଲା ।

୫. ଗଣୈତ୍ରୀ ନାଭିପଦ୍ମ : ଭୃଜୟ ନାଭିପଦ୍ମରେ ମାୟାର ସୂକ୍ଷ୍ମ ସ୍ତନ ପ୍ରସ୍ତୁତି ପରେ ଏହି ଗଣୈତ୍ରୀ ନାଭିପଦ୍ମ ସୂକ୍ଷ୍ମରେ ସେହି ସ୍ତନରେ କୋଷ ଧାରଣ କରାଇ ତାକୁ କ୍ରିୟାଶୀଳ କରାଗଲା ।

୬. ବଳିତ୍ରୀ ଶଙ୍ଖନାଭି : ଏହି ନାଭିରୁ ସୂକ୍ଷ୍ମ ସ୍ତନ ଦ୍ୱୟର ପୂର୍ଣ୍ଣାଙ୍ଗ ଅବସ୍ଥା ପ୍ରସ୍ତୁତ କରାଗଲା । ସୂକ୍ଷ୍ମରେ ସ୍ତନ ଦ୍ୱୟର ନିର୍ମାଣ ଉକ୍ତ ନାଭି ସଂପୂର୍ଣ୍ଣ କରିଦେଲା ।

୭. ଗଣ୍ଡିସ୍ରାବ ନାଭିପଦ୍ମ : ଉକ୍ତ ପଦ୍ମ ସୂକ୍ଷ୍ମରେ ସ୍ତନ ଦ୍ୱୟକୁ ବର୍ଣ୍ଣ ପ୍ରଦାନ କରି ଗୈରିକ ରୂପ ଧାରଣ କରାଇ ମହାଶୂନ୍ୟର ନିରଞ୍ଜନ ମଣ୍ଡଳରେ ୩୨ (ବତ୍ରିଶ) କଳ୍ପ ପର୍ଯ୍ୟନ୍ତ ବିଶ୍ରାମ କରାଇ ଦେଲା ।

୮. ମତାଙ୍ଗ ଶଙ୍ଖନାଭି : ଉକ୍ତ ନାଭି ଦ୍ୱାରା ବ୍ରହ୍ମାଙ୍କ କ୍ଷୀର ଧବଳ ବର୍ଣ୍ଣ ଧାରଣ କରି ମର୍ତ୍ତ୍ୟଭୂମିକୁ ବିସ୍ତାରିତ ହେବାର ଆଦେଶ, ଆଜ୍ଞାକୁ ଅପେକ୍ଷା କରି ରହିଲା ।

୯. ରଧୟ ନାଭି ପଦ୍ମ ଶଙ୍ଖ : ଏହି ନାଭିପଦ୍ମରେ ବ୍ରହ୍ମ ସହ 'କ୍ଷୀର' ର ସଂଯୋଗ ହେଲା । ତେଣୁ ଉକ୍ତନାଭିପଦ୍ମ କ୍ଷୀର ଓ ବ୍ରହ୍ମଙ୍କ ସଂଯୋଗ ସ୍ଥଳ ହୋଇ ରହିଗଲା ।

୧୦. ରୌଧିକକ୍ଷ ନାଭିପଦ୍ମ : ଉକ୍ତ ନାଭି ଦ୍ୱାରା ଆବଶ୍ୟକ ସମୟରେ ବ୍ରହ୍ମ ଓ କ୍ଷୀରର ବିଯୋଗ କ୍ରିୟା ସଂଘଟିତ ହେଲା । ଏଣୁ ନାଭିଟି ବ୍ରହ୍ମ ଓ କ୍ଷୀରର ବିଯୋଗ ସ୍ଥଳର ମର୍ଯ୍ୟାଦା ପ୍ରାପ୍ତ ହେଲା ।

୧୧. ଧୃତକଃ ନାଭିପଦ୍ମ : ଏହି ନାଭି ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରାପ୍ତ ହେଲା । ଏଠାରେ ବ୍ରହ୍ମ ତୃତୀୟ, କାରଣ-ଜଗତର ସ୍ରାବ ସ୍ତର ଉତ୍ପନ୍ନ ହେଲା । ସୂକ୍ଷ୍ମରେ କାରଣ-ଜଗତରେ ସ୍ରାବର ବର୍ଣ୍ଣ ହରିଦ୍ରା ହୋଇ ରହିଲା । ଯେତେବେଳେ ଏହି ସ୍ରାବ ସ୍ଥୂଳରେ ପ୍ରବାହିତ ହେଲା ସେତେବେଳେ ହରିଦ୍ରା ବର୍ଣ୍ଣ ପରିହାର କରି ଧବଳ ବର୍ଣ୍ଣ ଧାରଣ କଲା । ତେଣୁ କ୍ଷୀରର ସ୍ଥୂଳ ବର୍ଣ୍ଣ ଧବଳ ହୋଇଗଲା ।

୧୨. କଣ୍ଠୀପ୍ସା ନାଭିପଦ୍ମ : ସ୍ଥୂଳରେ ପ୍ରାଣୀ ଜଗତର ମାତୃ ସ୍ତନରେ ଧବଳବର୍ଣ୍ଣ ଧାରଣ କରି କ୍ଷୀର ସ୍ରାବ ପ୍ରତିଷ୍ଠା ହେବା ପରେ ''ବାଲ୍ୟଶିଶୁ'' ଯେତେବେଳେ କ୍ଷୀରପାନ କଲା, ସେତେବେଳେ ଏହି ନାଭିପଦ୍ମରୁ ଅମୃତ ଝରି କ୍ଷୀରରେ ମିଶ୍ରିତ ହୋଇଗଲା । ଫଳରେ ଶିଶୁଟି କ୍ଷୀର ପାନ କରିବା ସମୟରେ ବ୍ରହ୍ମ ଆସ୍ୱାଦନ ଅମୃତ ପାନ କରିବାକୁ ଲାଗିଲା ।

| | |
|---|---|
| **୧୩. ଆର୍ଣ୍ଣବ ନାଭି ପଦ୍ମ** | : ଉକ୍ତ ନାଭିବ୍ରହ୍ମ, କାରଣ-ଜଗତରେ ଅବସ୍ଥାନ କରିଥାଏ । ବ୍ରହ୍ମଙ୍କ ଆଦେଶମତେ ସ୍ଥୂଳ ଜଗତରେ ମର୍ତ୍ତ୍ୟମଣ୍ଡଳରେ ଥିବା ସ୍ତନଯୁକ୍ତ ପିଣ୍ଡକୁ ଆଚ୍ଛାଦନ କରି ଓ ଧାରଣ କରି ବ୍ରହ୍ମ-କାରଣ ଜଗତ ସହ ଯୋଗ ସୂତ୍ର ସ୍ଥାପନ କରିଥାଏ । |
| **୧୪. ଧୋରତ୍ରି ନାଭିପଦ୍ମ** | : ଏହି ନାଭିରୁ ସୂକ୍ଷ୍ମ ଶକ୍ତି ପ୍ରବାହିତ ହୋଇ ମର୍ତ୍ତ୍ୟଧାମର ସ୍ଥୂଳ ମାତୃଗର୍ଭର ସ୍ଥୂଳ, ସୂକ୍ଷ୍ମ ଓ କାରଣ ଅବସ୍ଥାକୁ ଆଜ୍ଞାଅନୁସାରେ ନିୟନ୍ତ୍ରଣ କରିବା ପାଇଁ ଗର୍ଭରେ ମା' ରୂପ ଧାରଣ କରି ଅବସ୍ଥାନ କରେ । ଏହାରି ପ୍ରଭାବରୁ ସ୍ତନ ଦ୍ୱୟରୁ ମାୟାରେଣୁ ପ୍ରବାହିତ ହୋଇ ଜୀବର ମନକୁ ଆକର୍ଷିତ ଆଚ୍ଛାଦିତ କରେ ଏବଂ ଶିଶୁର ମନରେ ସ୍ତନ୍ୟପାନ କରିବାର ଇଚ୍ଛା ଜାଗ୍ରତ କରାଏ । |
| **୧୫. ବର୍ଣ୍ଣାଙ୍ଗ ନାଭିପଦ୍ମ** | : ନାଭି ଓ ପଦ୍ମର ବ୍ରହ୍ମଙ୍କ ସହ ସଂଯୋଗ ହେବା ସମୟରେ ଏହି ନାଭିରୁ ନିର୍ଗତ ଶକ୍ତିପୁଞ୍ଜ ବ୍ରହ୍ମାଣ୍ଡକୁ ଶୂନ୍ୟରେ ଧାରଣ କରି ସ୍ଥୂଳ ଜନନୀର ଜଠରକୁ ସୂକ୍ଷ୍ମରେ ଶକ୍ତ କରି ରଖିଥାଏ । |
| **୧୬. ଗୁଞ୍ଜୁରା ନାଭି କ୍ଷୀର ପଦ୍ମ** | : ଏହି ନାଭିରୁ ମର୍ତ୍ତ୍ୟଭୂମିରେ ସାଗର ନିର୍ମାଣ ହୁଏ । ପ୍ରଥମେ ସାଗରର ଆକୃତିର ସୂକ୍ଷ୍ମ ଚିତ୍ର ନିର୍ମାଣ ପରେ ଏହି ସ୍ଥାନରୁ ସ୍ଥୂଳ ଭାବରେ ମର୍ତ୍ତ୍ୟରେ ମାୟା ଶକ୍ତିଦ୍ୱାରା ସାଗର ସୃଷ୍ଟି ହୁଏ ଏବଂ ବହିବା, ବହନ ଶକ୍ତି ପ୍ରାପ୍ତ ହୁଏ । ଏହି ଶକ୍ତି ଅହରହ ଉକ୍ତ ପଦ୍ମରୁ ସାଗରକୁ ବିଚ୍ଛୁରିତ ହେଉଥାଏ । |
| **୧୭. କ୍ଷୀରାବ୍ଧୀ ବର୍ଣ୍ଣ ନାଭିପଦ୍ମ** | : ଏହି ପଦ୍ମରେ ଗୋଲୋକ ବିହାରୀ ବିଷ୍ଣୁ ସୂକ୍ଷ୍ମ ଭାବରେ ଅବସ୍ଥାନ କରି ଭକ୍ତ ଭାବର ମନବାଞ୍ଛା ପୂର୍ଣ୍ଣ କରନ୍ତି । ଏହି ପଦ୍ମ ସର୍ବଦା ଧବଳ ବର୍ଣ୍ଣର ଜ୍ୟୋତିରେ ପୂର୍ଣ୍ଣ ହୋଇଥାଏ । ତେଣୁ କ୍ଷୀର ସାଗରର ଆକୃତି ନେଇଥିବାରୁ ବିଷ୍ଣୁଙ୍କୁ ଏଠାରେ କ୍ଷୀରାବ୍ଧୀ ଗୋସାଇଁ ବୋଲି କହନ୍ତି । |
| **୧୮. କ୍ଷୀରାବ୍ଧୀ ଶବ୍ଦ ନାଭିପଦ୍ମ** | : ''ବ୍ରହ୍ମ ବୃଳକ'' ଏହି ନାଭି ଉତ୍ପନ୍ନ ହୋଇ କ୍ଷୀରରେ ପରିଣତ ହୋଇଯାଏ ଓ ବ୍ରହ୍ମଙ୍କ ଆଦେଶରେ ଧୃତକଃ ନାଭି ସହ ଯୁକ୍ତ ହୋଇ ସ୍ରାବ ସ୍ତରରେ ମିଶିଯାଏ । |
| **୧୯. ପଦ୍ମାଭି କ୍ଷୀର ନାଭି ପଦ୍ମ** | : କ୍ଷୀରାବ୍ଧୀ ଶବ୍ଦ ନାଭିରୁ କ୍ଷୀର ସୃଷ୍ଟି ହୋଇ ଧୃତକଃ ନାଭି ସହ ଯୁକ୍ତ ହୋଇ ସ୍ରାବ ସ୍ତରରେ ମିଶିବା ପରେ ଆଜ୍ଞାବହ ହୋଇ ଆବଶ୍ୟକ ସମୟରେ ନିର୍ଦ୍ଧାରିତ ସ୍ଥାନକୁ ପ୍ରବାହିତ ହେବା ପାଇଁ ସପ୍ତସାଗରର ସଙ୍ଗମ ସ୍ଥଳ ଜଗି ରହିଥାଏ । |
| **୨୦. ଧୃତଙ୍ଗୀ କ୍ଷୀର ନାଭି ପଦ୍ମ** | : ଏହି ପଦ୍ମରେ ଅହରହ ଅମୃତ ଝରଣ ଚାଲିଥାଏ । କ୍ଷୀରର ବର୍ଣ୍ଣ ଓ ଆକୃତି ନେଇ ଅମୃତ ଏଠାରେ ସର୍ବଦା ଅବସ୍ଥାନ କରିଥାଏ । କେବଳ ଭକ୍ତମାନେ ଏହାର ସ୍ୱାଦ ଆସ୍ୱାଦନ କରି ଆନନ୍ଦରେ ପୁଲକିତ ହେଉଥାଆନ୍ତି । |

ଜଗଦ୍‌ପତିଙ୍କ କଲ୍ୟାଣକାରୀ ଇଚ୍ଛାରେ ନାଭିପଦ୍ମ, କ୍ଷୀର ଓ ତାହାର କାର୍ଯ୍ୟକାରିଣୀ ଶକ୍ତି ଉତ୍ପନ୍ନ ହୋଇଯିବା ପରେ ଦେବଗଣ ଓ ଋଷି, ମୁନିଗଣ ତାହାକୁ କିପରି ମର୍ତ୍ତ୍ୟଧାମକୁ ବିସ୍ତାରିତ କରିବେ ସେଥିପାଇଁ ଚିନ୍ତା କରିବାକୁ ଲାଗିଲେ । ସେ ସମ୍ପର୍କରେ ଜିଜ୍ଞାସା ମୋଚନ କରିବାକୁ ଯାଇ ପରମକାରୁଣିକ ଠାକୁରେ କହନ୍ତି :

ସମୁଦ୍ର ମନ୍ଥନର କାଳେ । ଦେବତା ଅମୃତ ଲଭିଲେ ॥
ଅମୃତ ସ୍ୱାଦୁ ପାନ କରି । କ୍ଷୀର ସାଗର ମନେ ଭରି ॥
ବନ୍ଦିଲେ ଶ୍ରୀହରି ପୟର । ସପ୍ତସାଗର ବ୍ୟାପ୍ତ କର ॥

ସମୁଦ୍ର ମନ୍ଥନ ପରେ କ୍ଷୀରାବ୍ଧି ସାଗରରୁ ଅମୃତର ସ୍ୱାଦୁ ଉପଭୋଗ କରିବା ପରେ ଦେବତାମାନେ ପ୍ରଭୁ ପରମେଶଙ୍କ ନିକଟରେ ସ୍ତୁତି, ପ୍ରାର୍ଥନା କରି କହିଲେ, ''ଭୋ ଦେବ ମଣିମା ! ଜଗତକଲ୍ୟାଣ ପାଇଁ କାରଣ ସୂକ୍ଷ୍ମ ଜଗତରୁ ସପ୍ତସାଗରକୁ ବ୍ୟାପ୍ତ କରନ୍ତୁ ।

ଦେବଙ୍କ ଗୁହାରି ଶୁଣିଲେ । କାରଣୁ ବିନ୍ଦୁ ସୃଷ୍ଟି କଲେ ॥
ହରିଦ୍ରା ବର୍ଣ୍ଣର ସେ ବିନ୍ଦୁ । କହିଲା ପ୍ରେମେ ହୋଇ ସିନ୍ଧୁ ॥

ଶ୍ରୀହରି ଦେବତାମାନଙ୍କ ସ୍ତୁତିରେ ପ୍ରସନ୍ନ ହୋଇ କାରଣ-ଜଗତରେ ହରିଦ୍ରା ବର୍ଣ୍ଣର ରୂପଧାରଣ କରିଥିବା ସାଗର ବିନ୍ଦୁରୂପରେ ସୃଷ୍ଟି ହୋଇ ସିନ୍ଧୁରେ ପରିଣତ ହୋଇଗଲା । ଏହାପରେ ଶ୍ରୀ ବିଷ୍ଣୁଙ୍କ ନିର୍ଦ୍ଦେଶରେ ମୁନି, ଋଷିମାନେ ଏହି ବର୍ଣ୍ଣାଢ଼୍ୟ ସିନ୍ଧୁକୁ ମାନସରେ ରଖି ତପସିଦ୍ଧ ଗାୟତ୍ରୀ ମନ୍ତ୍ର ଦ୍ୱାରା ଏହି ସିନ୍ଧୁକୁ ସପ୍ତସାଗର କରି ଧରାପୃଷ୍ଠକୁ ଅବତରଣ କରାଇ ପ୍ରବାହିତ କରାଇଦେଲେ । ଏହି କ୍ରିୟା ସତ୍ୟଯୁଗରେ ସଂଘଟିତ ହୋଇଥିଲା ।

ଜିଜ୍ଞାସୁ ପୁନଶ୍ଚ ପ୍ରଭୁଙ୍କ ଚରଣାରବିନ୍ଦରେ ଶରଣ ଭିକ୍ଷା କରି ଜାଣିବାକୁ ଚାହିଁଲା, ''ପ୍ରଭୋ ! ବର୍ତ୍ତମାନ ଧରାପୃଷ୍ଠରେ ବହିଯାଉଥିବା ସପ୍ତସାଗର କ'ଣ ସତ୍ୟଯୁଗରୁ ପ୍ରବାହିତ ହେଉଛି ? ଯୁଗପ୍ରଳୟରେ ତାହାର ସ୍ରାବ, ସ୍ଥିତି ପ୍ରଭାବିତ ହୋଇନାହିଁ ?''

ଉତ୍ତରରେ ଠାକୁର କହିଲେ !

ତ୍ରେତୟା ଯୁଗର କାହାଣୀ । ବଶିଷ୍ଠ ଶିଷ୍ୟ ମହାଗୁଣୀ ॥
ଅର୍କ୍କ ସେ ଋଷି ବତୃଜ୍ଞାତ । ଶୃତିକାରା ଯେ ନିରୁଦ୍ଧାନ୍ତ ॥
ସିଦ୍ଧାନ୍ତକାଦି ପଞ୍ଚ ଋଷି । କଠୋର ତପ କଲେ ବସି ॥
ମାଗିଲେ ବର ଶ୍ରୀପୟରେ । ସାଗର ବହୁଛି ଧରାରେ ॥
ସେ ରାଶି ଚିରଞ୍ଜୀବୀ ହେଉ । ଯୁଗ ଯୁଗକୁ ରହିଥାଉ ॥

ଠାକୁର ସହାସ୍ୟ ବଦନରେ କହିଲେ । ସାଗର ପ୍ରଳୟରେ ଆକ୍ରାନ୍ତ ହୋଇ ଯାଇଥାଆନ୍ତା । କିନ୍ତୁ ତ୍ରେତୟା ଯୁଗରେ ବ୍ରହ୍ମର୍ଷି ବଶିଷ୍ଠଙ୍କ ପଞ୍ଚଶିଷ୍ୟ ଯଥା ଅର୍କ୍କ, ବତୃଜ୍ଞାତ, ଶୃତିକାରା ଓ ନିରୁଦ୍ଧାନ୍ତ କଠୋର ତପ ଆଚରଣ କରି ବ୍ରହ୍ମଙ୍କୁ ବର ମାଗିଦେଲେ ଧରାପୃଷ୍ଠରେ ଜଗତକଲ୍ୟାଣ ପାଇଁ ସାଗର ସବୁଦିନ ପାଇଁ ଅମ୍ଳାନ ହୋଇ ବହୁଥାଉ । ତଦନୁସାରେ ବ୍ରହ୍ମ ''ନିର୍ବାବିଜ୍ଞ କାଳସୂତ୍ରରେ **''କ୍ଷୀରାବ୍ଧ ବର୍ଣ୍ଣ ନାଭି ପଦ୍ମ''**ରୁ ସାଗରକୁ ଆଶୀର୍ବାଦ ପ୍ରଦାନ କରି ଆଦେଶ ଦେଲେ ''ଧରାପୃଷ୍ଠରେ ଚିରଞ୍ଜୀବୀ ହୋଇ କାଳାତିପାତ କର । ତେଣୁ ସାଗର ଯୁଗ ପ୍ରଳୟରେ ପରିବର୍ତ୍ତନ ହୁଏ ନାହିଁ ।

ଶଙ୍ଖନାଭି ପଦ୍ମ ଓ ସାଗରର ଅମରତ୍ୱ ପ୍ରାପ୍ତି ବିଷୟକ ଅମୃତଗାଥା ଶ୍ରବଣ ପରେ ଜିଜ୍ଞାସୁ ପୁନର୍ବାର ଯୋଡ଼ହସ୍ତରେ ବନ୍ଦନା କରି ପଚାରିଲା, ''ପ୍ରଭୋ ! ଏହି ସାଗର ଜଳରେ ବ୍ରହ୍ମଙ୍କର ଉପଚାର ପୂଜା ଅନ୍ତର୍ଗତ ମହାସ୍ନାନ କାହିଁକି କରାଯାଏ ? କେଉଁ ପତିବ୍ରତା ବଳରେ ସପ୍ତସାଗର ଏହି ସୌଭାଗ୍ୟ ପ୍ରାପ୍ତ ହୋଇଅଛି ? କରୁଣାକରି ସନ୍ଦେହ ମୋଚନ କରନ୍ତୁ । ଜ୍ଞାନ-ସାଗର ଭକ୍ତବତ୍ସଳ ପ୍ରଭୁ ଉତ୍ତରରେ କହିଲେ :

ଦ୍ୱାପରେ ଚାରି ଋଷିବର । କରିଲେ ତପ ଉପଚାର ।।
ଦୁର୍ବିଧ୍ୱଜ ସେ କଳ୍ପଦ୍ରୁମ । ବୋଧୀସତ୍ତ୍ୱ ରୁଦ୍ଧି କୁଶ୍ୟମ ।।
ମାଗିଲେ ବର ତପ କରି । ବ୍ରହ୍ମଗାୟତ୍ରୀ ମନେ ସ୍ମରି ।।
ଉପଚାରର ପୂଜା କାଳେ । ଶଙ୍ଖ ନାଭିର ଜ୍ୟୋତି ବଳେ ।।
ଆସନ୍ତୁ ସାଗର ଧରାକୁ । ଧାରଣ କରନ୍ତୁ ରଶ୍ମୀକୁ ।।
ଯୋଗ ସାଧନ ନିଷ୍ଠା ବଳେ । ଦର୍ଶନ କରନ୍ତୁ ସକଳେ ।।
ଅମୃତପାନେ ଯୋଗୀ ପିଣ୍ଡ । ପବିତ୍ର କରନ୍ତୁ ବ୍ରହ୍ମାଣ୍ଡ ।।

ପରମକାରୁଣିକ ଠାକୁରେ କହିଲେ, ସାଗର ସୃଷ୍ଟି ରହସ୍ୟ ସମାଧି ସ୍ତରରେ ଅବଗତ ହେବାପରେ ଦ୍ୱାପର ଯୁଗର ଚାରିଜଣ ଋଷି ଯଥା : ଦୁର୍ବିଧ୍ୱଜ, କଳ୍ପଦ୍ରୁମ, ବୋଧୀସତ୍ତ୍ୱ ଓ ରୁଦ୍ଧିକୁଶ ସେମାନଙ୍କ ତପସ୍ୟା ଦ୍ୱାରା ବ୍ରହ୍ମଙ୍କୁ ସନ୍ତୁଷ୍ଟ କରାଇ ବର ମାଗିଥିଲେ, ''ସାଗରସମୂହ ବ୍ରହ୍ମଗାୟତ୍ରୀ ମନ୍ତ୍ରଦ୍ୱାରା ସୂକ୍ଷ୍ମ ସିକ୍ତ ହୋଇ ଷୋଡ଼ଶ ଉପଚାର ବିଧିରେ ସର୍ବଦା ପବିତ୍ର ହୋଇ ରହୁ । ବ୍ରହ୍ମଙ୍କୁ ଉପଚାର ପୂଜା ଦେବା ସମୟରେ ଏହି ସାଗରକୁ ଅର୍ପଣ କରିବା କାଳରେ ଶଙ୍ଖ ନାଭି ଜ୍ୟୋତି ପିଣ୍ଡରୁ ସୂକ୍ଷ୍ମଶକ୍ତି ଧରାପୃଷ୍ଠକୁ ଆସି ସାଗରରେ ରଶ୍ମୀ ଧାରଣ କରୁ । ଯୋଗ ସାଧକ ଓ ତପନିଷ୍ଠା ଦ୍ୱାରା ଶଙ୍ଖନାଭି ମଣ୍ଡଳର ଜ୍ୟୋତି ରଶ୍ମୀ ଦର୍ଶନ ହେଉ । ଯୋଗୀମାନେ ଉପଚାର ପୂଜା ଅନ୍ତର୍ଗତ ଏହି ସାଗର ସ୍ନାନୋଦକ ଅମୃତ ପାନ କରି ପିଣ୍ଡକୁ ପବିତ୍ର କରି ସେହି ପବିତ୍ରତାକୁ ବ୍ରହ୍ମାଣ୍ଡକୁ ବିସ୍ତାରିତ କରନ୍ତୁ । ଗୋଲୋକାଧିପତି ଏହି ସମସ୍ତ ପ୍ରାର୍ଥନା ଗ୍ରହଣ କରି ତଥାସ୍ତୁ କହିଥିଲେ । ସେହି ଦିନରୁ ବ୍ରହ୍ମ ଉପଚାର ପୂଜାରେ ସପ୍ତସାଗରର ଆବଶ୍ୟକତା ଅପିରହାର୍ଯ୍ୟ ହୋଇପଡ଼ିଛି ।

ପ୍ରଭୁଙ୍କ ଶ୍ରୀମୁଖପଦ୍ମରୁ ଏହି ସମସ୍ତ ଭକ୍ତିରସାମୃତ ଜ୍ଞାନଗଙ୍ଗା ଆସ୍ୱାଦନ କରି ଜିଜ୍ଞାସୁ ପ୍ରାର୍ଥନା କଲା, ''ଭୋ ଦେବ ! ପଦ୍ମପାଦ ଓ ଶ୍ରୀପାଦୁକା ଜନ୍ମ ବୃତ୍ତାନ୍ତ ଶୁଣାଇ ଧନ୍ୟ କରିଦେଲେ । ତାହା ପରେ ଶଙ୍ଖନାଭି ପଦ୍ମ ଓ କ୍ଷୀରର ସୃଷ୍ଟି ବିଷୟରେ ସୂଚନା ଦେଇ କୃତାର୍ଥ କଲେ । ଆପଣଙ୍କ ସୂକ୍ଷ୍ମ ପଦ୍ମପାଦର ସ୍ଥୂଳ ରୂପାନ୍ତରିତ ଅବସ୍ଥା ଶ୍ରୀପାଦୁକା ସାକ୍ଷାତ୍ ଆପଣଙ୍କ ସୂକ୍ଷ୍ମସତ୍ତାର ସର୍ବ ଶକ୍ତି, ବିଭୂତିରେ ପୂର୍ଣ୍ଣ ହୋଇ ରହିଛି । ଦ୍ୱାପର ଯୁଗର ଋଷିଗଣଙ୍କ ପ୍ରାପ୍ତ ବର ପ୍ରଭାବରୁ ବ୍ରହ୍ମ ବିରାଟ ଶ୍ରୀ ପାଦୁକା ସପ୍ତସାଗର ଦ୍ୱାରା ଉପଚାର ପୂଜା ଗ୍ରହଣ କରି କଲ୍ୟାଣରାଶି ଧରାପୃଷ୍ଠକୁ ବିତରଣ କରିଚାଲିଛନ୍ତି । ସପ୍ତସାଗରର ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ଜିଲ୍ଲାର ମଇଦାନକେଲ୍‌ରେ ଦଧିସାଗରର ସୂକ୍ଷ୍ମରଶ୍ମୀ ଦ୍ୱାରା ଶ୍ରୀପାଦୁକାଙ୍କର ଉପଚାର ଅନ୍ତର୍ଗତ ମହାସ୍ନାନର କାରଣ ଋଷିବର ମୈତ୍ରୀ କୋକିଳଙ୍କ ସମ୍ପର୍କରେ କହି ଆମ୍ଭମାନଙ୍କୁ ଧନ୍ୟ କରି ସାରିଛନ୍ତି । ସେହି ସାଗର ମହାସ୍ନାନର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ସେହି କେନ୍ଦୁଝର ଜିଲ୍ଲାର ଶଙ୍ଖୁଆଠାରେ କ୍ଷୀରସାଗର ସ୍ନାନ କାହିଁକି ହେଉଛି ? ଏହାର ପଛରେ କେଉଁ ଲୁକ୍କାୟିତ ରହସ୍ୟ ଅଛି ଜାଣିବାକୁ ଆଗ୍ରହ ହେଉଛି । ହେ ଦୟାସାଗର ! ହେ କୃପାପତି ! ସାମାନ୍ୟ କରୁଣା ପ୍ରଦାନ କରି ଏହାର ରହସ୍ୟ ଉନ୍ମୋଚନ କରିଦେଇ ଆମ୍ଭମାନଙ୍କର ଜନ୍ମ ଜୀବନ ସାର୍ଥକ କରିଦିଅନ୍ତୁ । ମନ୍ଦ ମନ୍ଦ ହସି କଲ୍ୟାଣମୟ କହିଲେ :

ଘୋର କଳିର ଅନ୍ତକାଳେ । ତପସ୍ୱୀ ଦୁଇ ତପବଳେ ।।
ନାଭିବ୍ରତ ଯେ ଧୃତିକାନ୍ତ । ଚିନ୍ତିଲେ ରହି ଲକ୍ଷ୍ମୀକାନ୍ତ ।।
ଇଚ୍ଛିଲେ ବ୍ରହ୍ମଙ୍କ ଦର୍ଶନ । ଶଙ୍ଖ ନାଭି ମଣ୍ଡଳେ ଧ୍ୟାନ ।।
ଫାଲଗୁନ ପୂର୍ଣ୍ଣିମା ରାତ୍ରିରେ । ବିସ୍ମୃତ ହେଲେ ସମାଧିରେ ।।
କ୍ଷୀରାବ୍ଧୀ ବର୍ଣ୍ଣ ନାଭି ପଦ୍ମେ । ଦର୍ଶନ କରିଲେ ସେ ସୂକ୍ଷ୍ମେ ।।
ଶଙ୍ଖନାଭି ମଣ୍ଡଳ ଜ୍ୟୋତି । ଖସିଲା ହୋଇ ଦ୍ରୁତ ଗତି ।।
ବିସ୍ତାରି ଗଲା ଭୂମଣ୍ଡଳ । ତପସ୍ୱୀ ହୋଇଲେ ନିଶ୍ଚଳ ।।

ଛାତ୍ରିବିଞ୍ଛ ତ୍ରାଟକ ସୂତ୍ରେ । କ୍ଷୀର ସାଗର ଆଣି ମନ୍ତ୍ରେ ।।
ସୂକ୍ଷ୍ମରେ ସ୍ନାନ କରାଇଲେ । ପାଠେ ଶଙ୍ଖୁଆ ନାମ ଦେଲେ ।।
ସୂକ୍ଷ୍ମେ ଅମୃତ ପାନ କଲେ । କ୍ଷୀରସ୍ନାନକୁ ମାଗି ନେଲେ ।।
ସ୍ନାନ ସହିତ ବ୍ରହ୍ମ ଯଜ୍ଞ । ମାଗିଲେ କୌଶଳେ ବ୍ରହ୍ମଜ୍ଞ ।।
ତାଙ୍କରି ଇଚ୍ଛା ପୂର୍ଣ୍ଣ ପାଇଁ । ଆଜି ଶଙ୍ଖୁଆ ଧନ୍ୟ ହୋଇ ।।
କରୁଛି କ୍ଷୀରସ୍ନାନ ଯଜ୍ଞ । ସୂକ୍ଷ୍ମରେ ଅଛନ୍ତି ବ୍ରହ୍ମଜ୍ଞ ।।

ଶଙ୍ଖୁଆଠାରେ କ୍ଷୀରସ୍ନାନ ହେବାର ରହସ୍ୟ ଉନ୍ମୋଚନ ଛଳରେ ପରମଦୟାଳୁ ଠାକୁରେ କହିଲେ, ''ଘୋର କଳିର ଅନ୍ତିମ ସମୟରେ ଦୁଇଜଣ ତପସ୍ୱୀ ଯଥା ''ନାଭିବ୍ରତ ଓ ଧୃତକାନ୍ତ'' ଏହି ସ୍ଥାନରେ ତାଙ୍କର ଆଶ୍ରମ ସ୍ଥାପନ କରି କଠୋର ତପ ଆଚରଣ କରୁଥିଲେ । ଶଙ୍ଖନାଭି ମଣ୍ଡଳରେ ଶ୍ରୀ ବିଷ୍ଣୁଙ୍କୁ ଦର୍ଶନ କରିବାର କାମନା କରି ସେମାନେ ତପସ୍ୟା କରୁଥିଲେ । ଫାଲ୍‌ଗୁନ ପୂର୍ଣ୍ଣିମାର ନିଶାର୍ଦ୍ଧରେ ସେମାନେ କ୍ଷୀରାବ୍ଧିବର୍ଣ୍ଣ ନାଭିପଦ୍ମରେ ଶଙ୍ଖନାଭି ମଣ୍ଡଳର ଜ୍ୟୋତି ମଧ୍ୟରେ ଶ୍ରୀବିଷ୍ଣୁଙ୍କ ଦର୍ଶନ ପାଇଥିଲେ, ଦର୍ଶନ ପ୍ରାପ୍ତି ସମୟରେ ବ୍ରହ୍ମଙ୍କ କଲ୍ୟାଣରୁ ଶଙ୍ଖନାଭି ମଣ୍ଡଳର ଜ୍ୟୋତିପୁଞ୍ଜ ଏହି ସ୍ଥାନରେ ବିଚ୍ଛୁରିତ ହୋଇ ଧରିତ୍ରୀ ସ୍ପର୍ଶ କରିଥିଲା । ତେଣୁ ସେହି ତପସ୍ୱୀ ଦ୍ୱୟ ଏହି ସ୍ଥାନକୁ ''ଶଙ୍ଖୁଆ'' ନାମରେ ନାମିତ କରିଥିଲେ । ଦର୍ଶନ ସମୟରେ ଏହି ତପସ୍ୱୀମାନେ ଛାତ୍ରିବିଞ୍ଛ, ତ୍ରାଟକ ସୂତ୍ରଦ୍ୱାରା ବ୍ରହ୍ମପାଦକୁ କ୍ଷୀରସ୍ନାନ କରାଇଥିଲେ ଓ ଅମୃତ ସ୍ନାନୋଦକ ପାନ କରି ପୁଲକିତ ହୋଇଥିଲେ । ସମାଧି ଅବସ୍ଥାରେ ସେମାନେ ଶ୍ରୀବିଷ୍ଣୁଙ୍କ ନିକଟରେ ବର ଭିକ୍ଷା କରିଥିଲେ । ଉକ୍ତ ଶଙ୍ଖୁଆରେ ସେହି ଫାଲ୍‌ଗୁନ ପୂର୍ଣ୍ଣିମାରେ ସ୍ଥୂଳରେ କ୍ଷୀରସ୍ନାନ ସହ ଜଗତକଲ୍ୟାଣ ଉଦ୍ଦେଶ୍ୟରେ ବ୍ରହ୍ମ ଯଜ୍ଞାନୁଷ୍ଠାନ କରାଇବା ପାଇଁ । ତେଣୁ ସେହି ତପସ୍ୱୀ ଦ୍ୱୟଙ୍କର ମନୋବାଞ୍ଛା ପୂର୍ଣ୍ଣ ପାଇଁ ଏହି ମହୋତ୍ସବ ପାଳିତ ହୋଇଅଛି ।

ଏହାପରେ ଆନନ୍ଦରେ ଅଧୀର ହୋଇ ଜିଜ୍ଞାସୁ ଜଣକ ଅଳି କଲା, ''ଭୋ ମଣିମା ! ଆପଣଙ୍କ ଶ୍ରୀମୁଖରୁ ସମସ୍ତ ରହସ୍ୟ ଶୁଣି ମୁଁ ନିସ୍ତରିଗଲି ପ୍ରଭୋ ! ମାତ୍ର ମୋ ମନରେ ଆଉ ଗୋଟିଏ ସନ୍ଦେହ ରହିଗଲା । ତାହା ହେଉଛି : ତପସ୍ୱୀ ଦ୍ୱୟଙ୍କ ଇଚ୍ଛାପୂର୍ଣ୍ଣ କରିବାପାଇଁ ଆପଣ ସ୍ୱୟଂ ଉପସ୍ଥିତ ରହି ଏହି ମହୋତ୍ସବ କରି କରାଉଛନ୍ତି । ମାତ୍ର ଏହା ଦ୍ୱାରା ଆମର ତଥା ଜଗତର କି ମଙ୍ଗଳ ସାଧିତ ହେବ ?'' ଠାକୁର କହିଲେ, ''ପୂର୍ବରୁ କହିଲି ପରା ଦ୍ୱାପର ଯୁଗର ଋଷିଗଣ ବର ମାଗି ନେଇଛନ୍ତି ଯେତେବେଳେ ସାଗର ଉପଚାର ପୂଜାରେ ବ୍ୟବହୃତ ହେବ, ସେତେବେଳେ ଶଙ୍ଖନାଭି ଜ୍ୟୋତି ପିଣ୍ଡରୁ ସୂକ୍ଷ୍ମଶକ୍ତି ଧରାପୃଷ୍ଠକୁ ଆସି ସେହି ପୂଜିତ ସାଗର ଅଙ୍ଗରେ ରଶ୍ମୀ ଆକାରରେ ଅବସ୍ଥାନ କରିବ । ତେଣୁ ସ୍ନାନ ସମୟରେ ସେହି ଜ୍ୟୋତିରଶ୍ମୀ ସୂକ୍ଷ୍ମରେ ଯେତେବେଳେ ଅବତରିତ ହେବ ତାହାର ସୂକ୍ଷ୍ମ ସତ୍ତା ଉପସ୍ଥିତ ସମସ୍ତଙ୍କ ପିଣ୍ଡ ସ୍ପର୍ଶ କରିବ । ଏଥିରେ ସନ୍ଦେହ କେଉଁଠି ରହିଲା ? ତପନିଷ୍ଠ ଯୋଗୀମାନେ ତାହାକୁ ଦର୍ଶନ କରିପାରିବେ । ଅନ୍ୟମାନେ ଦର୍ଶନ କରି ନ ପାରିଲେ ମଧ୍ୟ ଜ୍ୟୋତି ଦର୍ଶନର ସୂକ୍ଷ୍ମ ଫଳ ନିଶ୍ଚୟ ପ୍ରାପ୍ତ ହେବେ । ଏହି ସୂକ୍ଷ୍ମ ଫଳର ଚମତ୍କାରିତା ପରବର୍ତ୍ତୀ ପର୍ଯ୍ୟାୟରେ ବୁଝାଇ ଦେବି ।''

ହେ ସଜ୍ଜନମଣ୍ଡଳି ! ଏଥୁ ଅଧିକ ଆଉ କ'ଣ ସୂଚନା ଆମେ ଆପଣମାନଙ୍କୁ ଦେବୁ ? କଲ୍ୟାଣମୟଙ୍କ ମଙ୍ଗଳ ଇଚ୍ଛାହିଁ ପୂର୍ଣ୍ଣ ହେଉ । ଲୀଳାମୟ ପରମପୁରୁଷଙ୍କର ଜୟ ହେଉ ।

**ଓଁ ଶାନ୍ତିଃ ! ଓଁ ଶାନ୍ତିଃ ! ଓଁ ଶାନ୍ତିଃ !**



# ଆଶ୍ରମ ସନ୍ଦେଶ

| | | |
|---|---|---|
| ୪-ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା | : | ସ୍ୱର୍ଣ୍ଣକ୍ଷେତ୍ର ନବଦିବସ ବ୍ୟାପୀ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ମର୍ତ୍ତ୍ୟାବତରଣ ମହୋତ୍ସବ ପାଳନ ଓ ସମସ୍ତ ଶାଖାରେ ଭାଗବତ ପାରାୟଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ମହୋତ୍ସବ । |
| ୧୨-ମୂଳାଷ୍ଟମୀ | : | 'ଚରମ'ମୁଦ ଉନ୍ମୋଚନ ବାର୍ଷିକୀ । |
| ୨୪- ଶୁକ୍ଳ ଷଷ୍ଠୀ (ତପଃଷଷ୍ଠୀ) | : | ନିଳାଦ୍ରୀ ବିହାର (ଭୁବନେଶ୍ୱର) |

## ସୂଚନା

- ଭାଇଭଉଣୀମାନଙ୍କୁ ଅନୁରୋଧ, ନିଜର/ ପରିବାରର ଯେ କୌଣସି ମାଙ୍ଗଳିକ କାର୍ଯ୍ୟ ପୂର୍ବରୁ ସର୍ବ ପ୍ରଥମେ ବିଧିବଦ୍ଧ ଶ୍ରୀ ଗୁରୁସ୍ୱାମୀଙ୍କ ଚରଣୀ ନିବେଦନ ସର୍ବାଦୌ କରଣୀୟ । ସ୍ୱର୍ଣ୍ଣକ୍ଷେତ୍ରରେ କିମ୍ବା କ୍ଷିତିଜ୍ୟୋତି ଆଶ୍ରମ ଶାଖାରେ ଶ୍ରୀପାଦୁକା/ଶ୍ରୀ ବିଗ୍ରହଙ୍କ ନିକଟରେ ନିବେଦନ କରିପାରିବେ ।
- ବାପୁଜୀ ଶିଶୁମନ୍ଦିର (ଅନାଥାଶ୍ରମ)କୁ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶିଶୁମନ୍ଦିର ପରିଚାଳନା ନିମନ୍ତେ ସ୍ଥାୟୀ ସଦସ୍ୟ ଗ୍ରହଣ କରାଯାଉଅଛି । ଏଥିନିମନ୍ତେ ମାସିକ/ବାର୍ଷିକ ଅଞ୍ଜଳି ଦେଇ ସ୍ଥାୟୀ ସଭ୍ୟ ହୁଅନ୍ତୁ ।
- 'ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ' ବିଧିବିଧାନରେ ଅନୁଷ୍ଠିତ ହେଉଥିବା (କେନ୍ଦ୍ର/ସଂଘ ଆୟୋଜିତ-ଶାଖା/ ପାରିବାରିକ/ଆଞ୍ଚଳିକ/ଯଜ୍ଞ) ସତ୍‌ସଙ୍ଗ କିମ୍ବା ଉତ୍ସବାନୁଷ୍ଠାନମାନଙ୍କରେ ବହୁଳ ସଂଖ୍ୟାରେ ଯୋଗ ଦିଅନ୍ତୁ । ଏଥି ନିମନ୍ତେ ରସିଦ୍ ମାଧ୍ୟମରେ ଯଥାସାଧ୍ୟ ଦାନ/ସତ୍‌ସଙ୍ଗ ଅଞ୍ଜଳି ପ୍ରଦାନ କରନ୍ତୁ ।

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି